R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୭
ତିଥି: ତ୍ରୟୋଦଶୀ
୦୧ ମାର୍ଚ୍ଚ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 147
01 March 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## 'ସମୟ' କନ୍‌କ୍ଲେଭ୍ ୨୦୨୬

# ଭବିଷ୍ୟପିଢି ଲାଗି ଆମକୁ କିଛି କରିବାକୁ ପଡ଼ିବ




ଭୁବନେଶ୍ୱର, ୨୮ ।୨ (ସବ୍ୟୁ) : ସମଗ୍ର ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ହୋଇ ଛିଡ଼ା ହୋଇଛି । ଯେତେବେଳେ ଜଳବାୟୁ ପରିବର୍ତ୍ତନ କଥା ଆସେ ସେତେବେଳେ ସାମାଜିକ ଦାୟିତ୍ୱବୋଧ ବଢ଼ିଯାଏ । ଗଛ ଲଗାଇଦେଲେ ହେବନି, ବରଂ ସେହି ଗଛକୁ ଲାଳନ ପାଳନ କରି ବଞ୍ଚାଇବାକୁ ପଡ଼ିବ । ତାହେଲେ ପରିବେଶ ସୁରକ୍ଷିତ ହେବ । ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ଆମେ ପଦଚିହ୍ନ ଛାଡି ଯିବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି ।

ସମୟ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ନିରାକରଣରେ ସାମାଜିକ ଦାୟିତ୍ୱବୋଧ ଶୀର୍ଷକ କନକ୍ଲେଭ-୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କରିଥିଲେ, କଳକାରଖାନାଗୁଡିକ ଯେଉଁ ହାରରେ ବଢୁଛି ତାହାର ପ୍ରଭାବ ଜଳବାୟୁ ପରିବର୍ତ୍ତନରେ ପଡୁଛି । ତାହାର ନିରାକରଣ ଆବଶ୍ୟକ । ୫୦ ବର୍ଷ ତଳେ କ୍ଷୁଧା ମୁକ୍ତ ଲାଗି ଅନୁନ୍ନତ ଦେଶ ପାଇଁ ଉଦ୍ଦେଶ୍ୟ ରଖାଯାଇଥିଲା। ସେଇଠୁ ଆମେ ବାହାରି ଆସିଛେ । ହେଲେ ଆମେ ଏବେ ଜଳବାୟୁ ଛନ୍ଦି ହୋଇଯାଇଛୁ । ସଚେତନା ପ୍ରକ୍ରିୟା ଆରମ୍ଭ ହୋଇଛି । ବିକାଶ ଆସିଲେ ବିନାଶ ଯୋଡି ହେବ । ଶିଳ୍ପାୟନ ଓ ରାସ୍ତା ନିର୍ମାଣ ପାଇଁ ଗଛକଟା ହେବ। ଯେଉଁ ଏଜେନ୍ସି ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱ ନେଉଛନ୍ତି ତାହାର ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷ ଚୁକ୍ତି ବି କରୁଛି । ସେହିପରି ରାସ୍ତାର ଏଷ୍ଟିମେଟରେ ଏକ ପ୍ରତିଶତ ଟଙ୍କା ଗଛ ଲଗାଇବାକୁ ଏବେ ଯୋଜନା କରାଯାଇଛି । କେବଳ ଗଛ ଲଗାଇ ଏଜେନ୍ସି ଆଉ ଖସି ପାରିବେନି ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ଲାଗି ସେମାନେ ବହନ କରିବେ । ଏକକ ପ୍ଲାଷ୍ଟିକ୍ ବ୍ୟବହାର ଆମ ପାଇଁ ବଡ ଆହ୍ୱାନ ସୃଷ୍ଟି କରିଛି । ତେବେ ପ୍ଲାଷ୍ଟିକ ବ୍ୟବହାର କରି ଆମେ ରାସ୍ତା ନିର୍ମାଣ କରିବୁ, ଯାହା ୧୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ ଖରାପ ହେବ ନାହିଁ । ରାମେଶ୍ୱରରୁ ଟାଙ୍ଗି ପର୍ଯ୍ୟନ୍ତ ସ୍ୱତନ୍ତ୍ର କରିଡର ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାର କରାଯିବ । କଳକାରଖାନାରୁ ବାହାରୁଥିବା ପାଉଁଶକୁ ବ୍ୟବହାର କରି ବାଲି ତିଆରି କରାଯିବ । ଯେଉଁଠି ଜଙ୍ଗଲ ନଷ୍ଟ ହୋଇଛି, ସେହି ସ୍ଥାନରେ ନଷ୍ଟ ହୋଇଥିବା ଗଛର କିଷମ ଲଗାଇବାକୁ ଯୋଜନା ଆରମ୍ଭ ହୋଇଛି । ସମଗ୍ର ବିଶ୍ୱରେ ଯୁବ ପୀଢିଙ୍କ ଭବିଷ୍ୟତ ପାଇଁ କିଛି ଛାଡିକି ଯିବା ଯେପରି ସେମାନେ ବଞ୍ଚିବାର ବାଟ ଦେଖିବେ ।

ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଆମେ ଦୈନନ୍ଦିନ ବ୍ୟବହାରରେ ପରିବର୍ତ୍ତନ କରିବା । ପରିବେଶକୁ ବଞ୍ଚାଇବା ଲାଗି ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଲୋକମାନେ କିପରି ତୃଣମୂଳ ସ୍ତରରେ କାର୍ଯ୍ୟ କରି ସରକାରଙ୍କ ସହିତ ସହଭାଗିତାରେ ପରିବେଶ ସୁରକ୍ଷା କରିବେ ସେ ଦିଗରେ ସଚେତନ ହେବା ଉଚିତ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମା ପାଇଁ ଗଛଟିଏ ନାରା ଦେଇଛନ୍ତି । ମାଙ୍କ ନାମରେ ଗୋଟିଏ ଗଛ ଲଗାଇବାକୁ ସେ ଆହ୍ୱାନ ଦେଇଛନ୍ତି । ଜଳବାୟୁ ସୁରକ୍ଷା ପାଇଁ ୱାଟର ଆକଫ ୨୦୨୪ ଆସିଛି । ପରିବେଶକୁ ସୁରକ୍ଷା ଲାଗି ଚର୍ଚ୍ଚା ଆରମ୍ଭ ହେଲାଣି । ମାଟି ପ୍ରଦୂଷଣକୁ କିପରି ନିୟନ୍ତ୍ରଣ କରିବା ଏବେ ଚିନ୍ତା ବଢିଯାଇଛି । ବରଗଡ ଜିଲ୍ଲାରେ ମାଟିର ଉର୍ବରତା କମିଗଲାଣି । ମାଟି ଉର୍ବର କମିବା ଯୋଗୁଁ ଅତ୍ୟଧିକ ସାର ବ୍ୟବହାର ଯୋଗୁଁ ବିଭିନ୍ନ ରୋଗ ଯେପିରିକି କର୍କଟ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଘରୋଇ କମ୍ପାନୀଗୁଡିକ ଖଣି ନିଲାମ ନେଇ ଉତ୍ତୋଳନ କରିବା ବେଳେ ଗଛ କାଟିବାକୁ ପଡେ, ତେବେ ଗୋଟିଏ ଗଛ କାଟିଲେ ତିନୋଟି ଗଛ ଲଗାଇବାକୁ ନିୟମ ରହିଛି । ଗଛ ଲଗାଇ ଦେଇ ତାର ଲାଳନ ପାଳନ ନକରିବା ଯୋଗୁଁ ଅଧିକାଂଶ ସମୟରେ ସେହି ଜାଗାରେ ପଡିଆ ହୋଇଯାଉଛି । ତେଣୁ ଗଛ ଲଗାଇବା ସହ ଆଗାମୀ ୫ ବର୍ଷ ପାଇଁ ବଞ୍ଚାଇବା ଲାଗି ଲାଳନ ପାଳନ ଦାୟିତ୍ୱ ପ୍ରଦାନ କରାଯିବ । ଅନ୍ୟତମ ଅତିଥି ସମ୍ ଅଲ୍‌ଟିମେଟର ବରିଷ୍ଠ ଡାକ୍ତର ତଥା ମେଡିସିନର ବିଭାଗର ମୁଖ୍ୟ ଡା. ଶ୍ରୀକାନ୍ତ କୁମାର ଧର କହିଥିଲେ, ରଥଯାତ୍ରାରେ ରଥ ପାଇଁ କାଠ ଜଙ୍ଗଲରୁ ଆସୁଛି । ଆମେ ଯଦି ପରିବେଶକୁ ନବଞ୍ଚାଇବା ତେବେ କାଠ କେଉଁଠୁ ଆସିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ନିହାତି ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାସାଧିକ ଧରି ଜ୍ୱର, କାଶ କମୁନି । ଓଜନ ସ୍ତର କମିଛି, ତେଣୁ ଭିଟାମିନ୍ ଡି (୯ ପୃଷ୍ଠାରେ)

■ ପ୍ରତିବର୍ଷ ପ୍ରଦୂଷଣ ଯୋଗୁଁ ୨.୫ ଲକ୍ଷ ଜୀବନ ଯିବ
■ ଖଣିଜ ସମ୍ପଦ ଭରପୁର ଓଡ଼ିଶାରେ ଗରିବୀ ହଟୁନି
■ ମାଟି ପ୍ରଦୂଷଣ ନିୟନ୍ତ୍ରଣ ଏବେ ଚିନ୍ତା ବଢ଼ାଇଛି
■ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଏବେ ବଡ଼ ଆହ୍ୱାନ
■ ଫେବୃଆରୀରେ କାଳବୈଶାଖୀ ଜଳବାୟୁ ପରିବର୍ତ୍ତନର ଆଭାସ

# ଇରାନ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣ



■ ଜବାବରେ ୭ ଦେଶ ଉପରେ ଆକ୍ରମଣ କଲା ଇରାନ
■ ସ୍କୁଲରେ ବୋମାମାଡ଼ ଯୋଗୁ ଇରାନର ୮୫ ଛାତ୍ରୀ ମୃତ
■ ଆମେରିକୀୟ ସାମରିକ ଘାଟି ଉପରେ ଇରାନର ଆକ୍ରମଣ

ନୂଆଦିଲ୍ଲୀ, ୨୮ ।୨ : ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ ହୋଇପଡିଛି। ଇରାନ ଉପରେ ଆମେରିକା ଆକ୍ରମଣ କରିବା ପରେ ଇରାନ ତାର ପାଲଟା ଜବାବ ଦେଇଛି। ଏକକାଳୀନ ୭ ଦେଶ ଉପରେ ଇରାନ ଆକ୍ରମଣ କରିଛି। ଇରାନର ଆକ୍ରମଣରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବାସିନ୍ଦାଙ୍କୁ କହିଛନ୍ତି ଯେ ନିଜ ସରକାରଙ୍କୁ ହାତକୁ ନିଅନ୍ତୁ। ତେବେ ପରିସ୍ଥିତି ସମ୍ପୂର୍ଣ୍ଣ ଉତ୍ତେଜନପୂର୍ଣ୍ଣ ରହିଛି।

ଇରାନ ଉପରେ ଆଜି ପ୍ରଥମେ ଆମେରିକା ଆକ୍ରମଣ କରିଛି। ଇରାନର ସୁପ୍ରିମ ଲିଡର ଆୟୋଟୋଲା ଅଲ୍ଲୀ ଖାମନେଇଙ୍କ ବାସ ଭବନ ନିକଟରେ ପ୍ରଥମେ ବିସ୍ଫୋରଣ ହୋଇଥିଲା। ଏହାପରେ ଇରାନର ବହୁ ସ୍ଥାନରେ ବିସ୍ଫୋରଣ କରାଯାଇଛି। ବିସ୍ଫୋରଣ ଯୋଗୁଁ ସମଗ୍ର ଅଞ୍ଚଳ ଧୂଆଁରେ ଭର୍ତ୍ତି ହୋଇଯାଇଛି। ଇରାନ ରାଜଧାନୀ ତେହରାନ ମଧ୍ୟ ଧୂଆଁରେ ଆଚ୍ଛାଦିତ ହୋଇଯାଇଛି। ଅଧିକାଂଶ ଇରାନ ବାସିନ୍ଦା ଏବେ ବିଭିନ୍ନ ସ୍ଥାନରେ ସୁରକ୍ଷା ସ୍ଥଳୀ ଖୋଜୁଛନ୍ତି। ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ୮୫ ଛାତ୍ରୀଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଆମେ ଏହାର କଡା ଜବାବ ଦେବୁ। ଅମେରିକା ଓ ଇସ୍ରାଏଲର ଆକ୍ରମଣ ଯୋଗୁଁ ଏବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଜବାବରେ ଇରାନ ଆମେରିକା ଓ ଇସ୍ରାଏଲ ନୁହେଁ କତାର, ୟୁଏଇ ଓ ବାହାରିନରେ ଆକ୍ରମଣ କରିଛି। ଏହି ଦେଶ ଗୁଡିକରେ ଆମେରିକାର ୭ ସାମରିକ ଘାଟି ରହିଛି। ରିପୋର୍ଟ ଅନୁଯାୟୀ ଆମେରିକା ପଞ୍ଚମ ନୌବାହିନୀ ସେବା କେନ୍ଦ୍ର ଇରାନୀ କ୍ଷେପଣାସ୍ତ୍ର ଆକ୍ରମଣର ଶିକାର ହୋଇଛି। ମନୋମାରେ ଆକ୍ରମଣ ହୋଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ଆମେରିକାର ନୌସେନା ଘାଟି ଥିବା ବାହାରିନ ଜୁଫେର ଅଞ୍ଚଳରେ ପ୍ରବଳ ଧୂଆଁ ଦେଖିବାକୁ ମିଳିଛି। ଇସ୍ରାଏଲ ଆଜି ସାଉଦିଆରବ, ୟୁଏଇ, କତାର, କୁଏଥ ଏବଂ ବାହାରିନକୁ ଟାର୍ଗେଟ କରି ପ୍ରତିଶୋଧ ନେଇଛି। ଆମେରିକୀୟ ବିମାନ ଘାଟି ଉପରେ ଆକ୍ରମଣର ଚେତାବନୀ ଦେଇ ବିମାନ ଅକ୍ରମଣ ସାଇରନକୁ ସକ୍ରିୟ କରାଯାଇଛି। ବାହାରିନର ରାଜଧାନୀ ମୋନାମୋରରେ ବିସ୍ଫୋରଣ ହୋଇଛି। ଇରାନ ଆକ୍ରମଣ ପରେ କତାର ଏବଂ ୟୁଏଇ ସେମାନଙ୍କ ବାୟୁ ସୀମାକୁ ବନ୍ଦ କରିଦେଇଛି। ଆକାଶ (୯ ପୃଷ୍ଠାରେ)

### ଦେଶବ୍ୟାପୀ ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣର ନିରାକରଣ ଲାଗି ଟୀକାକରଣ ଅଭିଯାନ

# ଟୀକାକରଣ ଆମ ଝିଅଙ୍କ ସ୍ୱାସ୍ଥ୍ୟ, ଭବିଷ୍ୟତ ସୁରକ୍ଷିତ କରିବ : ମୁଖ୍ୟମନ୍ତ୍ରୀ




ରାଜସ୍ଥାନର ଆଜମେର ଠାରୁ ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି
କୃଷି ଭବନ ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮ ।୨ (ସବ୍ୟୁ) : ରାଜସ୍ଥାନର ଆଜମେର ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପୀ ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣର ନିରାକରଣ ପାଇଁ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି।

ଏହି କ୍ରମରେ ଭୁବନେଶ୍ୱର କୃଷି ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଏକ ରାଜ୍ୟସ୍ତରୀୟ ଉତ୍ସବରେ ହ୍ୟୁମାନ ପାପିଲୋମା ଭାଇରସ୍ ବା ଏଚ୍‌ପିଭି ନିରାକରଣ ପାଇଁ ରାଜ୍ୟବ୍ୟାପୀ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି ଯେ, ଏହି ଟୀକାକରଣ ଅଭିଯାନ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ, ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହାର ଲକ୍ଷ୍ୟ ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଅଭିଯାନରେ ଓଡିଶାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟୀକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଟୀକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ। ଏହି ଟୀକା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ।

ଭୁବନେଶ୍ୱର ଠାରେ (୯ ପୃଷ୍ଠାରେ)

## ବାଣ କାରଖାନାରେ ବିସ୍ଫୋରଣ

# ୨୧ ମୃତ, ୧୩ରୁ ଉର୍ଦ୍ଧ୍ୱ ଆହତ



ନୂଆଦିଲ୍ଲୀ, ୨୮ ।୨ : ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶ କାକିନାଡାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୧ ଜଣଙ୍କର ମୃତ୍ୟୁ ହୋଇଛି। ଏହାଛଡା ବିସ୍ଫୋରଣରେ ୧୩ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ ସମରଲୋକୋଟା ମଣ୍ଡଳ ଅନ୍ତର୍ଗତ ୱେଟଲାପାଲେମରେ ଗୋଦାବରୀ କ୍ୟାନେଲ ନିକଟରେ ଥିବା ସୂର୍ଯ୍ୟ ଶ୍ରୀ ଫାୟାର ୱାର୍କ୍ସ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିଆଁର ଧାସ ଓ ଘନ ଧୂଆଁ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିଦେଇଥିଲା। ପାଖାପାଖି ଗାଁଗୁଡ଼ିକରେ ମଧ୍ୟ (୯ ପୃଷ୍ଠାରେ)

## ପ୍ରଭାତ ବିଶ୍ୱାଳ ବିଜେଡିରୁ ବହିଷ୍କୃତ



ଭୁବନେଶ୍ୱର, ୨୮ ।୨ (ସବ୍ୟୁ) : ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଉପରେ ଦଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶ୍ରୀ ବିଶ୍ୱାଳଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳ ପକ୍ଷରୁ ରାଜ୍ୟସଭା ଲାଗି ସନ୍ତୃପ୍ତ ମିଶ୍ରଙ୍କ ନାମ ଘୋଷଣା ପରେ ପ୍ରଭାତ ପ୍ରତିକ୍ରିୟାଶୀଳ ହୋଇଥିଲେ। ସେ ଓ ତାଙ୍କ ପୁଅ ବିଧାୟକ ସୌଭିକ୍ ବିଶ୍ୱାଳ ସନ୍ତୃପ୍ତଙ୍କ ପ୍ରାର୍ଥୀତ୍ୱକୁ ନେଇ ଆପତ୍ତି ଉଠାଇଥିଲେ। (୯ ପୃଷ୍ଠାରେ)

## ରାଜ୍ୟସଭା ଲାଗି ପ୍ରାର୍ଥୀ ଘୋଷଣା କଲା ବିଜେଡି

# ସନ୍ତୃପ୍ତ ଦଳୀୟ ପ୍ରାର୍ଥୀ, ଡା.ଦଣ୍ଡେଶ୍ୱର କମନ୍ ପ୍ରାର୍ଥୀ



ଦଣ୍ଡେଶ୍ୱରଙ୍କୁ ସମର୍ଥନ ଲାଗି ଅନ୍ୟ ଦଳକୁ ନବୀନଙ୍କ ନିବେଦନ
ଦଣ୍ଡେଶ୍ୱରଙ୍କୁ ସମର୍ଥନ କଲା କଂଗ୍ରେସ

ଭୁବନେଶ୍ୱର, ୨୮ ।୨ (ସବ୍ୟୁ) : ବିଜେଡି ତା'ର ରାଜ୍ୟସଭା ଲାଗି ପ୍ରାର୍ଥୀ ଘୋଷଣା କରିଛି। ଜଣେ ଦଳୀୟ ପ୍ରାର୍ଥୀ ଓ ଜଣେ କମନ ପ୍ରାର୍ଥୀ ଘୋଷଣା କରି ବିଜେଡି ସଭାପତି ନବୀନ ପଟ୍ଟନାୟକ ପୁଣି ସରପ୍ରାଇଜ୍ ଦେଇଛନ୍ତି। ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ରଙ୍କୁ ଦଳିୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାବେଳେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ସାଧାରଣ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ନବୀନ ନିବାସରେ ଶ୍ରୀ ପଟ୍ଟନାୟକ ଆଜି ଦୁଇ ଜଣଙ୍କର ପ୍ରାର୍ଥିତ୍ୱ ଘୋଷଣା କରିଛନ୍ତି। ବିଶିଷ୍ଟ ତଥା ସୁନାମଧନ୍ୟ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ସବୁ ଦଳ ସମର୍ଥନ କରିବାକୁ ନବୀନ ନିବେଦନ କରିଛନ୍ତି।

ଆଜି ନବୀନ ନିବାସରେ ବିଜେଡି ବିଧାୟକ ଦଳର ପୁଣି ବୈଠକ ବସିଥିଲା। ବୈଠକରେ ପ୍ରାର୍ଥୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତକାଲି ହୋଇଥିବା ବୈଠକରେ କୌଣସି ନିଷ୍ପତ୍ତି ହୋଇନଥିଲା। ତେବେ ପିଏସି ବୈଠକରେ ପ୍ରାର୍ଥୀ ଚୟନ କ୍ଷମତା ନବୀନଙ୍କ ଉପରେ ଛାଡ଼ି ଦିଆଯାଇଥିଲା। ସଂଖ୍ୟା ଦୃଷ୍ଟିକୋଣରୁ ବିଜେଡିର ଜଣେ ପ୍ରାର୍ଥୀ ନିର୍ବାଚିତ ହେବା ନିଶ୍ଚିତ। ତେବେ କମନ୍ ପ୍ରାର୍ଥୀ କରାଯାଇଥିବା ଦଣ୍ଡେଶ୍ୱର ହୋତାଙ୍କ ପାଇଁ ଅନ୍ୟ ଦଳର ସମର୍ଥନ ଯୋଗାଡ କରିବାକୁ ପଡ଼ିବ। କଂଗ୍ରେସ ପୂର୍ବରୁ ଦଣ୍ଡେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଥିଲା। ଆଜି ନବୀନ ଶ୍ରୀ ହୋତାଙ୍କ ନାମ ଘୋଷଣା କରିବା ପରେ କଂଗ୍ରେସ ମଧ୍ୟ ତାଙ୍କୁ ସମର୍ଥନ କରିବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ଯଦି କଂଗ୍ରେସ, ସିପିଏମ୍ ଓ ବିଜେଡିର ବିଧାୟକମାନେ ଶ୍ରୀ ହୋତାଙ୍କୁ ସମର୍ଥନ ଦିଅନ୍ତି ତେବେ ତାଙ୍କର ବିଜୟ ମଧ୍ୟ ସୁନିଶ୍ଚିତ ହେବ। (୯ ପୃଷ୍ଠାରେ)

# ଚକୋଲେଟ ଟ୍ରେନ




ୟୁରୋପର ଜଣେ ଆର୍ଟିଷ୍ଟ ନିକଟରେ ଏକ ଟ୍ରେନ ନିର୍ମାଣ କରିଛନ୍ତି ଯାହାସେ ଚକୋଲେଟକୁ ବ୍ୟବହାର କରି ପ୍ରସ୍ତୁତ କରିଛନ୍ତି । ଏହି ଟ୍ରେନର ଲମ୍ବ ୫୫ ମିଟର ରହିଥିବାବେଳେ ଏହା ଦେଖିବାକୁ ଖୁବ ସୁନ୍ଦର ହୋଇଛି । ଏଣ୍ଡ୍ରୁ ଫାରୁଗିଆ ନାମକ ଏହି ଆର୍ଟିଷ୍ଟ ତୃତୀୟ ଥର ପାଇଁ ଏହି ବିଶ୍ୱ ରେକର୍ଡ କରିଛନ୍ତି । ଏହି ଟ୍ରେନର ଲମ୍ବ ୫୫.୨୭ ମିଟର ହୋଇଥିବାବେଳେ ଏଥିରେ ଷ୍ଟିମ ଇଞ୍ଜିନ ସହିତ ୨୨ଟି ବଗି ଲାଗିଛି । ଟ୍ରେନର ପ୍ରତ୍ୟେକ ଡବାର ଓଜନ ୧୬୦ କିଗ୍ରା ରହିଛି । ଏହି ଟ୍ରେନଟି ପ୍ରସ୍ତୁତ କରିବା ପାଇଁ ଆର୍ଟିଷ୍ଟ ଜଣଙ୍କ ବେଲଜିୟମ ଚକୋଲେଟରେ ନିର୍ମାଣ କରାଯାଇଛି, ଯାହା ବେଶ ସ୍ୱାଦିଷ୍ଟ ଓ ଦାମୀ । ପାଖାପାଖି ୧ ବର୍ଷର ଯୋଜନା ଓ ୪ମାସର ପରିଶ୍ରମ ପରେ ଏହି ଟ୍ରେନଟିକୁ ନିର୍ମାଣ କରାଯାଇଛି । ପ୍ରଥମେ ମାଟିରେ ଏହାର ଏକ ମଡେଲ ନିର୍ମାଣ କରାଯାଇଥିଲା ଯାହାପରେ ଚକୋଲେଟ ବ୍ୟବହାର କରି ଏହାକୁ ନିର୍ମାଣ କରାଯାଇଥିଲା ।

# କାହିଁକି ଶୁଖିଛି ମଙ୍ଗଳ

ମଙ୍ଗଳ ଗ୍ରହ କିପରି ଶୁଷ୍କ ଓ ମରୁଭୂମିରେ ପରିଣତ ହେଲା, ସେହି ରହସ୍ୟ ଉପରୁ ପରଦା ହଟାଇବା ପାଇଁ ବୈଜ୍ଞାନିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଛନ୍ତି। 'କମ୍ୟୁନିକେସନସ୍ ଆର୍ଥ ଆଣ୍ଡ ଏନଭାଇରନମେଣ୍ଟ' ପତ୍ରିକାରେ ପ୍ରକାଶିତ ଏକ ନୂତନ ଆନ୍ତର୍ଜାତୀୟ ଅଧ୍ୟୟନ ଅନୁସାରେ, ମଙ୍ଗଳ ଗ୍ରହରେ ହେଉଥିବା ଶକ୍ତିଶାଳୀ ଆଞ୍ଚଳିକ ଧୂଳିଝଡ଼ ଗ୍ରହର ଜଳ ହ୍ରାସ ପ୍ରକ୍ରିୟାରେ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟ ଏବଂ ଟୋହୋକୁ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନର ଗବେଷକମାନେ ପୂର୍ବରୁ ଉତ୍ତର ଗୋଲାର୍ଦ୍ଧ ଗ୍ରୀଷ୍ମ ଋତୁରେ ଏକ ସ୍ଥାନୀୟ ଧୂଳିଝଡ଼ର ପ୍ରଭାବକୁ ଅନୁଧ୍ୟାନ କରିଥିଲେ । ଏହି ଝଡ଼ ପ୍ରଭାବରେ ବାୟୁମଣ୍ଡଳର ଉପର ଭାଗରେ ଜଳୀୟ ବାଷ୍ପର ପରିମାଣ ସାଧାରଣ ଅପେକ୍ଷା ପ୍ରାୟ ୧୦ ଗୁଣ ବୃଦ୍ଧି ପାଇବା ସହ ମହାକାଶର ସୀମା ନିକଟରେ ହାଇଡ୍ରୋଜେନ୍ ସ୍ତର ପ୍ରାୟ ୨.୫ ଗୁଣ ବଢ଼ିଯାଇଥିବା ଜଣା ପଡିଥିଲା । ଯେତେବେଳେ ଜଳ ଅଣୁଗୁଡ଼ିକ ଭାଙ୍ଗିଯାଏ, ସେଥିରୁ ନିର୍ଗତ ହାଇଡ୍ରୋଜେନ୍ ଗ୍ୟାସ୍ ମହାକାଶକୁ ଚାଲିଯାଏ ଏବଂ ଗ୍ରହରୁ ଜଳ ସବୁଦିନ ପାଇଁ ନଷ୍ଟ ହୋଇଯାଏ । ଏହି ଆବିଷ୍କାର ପ୍ରମାଣ କରିଛି ଯେ କେବଳ ବୃହତ ବିଶ୍ୱବ୍ୟାପୀ ଝଡ଼ ନୁହେଁ, ବରଂ ସ୍ୱଳ୍ପକାଳୀନ ଆଞ୍ଚଳିକ ଧୂଳିଝଡ଼ ମଧ୍ୟ ମଙ୍ଗଳ ଗ୍ରହକୁ ଏକ ଶୁଷ୍କ ଓ ନିର୍ଜଳ ଗ୍ରହରେ ପରିଣତ କରିବାରେ ବଡ଼ ସାହାଯ୍ୟ କରିଛି ।



# ସୋସିଆଲ କୋଟ୍ସ



ଆମେ ଦୁଇଜଣ ଖୁବ କମ ସମୟ ଏକାଠି ବିତାଉଛୁ । ଯେଉଁ କାରଣରୁ ଆମ ଭିତରେ ଝଗଡା କମ ଲାଗିଥାଏ । ଆମ ସଫଳ ବିବାହର ଏହା ହେଉଛି ରାଜ୍ ।

**ଜାଭେଦ୍ ଅଖତର, ଫିଲ୍ମମେକର**



ମୁଁ ହୀରାମଣ୍ଡି ସିରିଜ୍ ଦେଖିବା ପରେ ମନୀଷାଙ୍କୁ କ୍ଷମା ମାଗିଥିଲି । ମୁଁ କିଭଳି ତାଙ୍କ ବିପକ୍ଷରେ ଅଭିନୟ କରିପାରିଲି ବୋଲି ନିଜକୁ ଖରାପ ଲାଗିଥିଲା ।

**ସୋନାକ୍ଷୀ ସିହ୍ନା, ଅଭିନେତ୍ରୀ**



ସର୍ମିନ୍‌ଙ୍କୁ ନେଇ ଦର୍ଶକଙ୍କ ମନ୍ତବ୍ୟ ଖୁବ ଖରାପ ଥିଲା । ସେ ଜଣେ ଭଲ ଅଭିନେତ୍ରୀ । ସେ ବର୍ତ୍ତମାନ ଖୁବ ଛୋଟ ଅଛନ୍ତି, ତାଙ୍କ ମାନସିକ ଉପରେ ଏହାର ଖରାପ ପ୍ରଭାବ ପଡିପାରେ। ସେ ହୀରାମଣ୍ଡି ପାଇଁ ଖୁବ ଅଧିକ ପରିଶ୍ରମ କରିଛନ୍ତି ।

**ଶେଖର ସୁମନ, ଅଭିନେତା**



# ନୋଟରେ ସଜାହେଲେ ମହାଦେବ

ଉଜ୍ଜୈନର ବଡନଗରରେ ଥିବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ଭଗବାନ ଶିବଙ୍କର ମୂର୍ତ୍ତିକୁ ଏକ କୋଟି ମୂଲ୍ୟର ନୋଟରେ ସଜାଯାଇଛି । ଠାକୁରଙ୍କର ମୁକୁଟ, ହାର ସହିତ କାନ୍ଥକୁ ମଧ ଏହି ନୋଟରେ ସଜାଯାଇଛି । ଏହି ସାଜସଜ୍ଜା ପାଇଁ ୧୦ ଟଙ୍କିଆ ଠାରୁ ୫୦୦ ଟଙ୍କିଆ ନୋଟ ପର୍ଯ୍ୟନ୍ତ ବ୍ୟବହାର କରାଯାଇଛି । ଏହି ସମୟରେ ୭ଜଣ କଳାକାର ୨ ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିଥିଲେ, ଯାହା ପରେ ଏହା ସମ୍ପୂର୍ଣ୍ଣ ହୋଇଥିଲା । ସେହିଭଳି ଏହି ସମସ୍ତ ନୋଟ ଗୁଡିକୁ ଶ୍ରଦ୍ଧାଳୁ ମାନେ ଠାକୁରଙ୍କ ସାଜସଜ୍ଜା ପାଇଁ ପ୍ରଦାନ କରିଥିଲେ, ଯାହାକୁ ବର୍ତ୍ତମାନ ସେମାନଙ୍କୁ ହିଁ ଫେରାଇ ଦିଆ ଯିବ ବୋଲି ସୂଚନା ରହିଛି । ବାବାଙ୍କ ସାଜସଜ୍ଜା ପାଇଁ ପାଖାପାଖି ୩ ରୁ ୪ଦିନ ପାଇଁ ସମସ୍ତେ ଏହି ଅର୍ଥକୁ ମନ୍ଦିରକୁ ପ୍ରଦାନ କରିଥାଆନ୍ତି । ଏହା ଏକ ନିଆରା ପରମ୍ପରା ଭାବେ ଏଠାରେ ପାଳନ କରାଯାଇଥାଏ ।

# ଇତିହାସ

୧୫୬୫: ପର୍ତ୍ତୁଗାଲ୍ ଶାସକଙ୍କ ଦ୍ୱାରା ବ୍ରାଜିଲର ରିଓ ଡି ଜେନେରିଓ ସହର ପ୍ରତିଷ୍ଠା କରାଯାଇଥିଲା ।

୧୭୯୦: ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଥମ ଜନଗଣନା କରାଯାଇଥିଲା, ଯେଉଁଥିରେ ସମୁଦାୟ ଜନସଂଖ୍ୟା ୩,୯୨୯,୨୧୪ ରେକର୍ଡ କରାଯାଇଥିଲା ।

୧୮୭୨: ୟେଲୋଷ୍ଟୋନ୍ ନ୍ୟାସନାଲ୍ ପାର୍କ ବିଶ୍ୱର ପ୍ରଥମ ଜାତୀୟ ଉଦ୍ୟାନ ଭାବରେ ପ୍ରତିଷ୍ଠିତ ହୋଇଥିଲା ।

୧୮୯୬: ହେନ୍ରି ବେକ୍ରେଲ୍ ୟୁରାନିୟମ୍ ଲବଣ ସହ କାମ କରୁଥିବା ସମୟରେ ତେଜସ୍କ୍ରିୟତା ଆବିଷ୍କାର କରିଥିଲେ ।

୧୯୧୭: ଜର୍ମାନ ସାମ୍ରାଜ୍ୟ ଦ୍ୱାରା ଜାରି କରାଯାଇଥିବା ଏକ ଗୁପ୍ତ କୂଟନୈତିକ ବାର୍ତ୍ତା 'ଜିମରମ୍ୟାନ୍ ଟେଲିଗ୍ରାମ୍' ଆମେରିକାରେ ପ୍ରକାଶିତ ହୋଇଥିଲା, ଯାହା ଆମେରିକାକୁ ପ୍ରଥମ ବିଶ୍ୱଯୁଦ୍ଧରେ ସାମିଲ କରିବାରେ ସହାୟକ ହୋଇଥିଲା ।

୧୯୬୧: ରାଷ୍ଟ୍ରପତି ଜନ୍ ଏଫ୍. କେନେଡି 'ପିସ୍ କର୍ପସ' ପ୍ରତିଷ୍ଠା କରିଥିଲେ, ଯାହା ସାରା ବିଶ୍ୱରେ ଶାନ୍ତି ଏବଂ ସଦ୍ଭାବନା ବଢ଼ାଇବା ପାଇଁ ଉଦ୍ଦିଷ୍ଟ ଏକ ସଂଗଠନ ।

୧୯୮୧: ଆଇରିସ୍ ରିପବ୍ଲିକାନ୍ ଆର୍ମି ସଦସ୍ୟ ବବି ସାଣ୍ଡସ୍ ଉତ୍ତର ଆୟରଲ୍ୟାଣ୍ଡ ଜେଲରେ ଆମରଣ ଅନଶନ ଆରମ୍ଭ କରିଥିଲେ ।



# ପ୍ରାକୃତିକ ଉପାୟରେ ବଢାନ୍ତୁ ଶକ୍ତି

ପ୍ରାକୃତିକ ଭାବରେ ଶରୀରକୁ ଶକ୍ତିଶାଳୀ ଏବଂ ବଳବାନ କରିବା ପାଇଁ କେବଳ ବ୍ୟାୟାମ ଯଥେଷ୍ଟ ନୁହେଁ, ବରଂ ଏକ ଶୃଙ୍ଖଳିତ ଜୀବନଶୈଳୀ ଆବଶ୍ୟକ। ନିମ୍ନରେ ୫ଟି ଦୈନିକ ଅଭ୍ୟାସ ବିଷୟରେ ଦିଆଗଲା ଯାହା ଆପଣଙ୍କୁ ପୋଷଣ ଯୋଗାଇବା ସହିତ ରୋଗପ୍ରତିରୋଧକ ଶକ୍ତି ବଢାଇବ ।

**ସନ୍ତୁଳିତ ଆହାର**

ଶରୀରର ମାଂସପେଶୀ ଗଠନ ପାଇଁ ପ୍ରୋଟିନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଖାଦ୍ୟରେ ପ୍ରାକୃତିକ ଜିନିଷ ଯେପରିକି ଅଣ୍ଡା, ପନିର, ଗଜା ମୁଗ, ଚଣା, ସୋୟାବିନ୍ ଏବଂ କ୍ଷୀର ଅନ୍ତର୍ଭୁକ୍ତ କରନ୍ତୁ। ଶରୀରକୁ ଶକ୍ତି ଯୋଗାଇବା ପାଇଁ କାର୍ବୋହାଇଡ୍ରେଟ୍ ଏବଂ ସୁସ୍ଥ ଚର୍ବି ଆବଶ୍ୟକ ହୋଇଥାଏ ।

**ବ୍ୟାୟାମ**

ଜିମ୍ ନଯାଇ ମଧ ଆପଣ ଘରେ ବ୍ୟାୟାମ କରିପାରିବେ। ପ୍ରତିଦିନ ଅତିକମରେ ୨୦-୩୦ ମିନିଟ୍ ପୁସ୍-ଅପ୍ସ, ସ୍କ୍ୱାଟ୍ସ, ଏବଂ ପ୍ଲାଙ୍କ ଭଳି ବ୍ୟାୟାମ କରନ୍ତୁ। ଏହା ଆପଣଙ୍କ ମାଂସପେଶୀର ସହନଶକ୍ତି ବଢ଼ାଇବା ସହ ହାଡ଼କୁ ଶକ୍ତ କରିଥାଏ।

**ପର୍ଯ୍ୟାପ୍ତ ବିଶ୍ରାମ**

ଅନେକ ଲୋକ ଭାବନ୍ତି କେବଳ ପରିଶ୍ରମ କଲେ ଶକ୍ତି ବଢେ, କିନ୍ତୁ ପ୍ରକୃତରେ ଶୋଇବା ସମୟରେ ହିଁ ଆମର ମାଂସପେଶୀ ଗୁଡ଼ିକ ବଢିଥାଏ। ତେଣୁ ପ୍ରତିଦିନ ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତୁ । ପ୍ରତିଦିନ ୭ ରୁ ୮ ଘଣ୍ଟା ଗଭୀର ନିଦ୍ରାରେ ଶୋଇବାକୁ ଚେଷ୍ଟା କରନ୍ତୁ । ଏହା ଶରୀରରେ ଟେଷ୍ଟୋଷ୍ଟେରନ୍ ଭଳି ପ୍ରାକୃତିକ ହରମୋନ୍ ସ୍ତରକୁ ଠିକ୍ ରଖେ।

**ହାଇଡ୍ରେସନ**



ଆମ ମାଂସପେଶୀର ପ୍ରାୟ ୭୫% ଭାଗ ଜଳ। ଯଦି ଶରୀରରେ ପାଣିର ଅଭାବ ହୁଏ, ତେବେ ଆପଣ ଶୀଘ୍ର ଥକିଯିବେ। ଦିନସାରା ୩ ରୁ ୪ ଲିଟର ପାଣି ପିଅନ୍ତୁ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ରକ୍ତ ସଞ୍ଚାଳନକୁ ଠିକ୍ ରଖେ, ଯାହା ଫଳରେ ମାଂସପେଶୀକୁ ଅଧିକ ପୋଷାକ ତତ୍ତ୍ୱ ମିଳିଥାଏ।

**ଭିଟାମିନ୍-ଡି**

ପ୍ରାକୃତିକ ଶକ୍ତି ପାଇଁ ସୂର୍ଯ୍ୟ କିରଣ ଅତ୍ୟନ୍ତ ଆବଶ୍ୟକ। ସକାଳ ସମୟରେ ୧୫-୨୦ ମିନିଟ୍ ଖରାରେ ଠିଆ ହେବା ଦ୍ୱାରା ଶରୀରକୁ ଭିଟାମିନ୍-ଡି ମିଳିଥାଏ। ଏହା କେବଳ ହାଡ଼କୁ ମଜବୁତ୍ କରେ ନାହିଁ, ବରଂ ମାଂସପେଶୀର କାର୍ଯ୍ୟଦକ୍ଷତା ଏବଂ ମାନସିକ ସ୍ୱାସ୍ଥ୍ୟରେ ମଧ ସୁଧାର ଆଣେ।

# ଗୁଜବ ଠାରୁ ଦୂରରେ ରହୁଚି

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଶେଷରେ ନିଜର ପ୍ରସିଦ୍ଧ ରେଷ୍ଟୁରାଣ୍ଟ 'ବାଷ୍ଟିଆନ୍' ବନ୍ଦ ହେବା ଏବଂ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ନେଇ ଚାଲିଥିବା ନକାରାତ୍ମକ ଚର୍ଚ୍ଚା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଗତ କିଛି ମାସ ଧରି ଗଣମାଧ୍ୟମରେ ତାଙ୍କ ନାମ ଏବଂ ତାଙ୍କର ବ୍ରାଣ୍ଡକୁ କେବଳ ସେମାନଙ୍କର ନିଜର ଫାଇଦା ପାଇଁ ଲୋକଙ୍କ ଦୃଷ୍ଟିଆକର୍ଷଣ ପାଇଁ ବ୍ୟବହାର କରାଯାଉଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶିଳ୍ପା ସ୍ପଷ୍ଟ କରିଛନ୍ତି ଯେ ସାଧାରଣତଃ ସେ ଗୁଜବ ଉପରେ କୌଣସି ସ୍ପଷ୍ଟୀକରଣ ଦେବାକୁ ପସନ୍ଦ କରନ୍ତି ନାହିଁ । ହେଲେ ଯେତେବେଳେ ଏହି ମିଥ୍ୟା ଖବର ତାଙ୍କର ବ୍ରାଣ୍ଡ 'ବାଷ୍ଟିଆନ୍' ଉପରେ ଖରାପ ପ୍ରଭାବ ପକାଇଲା, ସେତେବେଳେ ସେ ଚୁପ୍ ରହିବା ଉଚିତ୍ ମନେକଲେ ନାହିଁ। ରେଷ୍ଟୁରାଣ୍ଟର ମୂଳ ପ୍ରତିଷ୍ଠାତା ରଣଜୀତ ବିନ୍ଦ୍ରାଙ୍କ ସହ ଆଲୋଚନା କରିବା ପରେ ସେ ଏହି ସ୍ପଷ୍ଟୀକରଣ ରଖିଥିବା ପ୍ରକାଶ କରିଛନ୍ତି । ବାଷ୍ଟିଆନ୍ ପୂର୍ବ ଭଳି ସୁଦୃଢ଼ ଭାବେ କାର୍ଯ୍ୟ କରୁଛି ଏବଂ ଏହାର ଚାରୋଟି ଭିନ୍ନ ବ୍ରାଣ୍ଡରେ ୮ଟି ଆଉଟଲେଟ୍ ରହିଛିବୋଲି ଶିଳ୍ପା ପ୍ରକାଶ କରିଛନ୍ତି । ନକାରାତ୍ମକ ପ୍ରଚାରକୁ ଏଡ଼ାଇ ସେ ନିଜ କାମରେ ଧ୍ୟାନ ଦେଉଛନ୍ତି ଏବଂ ଲୋକମାନେ ସତ୍ୟ ଓ ମିଥ୍ୟା ମଧ୍ୟରେ ଫରକ ଜାଣନ୍ତି ବୋଲି ସେ ଦୃଢ଼ଭାବରେ ଏହି ସାକ୍ଷାତ କାରରେ ପ୍ରକାଶ କରିଛନ୍ତି ।



ମେଷ - କାର୍ଯ୍ୟେ ବିଫଳ, ବ୍ୟବସାୟରେ ଲାଭ, ମାନସିକ ଅବସାଦ, ଦୂରଯାତ୍ରା, ପାରିବାରିକ ସହଯୋଗ, ଶତ୍ରୁପରାଜିତ, ନୂତନକାର୍ଯ୍ୟେ ଆରମ୍ଭ, ଲୋକସମ୍ପର୍କ ବୃଦ୍ଧି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଲାଲ, ସଂଖ୍ୟା - ୯, ଆରାଧନା - ଗ୍ରାମଦେବୀ ।

ବୃଷ - ଅର୍ଥଲାଭ, ପୁରୁଣା ବିବାଦ ସମାଧାନ, ଉତ୍ସବରେ ଆନନ୍ଦ, ସମ୍ପତ୍ତିଲାଭ, ବନ୍ଧୁଲାଭ,ଗୃହେସହାୟତା, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୫, ଆରାଧନା - ମହାଲକ୍ଷ୍ମୀ ।

ମିଥୁନ - ବନ୍ଧୁ ମିଳନ, ନୂତନ କାର୍ଯ୍ୟ ଆରମ୍ଭ, ପାରିବାରିକ ସୁଖ, ବିଦ୍ୟାରେ ଉନ୍ନତି, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତ୍ରୁସମସ୍ୟା, ବିଶିଷ୍ଟ ବ୍ୟକ୍ତି ସହାୟତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ସବୁଜ, ସଂଖ୍ୟା - ୭, ଆରାଧନା - ମା ମଙ୍ଗଳା ।

କର୍କଟ - ଖୁସି ଦିନ, ମାନସିକ ଶାନ୍ତି, ସମସ୍ୟା ସମାଧାନ, ବନ୍ଧୁ ଲାଭ, ଦାମ୍ପତ୍ୟ ସୁଖ, ଦୂରଯାତ୍ରାରେ ସଫଳ, ସମ୍ପତ୍ତି ଲାଭ, ନୂତନ ନିଯୁକ୍ତି, ଅଳ୍ପ ଶତ୍ରୁ ସମସ୍ୟା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଗୋଲାପି, ସଂଖ୍ୟା - ୧୨, ଆରାଧନା - ଶଙ୍କର ଭଗବାନ ।

ସିଂହ - ମାନସିକ ଅଶାନ୍ତି, ଦୂରଯାତ୍ରାରେ ସତର୍କ, ସନ୍ତାନ ସମସ୍ୟା, ବନ୍ଧୁ ସାହାଯ୍ୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ କର୍ମ, ଅଯଥା ଖର୍ଚ୍ଚ, ସମ୍ପତ୍ତି ସମସ୍ୟା, ସମ୍ପର୍କ ହାନି, ଉଚ୍ଚ ଆଶାରେ ବିଫଳ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ହଳଦୀ, ସଂଖ୍ୟା - ୭, ଆରାଧନା - ମା ବଗଳାମୁଖୀ ।

କନ୍ୟା - କର୍ମରେ ସଫଳ, ବ୍ୟବସାୟରେ ଖୁସି, ବିବାଦିତ କାର୍ଯ୍ୟେ ବିଜୟ, ମାନସିକ ଶାନ୍ତି, ଲୋକସମ୍ପର୍କ ଉନ୍ନତି, ଯାତ୍ରାରେ ସଫଳ, ସନ୍ତାନ ସମସ୍ୟା, ସ୍ୱଜନ ବିବାଦ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଆକାଶୀ, ସଂଖ୍ୟା - ୮, ଆରାଧନା - ପ୍ରଭୁହନୁମାନ ।

ତୁଳା - ବୃଥା ଚିନ୍ତା, ସମ୍ପର୍କରେ ଉନ୍ନତି, ମାନସିକ ଅବସାଦ, ଦୂରଯାତ୍ରାରେ ସଫଳ, ଶରୀର ସୁସ୍ଥ, ସମ୍ମାନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଗୃହେ ଉତ୍ସବ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୬, ଆରାଧନା - ଭଗବାନ ଶଙ୍କର ।

ବିଛା - ଅସହଯୋଗ, କାର୍ଯ୍ୟେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ସମସ୍ୟାରେ ପଡିପାରନ୍ତି, ବନ୍ଧୁ ସହଯୋଗ, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ଆଶାରେ ବିଫଳ, ଗାଡିଚାଳନାରେ ସତର୍କ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୫, ଆରାଧନା - ପ୍ରଭୁଜଗନ୍ନାଥ ।

ଧନୁ - ଯାତ୍ରାରେ ସତର୍କ, ମାନସିକ ଅବସାଦ, ବନ୍ଧୁ ଦର୍ଶନ, ବ୍ୟବସାୟିକ ଖୁସି, ଲୋକସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରେ ଶାନ୍ତି, ଦେବକାର୍ଯ୍ୟ ପ୍ରତିଆଗ୍ରହ, ସନ୍ତାନ କଷ୍ଟ, ସ୍ତ୍ରୀ ସହଯୋଗ । ଉତ୍ତରାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ହଳଦୀ, ସଂଖ୍ୟା - ୮, ଆରାଧନା - ମାଭଗବତୀ ।

ମକର - ଦ୍ରବ୍ୟଲାଭ, ଆଶାସଫଳ, ମାନସିକ ଅଶାନ୍ତି, ଅନୁଷ୍ଠାନରୁ ଲାଭ, ସୁମିଷ୍ଟଭୋଜନ, ଅର୍ଥପ୍ରାପ୍ତି, ଶୁଭ ସମାଚାର, ବନ୍ଧୁଲାଭ, ବ୍ୟବସାୟରେ ସନ୍ତୁଷ୍ଟ, ପିଲାଙ୍କ ସମ୍ୟା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ବାଇଗେଣୀ, ସଂଖ୍ୟା - ୧୦, ଆରାଧନା - ଲକ୍ଷ୍ମୀନାରାୟଣ ।

କୁମ୍ଭ - ନୂତନ କର୍ମ ପ୍ରତି ଆଗ୍ରହ, ବନ୍ଧୁଲାଭ, ଅର୍ଥପ୍ରାପ୍ତି, ମାନସିକ ଶାନ୍ତି, ଶରୀରକଷ୍ଟ, ଦୂରଯାତ୍ରାରେ ସତର୍କ, ବ୍ୟବସାୟରେ ଲାଭ, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ସମ୍ପର୍କରେ ଉନ୍ନତି, ବନ୍ଧୁମିଳନ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ନୀଳ, ସଂଖ୍ୟା - ୮, ପ୍ରତିକାର - ଗୋମାତାଙ୍କୁ ଖାଦ୍ୟଦିଅନ୍ତୁ ।

ମୀନ - ଦୂରଯାତ୍ରା, ଅର୍ଥଲାଭ, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ଅଯଥା ଚିନ୍ତା, ସନ୍ତାନ ଖୁସି, ବିଦ୍ୟାରେ ସଫଳ, ଲୋକ ସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ପୁରାତନ ବିବାଦ ସମାଧାନ, ସ୍ୱାସ୍ଥ୍ୟରେ ଉନ୍ନତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ - ଧଳା, ସଂଖ୍ୟା - ୭, ଆରାଧନା - ମାକନକଲକ୍ଷ୍ମୀ ।

**ଫାଲଗୁନ ଶୁକ୍ଳପକ୍ଷ ତ୍ରୟୋଦଶୀ**
**୧.୩.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# 'ସମୟ' କନ୍‌କ୍ଲେଭର ଷଷ୍ଠ ସଂସ୍କରଣ



ସମ୍ମାନୀୟ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପାଛୋଟି ନେଉଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ ଓ ନିର୍ଦ୍ଦେଶିକା ଅନିତା ମହାନ୍ତି



ମୁଖ୍ୟଅତିଥି ତଥା ରାଜ୍ୟ ଆଇନ୍, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବନ୍ଦେ ଉତ୍କଳ ଜନନୀ ଗାନ ସମୟରେ ଦଣ୍ଡାୟମାନ ଅତିଥିଗଣ



କନ୍‌କ୍ଲେଭ୍‌ରେ ଉପସ୍ଥିତ ଶ୍ରୋତାଗଣ



ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ଅତିଥି ବୃନ୍ଦ



ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଙ୍କ ସହ ଆଲୋଚନା କରୁଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ










ଉତ୍ସବର ସମ୍ମାନୀତ ଅତିଥି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଅତିଥି ପୃଥ୍ୱୀରାଜ ହରିଚନ୍ଦନ ଓ ପ୍ରଫେସର ଡ. ଶ୍ରୀକାନ୍ତ କୁମାର ଧର୍‌ଙ୍କୁ ସମ୍ମାନୀତ କରୁଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ





କନ୍‌କ୍ଲେଭ୍‌ରେ ଉପସ୍ଥିତ ନିମନ୍ତ୍ରିତ ଅତିଥି ଓ ଶ୍ରୋତାଗଣ



ପ୍ରବେଶ କରୁଛନ୍ତି ମୁଖ୍ୟଅତିଥି ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ପୁରସ୍କୃତ ହେଉଛନ୍ତି ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଫେସର ଡ. ଚିତ୍ତ ରଞ୍ଜନ ସାହାଣୀ




ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ମୁଖ୍ୟବକ୍ତା ପ୍ରଶାନ୍ତ ହୋତା

NATIONAL BOOK TRUST, INDIA
(Ministry of Education, Government of India)
5 Institutional Area, Vasant Kunj, New Delhi-110 070
Whatsapp: 7065192354, Email : ndwbf.nbt@gmail.com
nbt.india
एकः सूते सकलम्
NEW DELHI
WORLD BOOK FAIR
Book Your Space!
16-24 JANUARY 2027
11:00 AM TO 8:00 PM
BHARAT MANDAPAM
Last Date for Booking
31 March, 2026
To book your Stalls/Barespace at the largest B2C Book Fair in the world
Please visit www.nbtindia.gov.in
Scan
CBC 21103/12/0100/2526

## କୁରାଢମଲ୍ଲ କ୍ଲଷ୍ଟର ରେ ଅଷ୍ଟମ କ୍ଲଷ୍ଟରସ୍ତରୀୟ ବୈଠକ

ଖୋର୍ଦ୍ଧା, (ସବ୍ୟୁ): କୁରାଢମଲ୍ଲ କ୍ଲଷ୍ଟର ଅନ୍ତର୍ଗତ ତାପଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଶନିବାର ଅଷ୍ଟମ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ କୁ ଉକ୍ତ ବିଦ୍ୟାଳୟ ର ପ୍ରଧାନ ଗୁରୁ ମାଆ କନକଲତା ଆନୁଷ୍ଠାନିକଭାବେ ଆରମ୍ଭ କରିଥିଲେ। ବୈଠକ ରେ ପଂଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ମୂଲ୍ୟାୟନ ଢାଂଚା ଓ ପ୍ରତିକାରାତ୍ମକ ଶିକ୍ଷଣ ଏବଂ ମୌଳିକସ୍ତର ଶିକ୍ଷଣ ର ସର୍ବେକ୍ଷଣ -୨୦୨୬, ସରକାରଙ୍କ ତରଫରୁ ପ୍ରଦତ ଯାଦୁ ପେଡ଼ି ସାମଗ୍ରୀ ର ଶ୍ରେଣୀ ଶିକ୍ଷଣ ରେ ବ୍ୟବହାର ସହିତ ଗୁରୁଜୀ ଗୁରୁମାଆ ମାନଙ୍କ ଦ୍ୱାରା ଉପସ୍ଥାପନ, ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ, ଭେନ୍ୟୁ ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟର, ଜିଲ୍ଲା ଭିତିକ ଶୈକ୍ଷିକ ଆଲୋଚନା ତଥା "ନିପୁଣ ଓଡିଶା "ଆପ୍ ସମ୍ପର୍କ ରେ ବିସ୍ତୃତଭାବରେ ଅଂଶ ଗ୍ରହଣକାରି ଗୁରୁଜୀ, ଗୁରୁମାଆ ମାନଙ୍କୁ ବୁଝାଯାଇଥିଲା। ଏହି ବୈଠକ ରେ ସିଆର୍‌ସିସି ମନୋଜ ଦାଶ ଓ ସମ୍ବଳ ଶିକ୍ଷକ ରବିନାରାୟଣ ସାହୁଙ୍କ ଦ୍ୱାରା ଶ୍ରେଣୀ ପରିଚାଳନା କରାଯାଇଥିଲା। ଗୁରୁଜୀ ଯୁଧିଷ୍ଠିର ସାହୁଙ୍କ ଦ୍ୱାରା ପାରମ୍ପରିକ ଗୀତ ପରିବେଷଣ ସାଙ୍ଗକୁ ଯାଦୁ ପେଡ଼ି ରେ ଥିବା ଖଞ୍ଜଣି ବାଦ୍ୟ ପରିବେଷଣ କରାଯାଇଥିଲା।

### ବିକାଶ ମନ୍ଥନ ୧.୦: ଗଭର୍ଣ୍ଣାନ୍‌ସ ଇନ୍ ଆକ୍ସନ୍ ଉଦ୍‌ଯାପିତ

## ସମୃଦ୍ଧ ଓଡ଼ିଶା ଗଠନରେ ସ୍ୱଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଷ ଅତ୍ୟନ୍ତ ଆବଶ୍ୟକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ଗତ ୨୦ ମାସ ଧରି ରାଜ୍ୟ ସରକାର "ବିକଶିତ ଓଡ଼ିଶା- ବିକଶିତ ଭାରତ" ଦୃଷ୍ଟିକୋଣକୁ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପରିବର୍ତ୍ତନ, ଭିତ୍ତିଭୂମି ସଂପ୍ରସାରଣ ଓ ସାଂସ୍କୃତିକ ପୁନରୁତ୍ଥାନ ମାଧ୍ୟମରେ ରୂପାୟନ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନ୍‌ଭେନସନ ସେଣ୍ଟର ଠାରେ ଆୟୋଜିତ "ବିକାଶ ମନ୍ଥନ ୧.୦ : ଗଭର୍ଣ୍ଣାନ୍‌ସ ଇନ୍ ଆକ୍ସନ୍" କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦୃଢ଼ ନେତୃତ୍ୱ, ସ୍ୱଷ୍ଟ ନୀତି ଓ ସାମୂହିକ ସଙ୍କଳ୍ପ ଦ୍ୱାରା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଦୟ ହୋଇପାରିଛି। ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବାରୁ ଏହାର ସହଆୟୋଜକ Odisha Centre for Integrated Development (OCID) ର ଉଚ୍ଚ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ । ସେ କହିଥିଲେ ଯେ, ସମୃଦ୍ଧ ଓଡ଼ିଶା ଗଠନରେ ସ୍ୱଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଷ ଅତ୍ୟନ୍ତ ଜରୁରୀ । ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକର୍ଷଣ କରାଯାଇଛି। ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର



୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି।
ସେ କହିଥିଲେ ଯେ Ease of Doing Business କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା, Global Capability Centers ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି। ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି। ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା GSDP ର ୬.୫ ପ୍ରତିଶତ। ବଡ଼ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ରହିଥିବା ବେଳେ ଏହା ୧୩.୬ ପ୍ରତିଶତ ରହିଛି, ଯାହା FRBM ସୀମାଠାରୁ ଯଥେଷ୍ଟ କମ୍। ସେ ଆହୁରି କହିଥିଲେ ଯେ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଫଳରେ ଚାଷୀମାନଙ୍କର ଭରସା ବଢ଼ିଛି। ୨୦୨୪-୨୫ ମସିହାରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ବେଳେ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି।
ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଥିବା ବେଳେ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬-୨୭ ବର୍ଷ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ରାଜ୍ୟର ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ସୁଦ୍ଧା ପାଇପ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜିଅନ (BCPPER) ର ଅର୍ଥନୀତିକୁ ୨୦୪୭ ସୁଦ୍ଧା ୫୦୦ ବିଲିଅନ ଡଲାର କରିବା ପାଇଁ ଲକ୍ଷ୍ୟ ରହିଛି। ସାଂସ୍କୃତିକ କ୍ଷେତ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି ଗଠନ, ଐତିହ୍ୟ ଗ୍ରାମ ସୁରକ୍ଷା ଓ ବାଲିଯାତ୍ରାକୁ ବିଶ୍ୱସ୍ତରରେ ପ୍ରଚାର କରାଯାଉଛି। ୪୮ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀରେ ୫୦୦ରୁ ଅଧିକ ନୀତି ନିର୍ଦ୍ଧାରକ, ଅଧିକାରୀ ଓ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଓସିଆଇଡି ସଂଗଠନ ସଚିବ ଶ୍ରୀ ରାଣା ପୃଥ୍ୱୀରାଜ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ

## ୮ ମଧ୍ୟରାତ୍ରୀରୁ ଜମାଣ ଉତ୍ସବ ଆରମ୍ଭ ହୋଇ ୧୨ ରେ ହରିହର ଭେଟ

ଜଟଣୀ, (ସବ୍ୟୁ): ଜଟଣୀ ସନ୍ନିକଟ ପୁରୀ ଜିଲ୍ଲା ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ହରିରାଜପୁରର ଓଡ଼ିଶା ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଜମାଣ ଚଳିତ ମାସ ଆସନ୍ତା ୮ ତାରିଖ ରବିବାର ମଧ୍ୟରାତ୍ରୀରୁ ଜମାଣ ଉତ୍ସବ ଆରମ୍ଭ ହୋଇ ୧୨ ତାରିଖ ଗୁରୁବାର ଅପରାହ୍ନ ଗୋଧୂଳି ଲଗ୍ନରେ ମେଳଣ ଉତ୍ସବ ତଥା ହରିହର ଭେଟ କାର୍ଯ୍ୟକ୍ରମ ପରେ ଏହି ମେଳଣ ଉଦଯାପିତ ହେବ । ବିଧିବିଧାନ ପୂର୍ବକ ଥାନପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କୁ ସୁସଜ୍ଜିତ ଦୋଳ ବିମାନରେ ପଶ୍ଚିମ ଦ୍ୱାର ଦେଇ ଘଣ୍ଟ ଘଣ୍ଟା, ଭଜନ, କୀର୍ତ୍ତନ, ଘୋଡ଼ା ନାଚ ଓ ନାଗା ନାଚର ତାଳେ ତାଳେ ନିଆଯାଇ ମେଳଣ ସ୍ଥଳୀରେ ଖୁଣ୍ଟି ଲାଗି କରାଯିବ । ଏଥି ସହିତ ଆଖପାଖ ଅଞ୍ଚଳରୁ ପ୍ରାୟ ୮୫ ଟି ଠାକୁରଙ୍କ ଦୋଳ ବିମାନ ମଧ୍ୟ ସମାନ ଭାବେ ଖୁଣ୍ଟି ଲାଗି ହେବେ । ସ୍ଥାନୀୟ ତଥା ବିଭିନ୍ନ ପ୍ରାନ୍ତରୁ ଆସିଥିବା ବାଣାକାର ଓ ମାନସିକଧାରୀ ମାନେ ନିଜନିଜର ଆତସବାଜି ପ୍ରଦର୍ଶନ କରିବେ । ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଘଣ୍ଟ ବାଦ୍ୟ




ଦଳ, ଶଂଖୁଆ ଦଳ, ବିଚିତ୍ରା ଦଳ, ସଙ୍କୀର୍ତନ ଦଳ, ପାଇକ ଆଖଡା, ଅଗ୍ନିପିଣ୍ଡୁଳା ପ୍ରଦର୍ଶନ ଓ ନୃତ୍ୟ ପ୍ରଦର୍ଶନ କରାଯିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମେଳଣ ପରିଚାଳନା ପରିଷଦର ସମ୍ପାଦକ ତଥା ପ୍ରାକ୍ତନ ସରପଞ୍ଚ ପ୍ରସନ୍ନ କୁମାର ମହାରଥୀ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ସମାଜସେବୀ ନିରୂପମା ପାତ୍ର , ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଗଣମାଧ୍ୟମ ସଂଯୋଜକ ହରପ୍ରସାଦ କାଳିଆ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ରୌପ୍ୟ ଜୟନ୍ତୀ ପ୍ରତିଷ୍ଠା ଦିବସ

## ଉନ୍ନତ ରୋଗୀସେବା ନିମନ୍ତେ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ : ସ୍ୱାସ୍ଥ୍ୟମନ୍ତ୍ରୀ

କଟକ, (ସବ୍ୟୁ): ଏସସିବି ମେଡିକାଲ କଲେଜ ହସ୍ପିଟାଲ ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ରୌପ୍ୟ ଜୟନ୍ତୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ୨୫ ବର୍ଷ ଧରି ଏହି କେନ୍ଦ୍ର ରୋଗୀ ସେବା, ପୁନର୍ବାସ ଓ ଆଧୁନିକ



ଚିକିତ୍ସା ସେବା ପ୍ରଦାନ ଦିଗରେ ଏକ ମାଇଲଖୁଣ୍ଟ ଭାବେ ଛିଡାହୋଇଛି । ମେରୁଦଣ୍ଡ ଆଘାତପ୍ରାପ୍ତ ରୋଗୀଙ୍କ ପାଇଁ ଏହି କେନ୍ଦ୍ର ଏକ ଆଶାର ପ୍ରଦୀପ ଭାବେ କାର୍ଯ୍ୟ କରୁଛି ଏବଂ ଆଗାମୀ ଦିନରେ ଏହା ଆଧୁନିକ ସୁବିଧା ଯୋଗଇଦେବାକୁ ପ୍ରତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଏହି କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଚେଷ୍ଟା କରାଯିବା ସହ ବିଭିନ୍ନ ପ୍ରତିଷ୍ଠାନ ନିଜର କର୍ପୋରେଟ ସାମାଜିକ ଦୟତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି କେନ୍ଦ୍ରକୁ ଅଧିକରୁ ଅଧିକ ସହାୟତା ପ୍ରଦାନ ପାଇଁ ପ୍ରଚେଷ୍ଟା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହ ଏହି କେନ୍ଦ୍ରର ୱେବସାଇଟ କରିବା ନିମନ୍ତେ ମଧ୍ୟ କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । କଟକ ଲୋକସଭା ସାଂସଦ ଶ୍ରୀ ଭର୍ତୃହରି ମହତାବ ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ଉତରୋତ୍ତର ଉନ୍ନତି କାମନା କରିବା ସହ ଏହି କେନ୍ଦ୍ର ନିମନ୍ତେ ଜଣେ ଉତ୍ସର୍ଗୀକୃତ ନିର୍ଦ୍ଦେଶକ ନିଯୁକ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଓଲଟପୁରସ୍ଥିତ ଏସିଭି ନିରତାରର ନିର୍ଦ୍ଦେଶକ ଶ୍ରୀ ପତିତପାବନ ମହାନ୍ତି ମେରୁଦଣ୍ଡ ଆଘାତପ୍ରାପ୍ତ ରୋଗୀଙ୍କ ନିମନ୍ତେ ଏହି କେନ୍ଦ୍ର ନୂତନ ଆଶା ଓ ବିଶ୍ୱାସ ସଂଚାର କରିଛି ବୋଲି କହିଥିଲେ । ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ତଥା ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ନିର୍ମଳ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଗତ ୨୫ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ୩୮୮୩୦୭ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିବାବେଳେ ୬୪୨୧୧୧ ଜଣ ରୋଗୀଙ୍କୁ ଫିଜିଓଥେରାପି ସେବା ପ୍ରଦାନ କରିଛି । ସେହିପରି ୧୧୩୬୮୬ ରୋଗୀଙ୍କୁ ବୃତିଗତ ଚାପରୁ ମୁକ୍ତି ପାଇଁ ପରାମର୍ଶ, ୪୬୧୯୯ ରୋଗୀଙ୍କୁ ସହାୟକ ଉପକରଣ ବଣ୍ଟନ କରି ସୁସ୍ଥ ଜୀବନ ଅତିବାହିତ କରିବାର ସୁଯୋଗ ପ୍ରଦାନ କରିଛି । ଆଂଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ଆସିଷ୍ଟାଣ୍ଟ ପ୍ରଫେସର ଡଃ ଭବାନୀ ଶଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ୩୦ ଜଣ ରୋଗୀଙ୍କୁ ହୁଇଲ ଚେୟାର ତଥା ଯନ୍ତ୍ରଚାଳିତ ତିନିଚକିଆ ଯାନ ପ୍ରଦାନ କରାଯାଇଛି ଏଥିସହ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଦିବ୍ୟାଙ୍ଗ ରୋଗୀମାନେ ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ୩୦ଟନ ଗୋରୁଗାଇ ବୋଝେଇ ଟ୍ରକ ଜବତ, ୨ଗିରଫ

ଖୋର୍ଦ୍ଧା, (ସବ୍ୟୁ) ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗତକାଲି ବିଳମ୍ବିତ ରାତିରେ ଏକ ଟ୍ରକରୁ ୩୦ଟନ ଗୋରୁଗାଇ ଚମଡା ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଟ୍ରକ(ଏପି ୩୯ ୱାଇ ଡି-୫୩୫୬)କୁ ଜବତ କରିଛି। ଗିରଫ ଦ୍ୱୟ ହେଲେ ଆନ୍ଧ୍ରପ୍ରଦେଶ ବି.କୋଥାକୋଟ ଚିତୋର ଅଂଚଳର ରିୟାଜ ଏବଂ ୱାସିମ ଓ ଏହି ଚମଡା ଆନ୍ଧ୍ର ରୁ କଳିକତା ଚାଲାଣ ହେଉଥିଲା।
ସୂଚନା ମୁତାବକ ଇନାଭୋଲି ଥାନା ଗଙ୍ଗପଡା ଅଂଚଳର ଦୁଇ ଜଣ ଯୁବକ ବାଇକରେ ଘରକୁ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ବାଟମଙ୍ଗଳା ଛକରେ ଏକ ଟ୍ରକ ଉପରେ ସନ୍ଦେହ ହେବାରୁ ଅଟକାଇବା ବେଳେ ସେଥିରୁ ଗୋରୁଗାଇଙ୍କ ଚମଡା ରହିଥି?ବା ଜାଣିବାକୁ ପାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ଥାନାରେ ଦଫା ୩୦୩(୨)/୩୫୧(୩)(୫) ବିଏନଏସ/ଆର.ତବ୍ୟ ସେକ୍ସନ ୭ଓପିସିଏସ ଆକ୍ଟ/୧୧(୧)(ଏ)(ଡି) ପିସିଏ ଆକ୍ଟରେ ଏକ ମାମଲା(ନଂ୧୨୨/୨୬) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏସଆଇ ଦିନେଶ ପିଙ୍ଗୁଆ ଏହାର ତଦନ୍ତ ଦାୟିତ୍ୱ ରେ ରହିଛନ୍ତି ।

## ହାଇଟେକରେ ସର୍ବଭାରତୀୟ ଯୁବ ରେଡକ୍ରସ୍ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର (ସବ୍ୟୁ): ରେଡକ୍ରସ୍‌ର ଜାତୀୟ ସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ମାର୍ଚ୍ଚ ୨୫ ତାରିଖରୁ ୨୯



ତାରିଖ ପର୍ଯ୍ୟନ୍ତ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି । ସାରା ଭାରତରୁ ପ୍ରତ୍ୟେକ ରାଜ୍ୟର ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନ୍ୟୁନ ୪୦୦ ଯୁବ ପ୍ରତିଯୋଗୀ ତାଲିମ ଶିବିରରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏଥିପାଇଁ ସମସ୍ତ ସାହାଯ୍ୟ ସହଯୋଗର ହାତ ବଢାଇବା ସହ ରେଡକ୍ରସ୍‌ର ଭୂମିକା ସମସ୍ତ ବିଦ୍ୟାର୍ଥୀମାନେ ଜାଣିବା ଉଚିତ ବୋଲି କହିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ଡଃ ଗୋପେଶ୍ୱର ଆଚାର୍ଯ୍ୟ, କ୍ରୀଡା ଓ ସଂସ୍କୃତି ଅଧିକାରୀ ଲଳିତ ମହାନ୍ତି ଏବଂ ଭୁବନେଶ୍ୱର ରେଡକ୍ରସ୍‌ର ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ସ୍ୱାଇଁ, ସୁରେନ୍ଦ୍ରନାଥ ସାମଲ ଯୋଗ ଦେଇଥିଲେ ।

## ବିଜେବି ହାଇସ୍କୁଲ ରେ ଜାତୀୟ ବିଜ୍ଞାନ ଦିବସ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ ବିଜ୍ଞାନ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ପିଲାମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ମାନଙ୍କ ସୃଜନଶୀଳ ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା। ଏଥିସହିତ ପିଲାମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ଆଧାର କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ପିଲା ମାନଙ୍କ ମଧ୍ୟରେ ବୈଜ୍ଞାନିକ ବେଶଭୂଷା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଯେଉଁଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବୈଜ୍ଞାନିକ ଭୂମିକା ଅଭିନୟ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ। ପ୍ରଧାନଶିକ୍ଷକଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ସଭାପତି ତାଙ୍କ ଅଭିଭାଷଣରେ ସି.ଭି. ରମଣଙ୍କ ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଆଲୋଚନା କରି ପିଲାଙ୍କୁ କହିଥିଲେ ଜିଜ୍ଞାସା ଓ ପ୍ରୟାଗମୂଳକ ଶିକ୍ଷା ହେଉଛି ସଫଳତାର ମୂଳମନ୍ତ୍ର।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସଂଧ୍ୟା

କଟକ, (ସବ୍ୟୁ): ପ୍ରଫେସର ଗଙ୍ଗାଧର ବଳ ସାରସ୍ୱତ ଗବେଷଣା ତଥା ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ । ବିଶେଷକରି ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ-କବିତା ସମୀକ୍ଷା କରିବାରେ ତାଙ୍କର ବୌଦ୍ଧିକତା ଓ ସୂକ୍ଷ୍ମ ବିଚାରଶୀଳତା ଲକ୍ଷଣୀୟ । ଶନିବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସଂଧ୍ୟାରେ ମଞ୍ଚାସୀନ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଗଙ୍ଗାଧର ବଳଙ୍କ ପ୍ରଜ୍ଞାଶୀଳତା ଓ ସାଧନାର ପରାକାଷ୍ଠା ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ବିଶିଷ୍ଟ ଯୁବ ଗବେଷକ ଡକ୍ଟର ଅନୁପ ରଞ୍ଜନ ମାର୍ଥା ମୁଖ୍ୟବକ୍ତା ରୂପେ ଯୋଗଦେଇ 'ରୀତି ସାହିତ୍ୟରେ ଭକ୍ତି ଚେତନା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ ।
ଏହି ଅବସରରେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଏକନିଷ୍ଠ ଗବେଷକ ତପନ କୁମାର ଶତପଥୀଙ୍କୁ ମର୍ଯ୍ୟାଦାଜନକ 'ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର' ସ୍ୱରୂପ ପାଞ୍ଚ ହଜାର ଟଙ୍କା, ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀଯୁକ୍ତ ଶତପଥୀ ଆମ ପୂର୍ବସୂରୀ ସାରସ୍ୱତ ସାଧକଙ୍କ କୃତି ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ ।

## ମଇଁଷି ବୋଝେଇ ଗାଡି ଜବତ୍; ୨୦ମଇଁଷି ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ୧୬ନଂ ଜାତୀୟ ରାଜପଥ ର ପଣ୍ଡିତ ଢାବା ନିକଟରୁ ଏକ ମଇଁଷି ବୋଝେଇ ଆଇଚର କୁ ପୁଲିସ ଜବତ କରିଛି। ଉକ୍ତ ଟ୍ରକ୍ ରୁ ପୁଲିସ ୨୦ମଇଁଷି ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ଗାଡିର ଡ୍ରାଇଭର କର୍ଣ୍ଣାଟକ କୋଲାର ଜିଲ୍ଲା କେ.ଜି.ଏଫ. ଥାନା ଅନ୍ତର୍ଗତ ସୁନ୍ଦରପାଲ୍ୟା ଗ୍ରାମର ଭି. କୁମାର (୬୫) କୁ ଗିରଫ କରିଛି। ଗତକାଲି ବିଳମ୍ବିତ ରାତିରେ ବଜରଙ୍ଗ ଦଳ କର୍ମୀ ୧୬ନଂ ଜାତୀୟ ରାଜପଥରେ ଆଇଚର ଟ୍ରକ ଦେଖି ସନ୍ଦେହ ହେବାରୁ ତାକୁ ପିଛା କରି ଅଟକାଇବାକୁ ଚେଷ୍ଟା କରିଥିଲେ। ଟ୍ରକ୍ ର ଡ୍ରାଇଭର ଟ୍ରକକୁ ଦ୍ରୁତ ଗତିରେ ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବଜରଙ୍ଗ ଦଳ ସଦସ୍ୟ ଉକ୍ତ ଟ୍ରକ୍ କୁ ପଣ୍ଡିତ ଢାବା ନିକଟରେ ଅଟକାଇଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ପୁଲିସ ପହଁଚି ଟ୍ରକ ଓ ଡ୍ରାଇଭରକୁ ହେପାଜତ କୁ ନେଇଥିଲା। ଟ୍ରକ ଯାଂଚବେଳେ ସେଥିରେ ୨୦ ମଇଁଷି କୁ ପୁଲିସ ଉଦ୍ଧାର କରିଥିଲା। ଟ୍ରକ୍‌ଟି କଟକରୁ କର୍ଣ୍ଣାଟକ ଆଡ଼କୁ ଯାଉଥିଲା। ବଜରଙ୍ଗ ଦଳ କର୍ମୀ ଏସ୍.ଏମ. ଦିବ୍ୟ ପ୍ରକାଶ ପ୍ରଧାନଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଭି. କୁମାର କୁ କୋର୍ଟ ଚାଲାଣ କରିଛି। ଜବତ ପଶୁଙ୍କ ପ୍ରାଥମିକ ଚିକିତ୍ସା ପରେ ଗୋସାଲା ରେ ଛଡାଯାଇଛି।

### ଜାତୀୟ ବିଜ୍ଞାନ ଦିବସ ଅବସରରେ

## ଗବେଷଣା ତଥା ସ୍ଥାୟୀ ନବସୃଜନକୁ ଅଗ୍ରାଧିକାର ଦେଇଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ବିଜ୍ଞାନ ଦିବସରେ, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏହାର କାର୍ଯ୍ୟରେ ଗବେଷଣା ଚାଳିତ ଉତ୍ପାଦନ, ଡିଜିଟାଲ୍ ନବସୃଜନ ଏବଂ ପ୍ରୟୋଗିକ ଇଞ୍ଜିନିୟରିଂ ମାଧ୍ୟମରେ ଭାରତର ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗକୁ ବଢାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଛି। କମ୍ପାନୀର ସମନ୍ୱିତ ବୈଜ୍ଞାନିକ କର୍ମଶକ୍ତି, ଧାତୁବିଜ୍ଞାନୀ, ରସାୟନବିଦ, ପ୍ରକ୍ରିୟା ଇଞ୍ଜିନିୟର, ଡାଟା ବିଜ୍ଞାନ ଏବଂ ଡିଜିଟାଲ୍ ବିଶେଷଜ୍ଞଙ୍କ ସମେତ, ମୁଖ୍ୟ ବୈଜ୍ଞାନିକ, ବୈଷୟିକ, ଡିଜିଟାଲ୍ ଏବଂ ଇଞ୍ଜିନିୟରିଂ ଭୂମିକାରେ କାର୍ଯ୍ୟ କରୁଥିବା ୮୦୦ ରୁ ଅଧିକ ମହିଳା ବୃତିଗତଙ୍କ ସହିତ, ବୈଜ୍ଞାନିକ ଏବଂ ବୈଷୟିକ ପଦବୀରେ ଏହାର ମୋଟ କର୍ମଶକ୍ତିର ୨୦% ଅଟନ୍ତି ଏବଂ ସେମାନେ ଭାରତର ବର୍ଦ୍ଧିତ ନବସୃଜନ ଇକୋସିଷ୍ଟମରେ ଅବଦାନ ଦେଉଛନ୍ତି।
ଏହି ବୃତିଗତମାନେ ସମ୍ବଳ ଦକ୍ଷ ବିଶୋଧନ, ସାମଗ୍ରୀ ବିଜ୍ଞାନ, ଶକ୍ତି ଅପ୍ଟିମାଇଜେସନ୍, ସ୍ଥାୟୀ ଖଣି ଅଭ୍ୟାସ, ଶିଳ୍ପ ଏଆଇ ଏବଂ ଡିଜିଟାଲ୍ ଉତ୍ପାଦନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ଏକ ଉଲ୍ଲେଖନୀୟ ସଫଳତା ହେଉଛି କମ୍ପାନୀର ମାଲିକାନା ବିଶୋଧନ



ପ୍ରକ୍ରିୟା ଯାହା ବକ୍ସାଇଟ୍ ଅବଶିଷ୍ଟ୍ୟ ଉତ୍ପାଦନକୁ ୩୦% ହ୍ରାସ କରେ, ଆଲୁମିନା ପୁନରୁଦ୍ଧାରକୁ ବୃଦ୍ଧି କରେ ଏବଂ ସ୍ଥାୟୀ ବିଶୋଧନ ଅଭ୍ୟାସକୁ ସୁଦୃଢ଼ କରେ। କମ୍ପାନୀ ଆଇସିଏଆର-ସିଟିସିଆରଆଇ ସହିତ ଏକ ଅଗ୍ରଣୀ ଗବେଷଣା କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରୁଛି ଯାହା ଦ୍ୱାରା ଭୂମି ପୁନରୁଦ୍ଧାର ଏବଂ ପରିବେଶଗତ ପୁନରୁଦ୍ଧାର ପାଇଁ ଲାଲ କାଦକୁ ଏକ ପୁଷ୍ଟିକର ସମୃଦ୍ଧ ବୃଦ୍ଧି ମାଧ୍ୟମ ଭାବରେ ପରିଣତ କରାଯାଇପାରିବ। ଏଆଇ ସକ୍ଷମ ପ୍ରକ୍ରିୟା ଅପ୍ଟିମାଇଜେସନ୍, ଭବିଷ୍ୟବାଣୀ ରକ୍ଷଣାବେକ୍ଷଣ, ଦୂରବର୍ତୀ କାର୍ଯ୍ୟ ଏବଂ ମେସିନ୍-ଶିକ୍ଷଣ-ଚାଳିତ ମନିଟରିଂ ସମେତ ଡିଜିଟାଲ୍ ରୂପାନ୍ତରଣ ପଦକ୍ଷେପଗୁଡ଼ିକ ଏହାର ବୈଜ୍ଞାନିକ ଅଭିଯାନର କେନ୍ଦ୍ରବିନ୍ଦୁ ଅଟେ। ଏହି ପ୍ରୟାସର ମୂଳରେ ବେଦାନ୍ତ ଆଲୁମିନିୟମର ଉତ୍ସର୍ଗୀକୃତ ଗବେଷଣା ଏବଂ ବିକାଶ ଇକୋସିଷ୍ଟମ ଅଛି, ଯାହା କମ୍ପାନୀକୁ ଗ୍ରାହକ, ଶିକ୍ଷାନୁଷ୍ଠାନ ଏବଂ ଗବେଷଣା ଅଂଶୀଦାରମାନଙ୍କ ସହ ସହଯୋଗରେ ଅଭିନବ, କଷ୍ଟମାଇଜ୍ଡ ଉତ୍ପାଦ ଏବଂ ପ୍ରକ୍ରିୟା ସମାଧାନ ସହ-ନିର୍ମାଣ କରିବାକୁ ସକ୍ଷମ କରିଥାଏ।
ଚଳିତ ବର୍ଷର ଜାତୀୟ ବିଜ୍ଞାନ ଦିବସରେ ବିଷୟବସ୍ତୁ, "ବିଜ୍ଞାନରେ ମହିଳା: ବୀକଶିତ ଭାରତକୁ ତ୍ୱରାନ୍ୱିତ କରିବା," ଭାରତର ବୈଜ୍ଞାନିକ ଏବଂ ଶିଳ୍ପ ଭବିଷ୍ୟତରେ ମହିଳାମାନଙ୍କର ଅତ୍ୟାବଶ୍ୟକ ଭୂମିକାକୁ ଗୁରୁତ୍ୱାରୋପ କରିଛି। ଏହି ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି, ବେଦାନ୍ତ ଆଲୁମିନିୟମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକରେ ମହିଳାମାନଙ୍କ ଅଂଶଗ୍ରହଣକୁ ସ୍ଥିର ଭାବରେ ବିସ୍ତାର କରିଛି। ସେମାନେ ସମ୍ପୂର୍ଣ୍ଣ ସ୍ମେଲଟର ଲାଇନ, ଲୋକୋମୋଟିଭ୍ ଅପରେସନ୍, ପାୱାର ପ୍ଲାଂଟ ୟୁନିଟ୍, ଅଗ୍ନି ନିର୍ବାପକ ଦଳ, ସୁରକ୍ଷା ଦଳ, ଉପକରଣ ଦଳ ଏବଂ ପ୍ରକ୍ରିୟା ଇଞ୍ଜିନିୟରିଂ ଏବଂ ଶିଳ୍ପ ସ୍ୱୟଂଚାଳିତକରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ୨୦୩୦ ସୁଦ୍ଧା ୨୦% ଲିଙ୍ଗ ବିବିଧତା ପ୍ରତି କମ୍ପାନୀର ପ୍ରତିଶ୍ରୁତିବଦ୍ଧତା ଦ୍ୱାରା ସମର୍ଥିତ ଏହି ପ୍ରୟାସଗୁଡ଼ିକ ଭାରତର ବିକାଶ ପ୍ରାଥମିକତା ସହିତ ସମନ୍ୱିତ ଏକ ଦକ୍ଷ ଏବଂ ଅନ୍ତର୍ଭୁକ୍ତ ବୈଜ୍ଞାନିକ କର୍ମଶକ୍ତି ନିର୍ମାଣ ଉପରେ ଏହାର ଧ୍ୟାନକୁ ଆହୁରି ମଜବୁତ କରେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଭାରତ ଆତ୍ମବିଶ୍ୱାସର ସହିତ ବୀକଶିତ ଭାରତ ଆଡକୁ ଅଗ୍ରସର ହେଉଥିବାରୁ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଆମର ପ୍ରଗତିର ଗତି ନିର୍ଣ୍ଣୟ କରିବ। ବେଦାନ୍ତ ଆଲୁମିନିୟମରେ, ଆମେ ଆମର କାର୍ଯ୍ୟରେ ସ୍ଥାୟୀ ବିକାଶକୁ ସକ୍ଷମ କରିବା ପାଇଁ ନବସୃଜନ, ଗବେଷଣା ଏବଂ ଆଧୁନିକ ଇଞ୍ଜିନିୟରିଂକୁ ଉପଯୋଗ କରୁଛୁ। ଦେଶ ଏକ ଜ୍ଞାନକୌଶଳ, ଶିଳ୍ପ ଭବିଷ୍ୟତ ଆଡକୁ ଗତି କରୁଛି, ବେଦାନ୍ତ ଆଲୁମିନିୟମ ଗବେଷଣା, ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ଅନ୍ତର୍ଭୁକ୍ତ ପ୍ରତିଭା ପଥଗୁଡ଼ିକୁ ଚଳାଇବା ଉପରେ ଧ୍ୟାନ କେନ୍ଦ୍ରିତ ରହିଛି ଯାହା ଭାରତର ଶିଳ୍ପ ଅଭିବୃଦ୍ଧି, ପରିବେଶଗତ ପରିଚାଳନା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅର୍ଥପୂର୍ଣ୍ଣ ଯୋଗଦାନ ଦିଏ।

## ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲ୍ ସମସ୍ୟା

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୋଧପତ୍ର ପ୍ରଦାନ

ତାଳଚେର, (ସବୁ): ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲ୍ ସମସ୍ୟା ବିଷୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପିଏମଆଇଟି ଠାରେ ସାକ୍ଷାତ କରି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। କମିଟିର ସଭାପତି ପଦ୍ମ ଚରଣ ସାମଲ, ସାଧାରଣ ସଂପାଦକ ବିଜୟ କୁମାର ପ୍ରଧାନ, ବଳରାମ ପତି, ରଣଜିତ୍ କୁମାର ମହାପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହିତ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ତାଳଚେରରେ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ପବିତ୍ର ମୋହନ ମେଡିକାଲ୍ ତିଆରି କଲେ। ପବିତ୍ର ମୋହନ ମେଡିକାଲ୍ ରେ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଗଲା।



କିନ୍ତୁ ଦୁଃଖର ବିଷୟ ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ ହେଲା କିନ୍ତୁ ସରକାର ମେଡିକାଲ୍ କଲେଜ୍‌ର ମେଡିକାଲ୍‌କୁ ପବିତ୍ର ମୋହନ ମେଡିକାଲ୍ ବଦଳରେ ଅନୁଗୋଳ ଜିଲ୍ଲା ମେଡିକାଲ୍‌କୁ ଗ୍ରହଣ କଲେ। ବର୍ତ୍ତମାନ ଜିଲ୍ଲା ମେଡିକାଲ୍ ରେ ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ ର ମେଡିକାଲ୍ କାର୍ଯ୍ୟ କରୁଅଛି। ତାଳଚେରବାସୀ ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଦେବା ପାଇଁ ଏଠାରୁ ଅଧିକ କୋଇଲା ଓ ବିଜୁଳି ଉପାଦନ ହେଉଅଛି। ଏହାଦ୍ୱାରା ଏହି ଅଂଚଳ ଦେଶର ସବୁଠାରୁ ଅଧିକ ପ୍ରଦୂଷଣ ଅଂଚଳ ଭାବରେ ବିବେଚନା ହୋଇଛି ଓ ପ୍ରଦୂଷଣରେ ଧୂଳିଧୂଆଁ ଖାଇ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ହୋଇ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି। ଏଠାରେ ଖୁବ୍ କମ୍ ବୟସରେ ଲୋକମାନେ ହାର୍ଟ, କ୍ୟାନସର ରୋଗରେ ମୃତ୍ୟୁ ବରଣ କରୁଛନ୍ତି। ତେଣୁ ତାଳଚେରବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ମେଡିକାଲ୍ କଲେଜ୍ ର ହସ୍‌ପିଟାଲ୍ କୁ ଜିଲ୍ଲା ହସ୍‌ପିଟାଲ୍ ପରିବର୍ତ୍ତେ ପବିତ୍ର ମୋହନ ହସପିଟାଲ୍ କୁ ଗ୍ରହଣ କରାଯାଉ।

## ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ବିଦ୍ୱତ୍ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ହିଙ୍ଗୁଳା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପ*ାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭାରତରନି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଚତୁର୍ଭୁଜ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଜାତୀୟ ବିଜ୍ଞାନ ଦିବସ ପାଳନର ମହତ୍ୱ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅତିଥିମାନେ ବୈଜ୍ଞାନିକ ସି.ଭି. ରମଣଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତକୁ ବିଜ୍ଞାନ କିପରି ପ୍ରଭାବିତ କରିଛି ସେ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରିବେଶଭିତିକ ଏକ କ୍ଷୁଦ୍ର ଏକାଙ୍କିକା ପରିବେଷଣ କରିଥିଲେ। ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଜ୍ଞାନ ପ୍ରଶ୍ନବାଚକ, ପ୍ରଶ୍ନ ମ* ଓ ବିଭିନ୍ନ ବୈଜ୍ଞାନିକମାନଙ୍କ ଜୀବନୀ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ମାନପତ୍ର ଓ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ରବିନ୍ କୁମାର ବରାଳ, ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପ*ାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଚାର୍ଯ୍ୟ କମଳ ଲୋଚନ ପ୍ରଧାନ, ସ୍ନେହଲତା ସ୍ୱାଇଁ, ସୁକନ୍ୟା ମାଝୀ, ଜ୍ୟୋତିର୍ମୟୀ ସେନାପତି, ଟୁନିତା ସାହୁ, କୁମୁଦ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଭଗବାନ ବେହେରାଙ୍କ ସମେତ ସମସ୍ତ ଆଚାର୍ଯ୍ୟ,ଆଚାର୍ଯ୍ୟା ସହଯୋଗ କରିଥିଲେ।

## ସୁନାପୁର ବାହୁଦା ନଦୀ ମୁହାଣରେ ନିର୍ମାଣ ହେବ ରାଜ୍ୟର ସବୁଠାରୁ ବଡ଼ ବନ୍ଦର

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ସୁନାପୁରସ୍ଥିତ ବାହୁଦା ନଦୀ ମୁହାଣର ରାଜ୍ୟର ସବୁଠାରୁ ବଡ଼ ପ୍ରସ୍ତାବିତ ବନ୍ଦରସ୍ଥଳୀକୁ ଶନିବାର ପୂର୍ବାହ୍ନରେ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା,ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ, ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ, ଜିଲ୍ଲାପାଳ ଭି.କୀର୍ତ୍ତି ଓ୍ୱାସନ, ଜିଲ୍ଲା ସ୍ତରୀୟ ଓ ସ୍ଥାନୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇ ସେହି ସ୍ଥାନର ସାମ୍ପ୍ରତିକ ସ୍ଥିତି, ପାରିପାର୍ଶ୍ୱିକ ପରିସ୍ଥିତି ଓ ନକ୍ସାର ସମୀକ୍ଷା କରିଥିଲେ ।

ସୂଚନା ଯୋଗ୍ୟ ଯେ, ଏହି ପ୍ରସ୍ତାବିତ ବନ୍ଦର ଦେଶର ଏକ ବଡ଼ ବନ୍ଦରରେ ପରିଗଣିତ ହେବ । ଏହି ବିଶ୍ୱସ୍ତରୀୟ ବନ୍ଦର ନିର୍ମାଣ ପାଇଁ ପାଖାପାଖି ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ଏହି ବନ୍ଦରରେ ବର୍ଷକୁ ୧୫୦ ମିଲିଅନ ମେଟ୍ରିକ ଟନ କାର୍ଗୋ ପରିବହନ କରିବାର କ୍ଷମତା ରହିବ । ଏହି ବନ୍ଦରର ନିର୍ମାଣ ପାଇଁ ୨୦୨୫ ମସିହା ସେପଟେମ୍ବର ୧୯ ତାରିଖରେ ପାରାଦୀପ ପୋର୍ଟ ଲିମିଟେଡ଼, ସାଗରମାଳା ଫାଇନାନ୍ସ ଲିମିଟେଡ଼ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ତ୍ରିପାକ୍ଷୀକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ବନ୍ଦର ପାଇଁ ଆବଶ୍ୟକ ରହିଥିବା ଭିଜିବିଲିଟି ରିପୋର୍ଟ ପାଇଁ ପ୍ରାଥମିକ ସର୍ଭେ ହୋଇସାରିଛି ।ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆଶା - ଆକାଂକ୍ଷାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଧାନ୍ୟ ଦିଆଯାଇ ବନ୍ଦର ନିର୍ମାଣ ହେବ । ବନ୍ଦର କାର୍ଯ୍ୟକ୍ଷମ ହେଲା ପରେ ଗଞ୍ଜାମବାସୀଙ୍କ ପାଇଁ ଅନେକ ସୁଯୋଗ ନେଇଆସିବ ଏଠାରେ ହଜାର ହଜାର ଲୋକ ନିଯୁକ୍ତି ପାଇବା ସହ ଛୋଟବଡ଼ ଅନେକ ବ୍ୟବସାୟିକ ସୁଯୋଗ ନେଇ ଆସିବ ।



ଗଞ୍ଜାମ, ଆଖ ପାଖ ଜିଲ୍ଲାର ଲୋକେ ଉପକୃତ ହେବା ସହ ସ୍ଥାନୀୟ ଅଂଚଳବାସୀ ବିଶେଷ ଭାବେ ଉପକୃତ ହେବେ । ସବୁଠାରୁ ବଡ କଥା ସୁନାପୁର ଏବେ ବିଶ୍ୱମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି । ତାସହିତ ଅଂଚଳବାସୀଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛନ୍ତି । ଏହି ବନ୍ଦର କାର୍ଯ୍ୟକ୍ଷମ ହେଲା ପରେ କାର୍ଗୋ ପରିବହନରେ ଓଡିଶା ବିଶେଷ ଲାଭାନ୍ୱିତ ହେବ । କାରଣ ଜଳ ପଥରେ ନିର୍ଦ୍ୱନ୍ଦରେ ଓ ଯେ କୌଣସି ସମୟରେ ଦ୍ରବ୍ୟ / ସାମଗ୍ରୀ ପରିବହନ ହୋଇପାରିବ ।

ଏହା ସହିତ ବନ୍ଦର ନିକଟରେ ଜାତୀୟ ରାଜପଥ ସହ ରେଳପଥ ରହିଛି ତେଣୁ ସେଠାରୁ ଭୁପୃଷ୍ଠରେ ଦ୍ରବ୍ୟ / ସାମଗ୍ରୀ ପରିବହନରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି । ଏହି ବନ୍ଦର କାର୍ଯ୍ୟକ୍ଷମ ହେଲାପରେ ରାଜ୍ୟର ବିକାଶ ଜୟଯାତ୍ରାରେ ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣ ବନ୍ଦର ପ୍ରମୁଖ ସାରଥୀ ସାଜିବ ବୋଲି ସେ କହିଛନ୍ତି ।

ବନ୍ଦରକୁ ପିପିପି ମୋଡରେ ନିର୍ମାଣ କରାଯିବ । ଏହାର ଅନେକ ସର୍ଭେ ସରିଥିବା ବେଳେ ବୈଷୟିକ ରିପୋର୍ଟ ମଧ୍ୟ ଆସିସାରିଛି । ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ଡ଼ିପିଆର ପ୍ରସ୍ତୁତ କରାଯାଇ ବନ୍ଦର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ରାଜପୁତ ସୂଚନା ଦେଇଛନ୍ତି ।

## ୧୨.୧୩ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ




ତାଳଚେର,(ସବ୍ୟୁ) : ଗତକାଲି ସନ୍ଧ୍ୟା ସମୟରେ ତାଳଚେର ବ୍ଲକ କ,,ାଳ ପଂଚାୟତ ଅନ୍ତର୍ଗତ ଜାତୀୟ ରାଜପଥ ବସଷ୍ଟାଣ୍ଡ ନିକଟରେ ପୋଲିସ୍ ୧୨.୧୩ ଗ୍ରାମ ବ୍ରାଉନସୁଗାର ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ, ୩୦ହଜାର ଓନଗଦ ୧୩ହଜାର ଟଙ୍କା, ବଜାଜ ଡ଼ିସକଭର ବାଇକ ନଂ- ଓଡ଼ି ୧୯ଏଫ-୯୭୩୯ ଜବତ କରିଛି ।

ଏସପିଙ୍କ ନିର୍ଦ୍ଦେଶ ଓ ଏସଡ଼ିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଥାନା ଅଧିକାରୀ ଏକ ଟିମ ଗଠନକରି କୌଣସି ସୂତ୍ରରୁ ଡ୍ରଗ୍ସ ବ୍ୟବସାୟର ସୂରାକ୍ ପାଇଁ କ,,ାଳ ବସଷ୍ଟାଣ୍ଡରେ ଚଢ଼ାଉକରି ବ୍ରାଉନସୁଗାର ସହ ଜଣେ ବ୍ୟବସାୟୀକୁ କାବୁ କରିଥିବା ପୋଲିସ୍ ସୂତ୍ରରୁ ଜଣାପଡ଼ିଛି । ଉକ୍ତ ବ୍ୟବସାୟୀଙ୍କ ନାମରେ ଏକ ମକଦ୍ଦମା ରୁଜୁକରି ଅଧିକ ତଦନ୍ତ ଚଳାଇଥିବା ବେଳେ ପୂର୍ବରୁ କୁଆଡ଼େ ଉକ୍ତ ବେପାରୀ ପରିବାରଙ୍କ ପକ୍ଷରୁ ତାଙ୍କ ପୁଅ କେଉଁଆଡ଼େ ନିଖୋଜ ହୋଇଥିବା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ବେପାରୀଙ୍କ ଘର ରେମୁଁଆଁ ଓ୍ୱାର୍ଡ ନଂ- ୧୨ ହୋଇଥିବା ଜଣାପଡ଼ିଛି ।

## ଗ୍ରୀଷ୍ମ ପ୍ରବାହ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

# ଉତ୍ତପ୍ତ ବିଷ ନୁହଁ ବରଂ ଶୀତଳ, ନିର୍ମଳ ଓ ସୁସ୍ଥ ପୃଥିବୀଟିଏ ଦରକାର

ବାରିପଦା, (ସବ୍ୟୁ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ମିଳିତ ଆନୁକୂଲ୍ୟରେ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଦାରା ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆସିଷ୍ଟାଣ୍ଟ ପ୍ରଫେସର କୁମାରୀ ରାଇମଣି ମାରାଣ୍ଡି ସାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।



ତତ୍ପରେ ଅଧ୍ୟକ୍ଷ ଶ୍ରୀ ବେହେରା ଜଳବାୟୁ ପରିବର୍ତ୍ତନ ଓ ବିଶ ତାପମାନ ବୃଦ୍ଧି ସଙ୍ଗେ ସଙ୍ଗେ ଅଂଶୁଘାତର ମୁକାବିଲା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ଓ ଏଥିପାଇଁ ସଠିକ ଯୋଜନା ପ୍ରସ୍ତୁତ, ଯୋଜନାର ସଫଳ ରୂପାୟନ, ପରିବେଶର ସୁରକ୍ଷା, ସରଳ ଜୀବନଯାପନ, କାର୍ବନ ନିର୍ଗମନ ହ୍ରାସ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ, ବିଭାଗୀୟ ସମନ୍ୱୟ ସହିତ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ଉତ୍ତପ୍ତ ବିଶ ନୁହଁ ବରଂ ଶୀତଳ, ନିର୍ମଳ ଓ ସୁସ୍ଥ ବିଶ ଜୀବନକୁ ପୂର୍ଣ୍ଣାଙ୍ଗ ଓ ସୁନ୍ଦର କରିଥାଏ ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଡିପିଓ ଜଗବନ୍ଧୁ ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ. ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ଜିଜ୍ଞାସା, ପରିଶ୍ରମ, କଳ୍ପନା, ସୃଜନଶୀଳତା, ବୈଜ୍ଞାନିକ ମନୋଭାବ ଓ ଅଭିନବ ଜ୍ଞାନ କୌଶଳର ଉଦ୍ଭାବନ ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତ ପୃଥିବୀର ସଫଳ ଦାୟାଦ ଓ ନବନିର୍ମାଣର ରୂପକାର ହୋଇ ଆଗାମୀ ଦିନରେ ଆସୁଥିବା ସବୁଯାକ ପ୍ରତିବନ୍ଧକ ଓ ଆହ୍ୱାନ ସବୁକୁ ଛାତ୍ରଛାତ୍ରୀମାନେ ସମାଧାନ କରି ପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ମାଷ୍ଟର ଟ୍ରେନର ଭାବରେ ଜିଲ୍ଲା ଚିକିତ୍ସାଳୟର ଡକ୍ଟର ବିଭୂଦତ୍ତ ଦାସ ଓ ଡକ୍ଟର ଜ୍ଞାନେନ୍ଦ୍ର ମହାନ୍ତି ହିଟ ଓ୍ୱେଭ, ହିଟ ଷ୍ଟ୍ରୋକ, ହିଟ ଇଲନେସ, ହିଟ କ୍ରାମ୍ପ ଆଦି ବିଷୟରେ ବର୍ଣ୍ଣନା କରିବା ସହିତ ଏହାର ପ୍ରତିକାର ଓ ପ୍ରାଥମିକ ଚିକିତ୍ସା ବିଷୟରେ ବ୍ୟାପକ ଭାବେ ବୁଝାଇଥିଲେ ।

ପ୍ରଫେସର ଡକ୍ଟର ଅନାମ ଚରଣ ରାଉଳ ଅଂଶୁଘାତ ସମ୍ବନ୍ଧୀୟ ସରକାରଙ୍କ ନିୟମାବଳୀର ପାଳନ ଓ ସଚେତନତା ବାର୍ତ୍ତା ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ । ସର୍ବଶେଷରେ ପ୍ରଫେସର ଡକ୍ଟର ହରପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ପ୍ରାଧ୍ୟାପକ ଆଲେକ୍ସ ହେମ୍ବ୍ରମ, ଦୀପିକା ରାଣା, ସୁପ୍ରିମ ମଣ୍ଡଳ ଆଦି ସହଯୋଗ କରିଥିଲେ ।

## ଦୁଷ୍କର୍ମ ଅଭିଯୁକ୍ତକୁ ୨୦ବର୍ଷ ଜେଲ୍‌ଦଣ୍ଡ, ୧୦ହଜାର ଜୋରିମାନା

ଜଗତସିଂହପୁର,(ସବ୍ୟୁ): ୨୦୨୪ ମସିହା ନାଉଗାଁ ଥାନା ନାବାଳିକା ଦୁଷ୍କର୍ମ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନାଉଗାଁ ଥାନା ମଧୁପୁର ଗ୍ରାମର ସ୍ମୃତି ରଞ୍ଜନ ମୁଦୁଲିଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନରେ ସ୍ୱତନ୍ତ୍ର୧ ପୋକସୋ କୋର୍ଟ ବିଚାରପତି ଏସ. ଏ.କେ.ଜେଡ. ଅହମ୍ମଦ ଦଣ୍ଡିତ କରିଛନ୍ତି।

ସୂଚନା ଅନୁସାରେ ନାଉଗାଁ ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକା ଗ୍ରାମରେ ଥିବା ଦୋକାନକୁ କୁରୁକୁରି ଆଣିବାକୁ ଯାଉଥିବା ବେଳେ ମଧୁପୁର ଗ୍ରାମର ଲିକୁ ଓରଫ ସ୍ମୃତି ରଞ୍ଜନ ମୁଦୁଲି ସମ୍ପୃକ୍ତ ନାବାଳିକାଙ୍କୁ ଡାକି ନିଜ ଘରକୁ ନେଇଥିଲା। ସେଠାରେ ତାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ପରେ ଘଟଣା ବିଷୟରେ କାହାରିକୁ ଜଣାଇଲେ ସମ୍ପୃକ୍ତ ନାବାଳିକା ଓ ତାଙ୍କ ବାପାଙ୍କୁ ଜୀବନରୁ ମାରିଦେବାକୁ ଲିକୁ ଧମକ ଦେଇଥିଲେ। ଭୟରେ ନାବାଳିକା କହି ନଥିବା ବେଳେ ଦୁଇ ମାସ ପରେ ସଂପୃକ୍ତ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ।

ପରିବାର ଲୋକେ ନାବାଳିକାଙ୍କୁ ଜଗତସିଂହପୁର ଆଣି ଏକ ଘରୋଇ ନର୍ସିଂ ହୋମରେ ଅଲଟ୍ରାସାଉଣ୍ଡ କରିବା ପରେ ନାବାଳିକା ଜଣକ ଦୁଇ ମାସର ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ୨୦୨୪ ଅଗଷ୍ଟ ୧୨ ତାରିଖରେ ପିଡୀତାଙ୍କ ମାଆ ନାଉଗାଁ ଥାନାରେ ଏତଲା ଦେଇଥିଲେ। ନାଉଗାଁ ଥାନା ପକ୍ଷରୁ କେଶ ରୁଜୁ କରାଯାଇ ଅଭିଯୁକ୍ତ ଲିକୁ ଓରଫ ସ୍ମୃତି ରଞ୍ଜନ ମୁଦୁଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ଏହି ଘଟଣାର ବିଚାର କରି ୨୯ ଜଣ ସାକ୍ଷୀଙ୍କ ବୟାନ ଭିତି କରି ସ୍ୱତନ୍ତ୍ର ପୋକସୋ କୋର୍ଟିଚାରପତି ଅଭିଯୁକ୍ତ ସ୍ମୃତି ରଞ୍ଜନ ମୁଦୁଲିଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୧ବର୍ଷ ଜେଲ ଦଣ୍ଡ ନିର୍ଦ୍ଦେଶ ରହିଛି। ଏହି ଘଟଣାରେ ପିଡିତାଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ବ୍ରହ୍ମପୁର, (ସବ୍ୟୁ): ନିଷ୍ଟ ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସକୁ ଏକ ଭବ୍ୟ ସମାରୋହରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାଣୀ ବିଜ୍ଞାନର ଅବସରପ୍ରାପ୍ତ ଅଧ୍ୟାପକ ଜି. ବି. ଏନ. ଚୈନି ବୈଜ୍ଞାନିକ ନବସୃଜନର ପରମ୍ପରାକୁ ଆଗକୁ ନେବା ପାଇଁ ଭବିଷ୍ୟତ ପିଢ଼ିକୁ ଅନୁପ୍ରାଣିତ କରିବା ପାଇଁ ବିଜ୍ଞାନକୁ ମୌଳିକ ସ୍ତରରେ ବୁଝିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ସହକାରୀ ଜିଲ୍ଲାପାଳ ଓ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଆଦିତି ଆଚାରଯ୍ୟ ସଫଳତା ର ଗୁରୁମନ୍ତ୍ର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ମିଳିଥିଲା । ସିଏସଆଇଆର-ଆଇଏମଏମଟି ର ପରିବେଶ ଓ ନିରନ୍ତରତା ବିଭାଗର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡଃ ମନୀଷ କୁମାର ଏକ ଆକର୍ଷଣୀୟ ବକ୍ତୃତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଡଃ. ଅମିତ ପଟ୍ଟନାୟକ ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । କୁଳପତି ଡ଼ ପ୍ରିୟଦର୍ଶନ ପାତ୍ର ରମଣ ପ୍ରଭାବର ଆବିଷ୍କାର ଏବଂ ମାନବ ଜାତି ପାଇଁ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ ।




ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ କ୍ଲବ ବାହ୍ୟ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ଦିବସର ଏକ ପ୍ରମୁଖ ଆକର୍ଷଣ ଥିଲା ବିଜ୍ଞାନ କୁଇଜ ଏବଂ ଗବେଷଣା ପ୍ରଦର୍ଶନୀ (ପୋଷ୍ଟର ପ୍ରେଜେଣ୍ଟେସନ) ସାମିଲ ଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅସାଧାରଣ ବୈଜ୍ଞାନିକ ଜ୍ଞାନକୌଶଳ ଓ ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ । ବିଜ୍ଞାନ କୁଇଜ ପ୍ରତିଯୋଗିତା ରେ : ଖଲ୍ଲିକୋଟ ମହାବିଦ୍ୟାଳୟ ର ଦେବାଶିଷ ମାତୃପ୍ରସାଦ ରଥ ପ୍ରଥମ ପୁରସ୍କାର, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଆୟୁଷ ରଞ୍ଜନ ସଓ୍ୱାଇଁ ଦ୍ୱିତୀୟ ପୁରସ୍କାର, ବିନାୟକ ଆଚାରଯ୍ୟ ମହାବିଦ୍ୟାଳୟର ଅଂଶୁମାନ ସାହୁ ତୃତୀୟ ପୁରସ୍କାର ପାଇଥିଲେ । ଗବେଷଣା ପ୍ରଦର୍ଶନୀ (ପୋଷ୍ଟର ପ୍ରେଜେଣ୍ଟେସନ) ରେ ବାୟୋଟେକ୍ନୋଲୋଜି ର ଶୁଭଲକ୍ଷ୍ମୀ ନାୟକ ପ୍ରଥମ ପୁରସ୍କାର, ରସାୟନ ବିଜ୍ଞାନ ର ମହାବୀର ନନ୍ଦ ଦ୍ୱିତୀୟ ପୁରସ୍କାର ଏବଂ ରସାୟନ ବିଜ୍ଞାନ ର ମନୀଷା କୁମାରୀ ମହାନ୍ତି ତୃତୀୟ ପୁରସ୍କାର ପାଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା । ବିଜ୍ଞାନ ବିଭାଗ ଏବଂ ଇଂରାଜୀ ବିଭାଗର ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟ ଏହି କାର୍ଯ୍ୟକ୍ରମର ସଫଳତାକୁ ସୁନିଶ୍ଚିତ କରିଥିଲା । ଏଥିରେ ବିଭିନ୍ନ ବିଭାଗର ମୁଖ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ଓ ସହଯୋଗ କରିଥିଲେ । ଉତ୍ସବ ଶେଷରେ ଡ. ଅବିନାଶ ଦତ୍ତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଂଶ ଗ୍ରହଣକାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଡିଆଇଇଟିରେ ବୈଜ୍ଞାନିକ ଶେଷ କିଶାନ

# ବିଜ୍ଞାନ ଦିବସରେ ବାଣ୍ଟିଲେ ସଙ୍ଘର୍ଷପୂର୍ଣ୍ଣ ଯାତ୍ରାର ଅନୁଭୂତି

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ଡିଆଇଇଟିରେ ବୈଜ୍ଞାନିକ ଡଃ ଶେଷ କିସାନ ଜାତୀୟ ବିଜ୍ଞାନ ଦିବସରେ ଯୋଗଦେବା ସହିତ ନିଜ ସଂଘର୍ଷପୂର୍ଣ୍ଣ ଯାତ୍ରାର ଅନୁଭୂତିକୁ ଶତାଧିକ ଛାତ୍ରଛାତ୍ରୀ ଏବଂ ଅତିଥି ମାନଙ୍କ ମଧ୍ୟରେ ବାଣ୍ଟିଥିଲେ । ଆତ୍ମଚେଷ୍ଟା ହିଁ ସଫଳତାର ଚାବିକାଠି ବୋଲି ସେ କହିଛନ୍ତି ।




ପିଲାଟି ଦିନରୁ ମା'କୁ ହରେଇଥିବା ଶେଷ କିସାନ କହିଛନ୍ତି ଯେ ବାପା ମୋ ଲାଗି ଥିଲେ ବାପା, ମା ସବୁ କିଛି ।ପରିବାରର ଅବସ୍ଥା କିଛି ବି ଭଲ ନ ଥିଲା ।ଯେଉଁ ସମୟରେ ଖେଳ ନାଚ କରି ଗୀତ ଗାଇ ଜୀବନକୁ ହସ ଖୁସିରେ ବିତେଇବା କଥା ସେହି ସମୟରେ ମହୁଲ ଗୋଟେଇବା, କେନ୍ଦୁ ପତ୍ର ତୋଳିବା, ଫଡ଼ିରେ କାମ କରିବା, ମୁଲ ମଜୁରୀ କରିବା, ଇଟା ଗଢ଼ିବା ପରି କାର୍ଯ୍ୟ କରିବାକୁ ପଡ଼ିଛି । ବେଳାରେ ଗରମ ଭାତ ଗଣ୍ଡେ ଖାଇବା ଥିଲା ସାତ ସପନ । ପିଲାଦିନଟା ସାରା ସଂଗ୍ରାମରେ କଟେ ଜୀବନ ।ଖରା, ବର୍ଷା, ଶୀତ, କାକରକୁ ଭ୍ରୂକ୍ଷେପ ନ କରି ମାଟି ସହ ମିଶିଯାଇଥିଲି ।ସ୍ୱେଟର, ଜୋତା, ମୋଜା ପରି ଜିନିଷଗୁଡ଼ିକ କଣ ଜାଣି ନ ଥିଲେ ।ସକଳ ଅଭାବ ଓ ପ୍ରତିବନ୍ଧକ ସତ୍ତ୍ୱେ ଗାଁ ସ୍କୁଲ ରୁ ପାଠ ସାରି ଗୋଶାଳା ନବୋଦୟ ବିଦ୍ୟାଳୟରେ ଯୋଗଦେଇଥିଲେ ।ସେଠାରୁ ନାଇଜର ଓ ପରେ ଜର୍ମାନୀର ବର୍ଲିନ ଯାଏ ଯାତ୍ରା କରିବା କିଛି ବି ସହଜ ନ ଥିଲା ।ମାତ୍ର ନିଜ ଭିତରର ଦୃଢ଼ ମନୋବଳ ଓ ଆତ୍ମଚେଷ୍ଟା ମୋତେଆଶାତୀତ ସଫଳତା ଆଣିଦେଇଥିଲା ବୋଲି କହିଛନ୍ତି । ଏ ଥିଲା ଡଃ ଶେଷ କିଷାନଙ୍କ ସଂଘର୍ଷ ମୟ ଜୀବନର କଥା ।

ନିଜେ କହୁଥିଲେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ " ଆମ ସମୟର ପ୍ରେରଣା : ଡଃ ଶେଷ କିସାନ, ସଂଘର୍ଷରୁ ସଫଳତା- ଏକ ସଫର ଶୀର୍ଷକ ଆଲୋଚନା ଚକ୍ରରେ ।ବିନା ବହି ଖାତା, ଟିଉସନ କୋଚିଂ ଓ ବିନା ପଇସାରେ ଜଣେ ନାଇଜର ପରି ଅନୁଷ୍ଠାନରେ ପାଠ ପଢି ସଫଳତା ପାଇପାରେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଡଃ ଶେଷ କିସାନ । ନିଜର ବାପା ଓ ଶିକ୍ଷକ ମାନଙ୍କୁ ଦେବତା ବୋଲି ମାନେ କରୁଥିବା ଡଃ କିସାନ କେବେ ବି ନିଜ ଉପରୁ ଆସ୍ଥା ହରେଇ ନାହାନ୍ତି ।ବରଂ ପେଟର ଭୋକଠୁ ପାଠର ଭୋକ ତାଙ୍କୁ ଅସ୍ଥିର କରୁଥିଲା ସବୁବେଳେ ।ନିଜେ ନିଜ ଲାଗି ପ୍ରେରଣା ସାଜି ବାଟ ଚାଲୁଥିଲେ । ଜୀବନ ସଂଗ୍ରାମରେ ସଫଳତା ପାଇଲା ପରେ ବି ୧୭୦ରୁ ଅଧିକ ଅନାଥ ଗରିବ ପିଲାଙ୍କୁ ସେ ନିଜ ଘରେ ରଖି ନିଜ ଖର୍ଚ୍ଚରେ ପଢ଼ାଉଛନ୍ତି ।ଡଃ ଶେଷ କିସାନ ଫାର୍ମା ପ୍ରାଇଭେଟ ଲିମିଟେଡ଼ ପ୍ରତିଷ୍ଠା କରି ୩୦୦ରୁ ଅଧିକ ପ୍ରକାରର ଔଷଧ ତିଆରି କରି କେବଳ ଦେଶରେ ନୁହେଁ ବରଂ ଦେଶର ବାହାରକୁ ରପ୍ତାନି କରୁଛନ୍ତି ।ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଡଃ କିସାନ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମନସ୍କ ହେବାକୁ ପ୍ରେରଣା ଯୋଗାଇଥିଲେ ।ଶିକ୍ଷକ ମାନେ ନିଜକୁ ଅନ୍ଧବିଶ୍ୱାସ ଠାରୁ ନିଜକୁ ଦୁରେଇ ରଖିଲେ ତାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡେ ବୋଲି ସେ ମତବ୍ୟକ୍ତ କରିଥିଲେ ।ଗୁରୁଛାତ୍ରୀ ବର୍ଷାରାଣୀ ବେହେରା ଓ ମଧୁସ୍ମିତା ରଣାଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୁରୁଛାତ୍ରୀ ସ୍ୱିପାରାଣୀ ସାହୁ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ଏବଂ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗୁରୁଛାତ୍ରୀ ଯଥାକ୍ରମେ ସ୍ନେହରୂପା କର, ବର୍ଷାରାଣୀ ବେହେରା ଓ ମଧୁସ୍ମିତା ରଣାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ପ୍ରାଚୀର ପତ୍ରିକା ମହ୍ଲାରର ହୋଲି ବିଶେଷାଙ୍କ ରଙ୍ଗକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ ।ଶେଷରେ ଗୁରୁଛାତ୍ର ଲଲାଟେନ୍ଦୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ସମସ୍ତ ପ୍ରଶିକ୍ଷିକ ଓ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ପାରାଦୀପରେ ପୁଣି ଲଜ୍ଜା

# ନାବାଳିକାକୁ ଦୋକାନ ଭିତରେ ଦୁଷ୍କର୍ମ



ପାରାଦୀପ, (ଜିପ୍ର) : ବନ୍ଦର ନଗରୀରେ ପୁଣି ଲଜ୍ଜା । ତାରେଣୀଗଡ଼ା ଚାରି ମାହଲା କୋଠା ମଧ୍ୟରେ ଅପହରଣ ଓ ଦୁଷ୍କର୍ମର ଶିକାର ହୋଇ ହତ୍ୟା ହୋଇଥିବା ଯୁବତୀଙ୍କ ଘଟଣା ମାତ୍ର ୬ ଦିନ ନପୁରୁଣୁ ଏବେ ପୁଣି ଆଉ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି । ପାରାଦୀପ ସବଟେସନ ଛକରେ ଥିବା ଏକ ଚିକେନ ସେଣ୍ଟର ଭିତରେ ଗତ ତିନିଦିନ ହେବ ଜୈନିକା ୭ ବର୍ଷର ନାବାଳିକାକୁ ଥଣ୍ଡାରେ ମଦ ଦିଆଯାଇ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଯୁବକ ମାନେ ସମ୍ପୃକ୍ତ ଅଭିଯୁକ୍ତକୁ ବାନ୍ଧି ପ୍ରବଳ ମାଡ ମାରିବା ସହ ତାକୁ ପୋଲିସକୁ ହସ୍ତାନ୍ତର କରିଛନ୍ତି । ନାବାଳିକା କୌଣଷି ମତେ ସୁଯୋଗ ପାଇ ଦୋକାନରୁ ଖସିଆସି ଥିବା ଓ ଘଟଣାକୁ ପାଖ ପଡୋଶୀଙ୍କ ଆଗରେ କହିବା ପରେ ଏହି ଘଟଣା ସାମ୍ନାକୁ ଆସିଛି । ନାବାଳିକାକୁ ଚିକେନ ଦୋକାନୀଟି ଗତ ତିନିଦିନ ହେବ ଥଣ୍ଡା ଦେବା ବାହାନାରେ ଦୋକାନକୁ ଡାକେ ଓ କୌଶଳ କ୍ରମେ ଥଣ୍ଡାରେ ମଦ ମିଶାଇ ନାବାଳିକାକୁ ପିଇବାକୁ ଦେଇ ତା ସହ ଖରାପ କାର୍ଯ୍ୟ ଆରମ୍ଭ କରେ । ଏଭଳି ତିନିଦିନ ଧରି ଚାଲିଥିବା ବେଳେ ଆଜି ନାବାଳିକାଟି ଖସି ଆସିବାରୁ ଏସବୁ ଘଟଣା ସମସ୍ତେ ଜାଣିଥିଲେ । ଏବେ ପାରାଦୀପରେ ଏଭଳି ଅମାନୁଷିକ କାର୍ଯ୍ୟ ବାରମ୍ବାର ଘଟୁଥିବାରୁ ଦୋଷୀମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଅଭିଯୁକ୍ତ ଯୁବକଙ୍କ ନାମ ରାଜା ଖାନ ଓ ତାର ଘର କେନ୍ଦ୍ରାପଡ଼ା ରାମନଗର ଛପାଲି ବୋଲି ଜଣାପଡିଛି ।

# ବିରିଡି ବ୍ଲକ୍ ଛକ ଠାରେ ବିଜୁ ଜନତା ଦଳର ବିଶାଳ କର୍ମୀ ସମାବେଶ



ଜଗତସିଂହପୁର, (ସବ୍ୟୁ) : ବିରିଡି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିରିଡି ଛକ ଠାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ତିର୍ତ୍ତୋଲର ବିଧାୟକ ଡକ୍ଟର ରାମାକାନ୍ତ ଭୋଇଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା,ଅତନୁ ସବ୍ୟସାଚୀ ନାୟକ,ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି,ରାଜ୍ୟ ଛାତ୍ର ବିଜେଡି ସଭାପତି ଇପସିତା ସାହୁ,ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାପତି ଲୋରା ମହାପାତ୍ର, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ମହାପାତ୍ର,ପୂର୍ବତନ ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା ପ୍ରମୁଖ ଯୋଗ ଦେଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେଡିର ଦବଦବା ବାବଦରେ ଆଲୋକପାତ କରିଥିଲେ ।

ଏହି କର୍ମୀ ସମ୍ମିଳନୀରେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଲେ ଯେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭାଇ ଓ ଭଉଣୀମାନେ ସବୁବେଳେ ବିଜୁ ଜନତା ଦଳର ସାଥ ଦେଇଆସିଛନ୍ତି । ଯାହାର ସ୍ୱରୂପ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେଡିର ବିପୁଳ ବିଜୟ ହେବା ସହିତ ବିଧାୟକ ଭାବରେ ରମାକାନ୍ତ ଭୋଇ ବିଜୟ ଲାଭ କରିଥିଲେ ।ତେଣୁ ଆଗାମୀ ଦିନରେ ସଂଗଠନକୁ କିପରି ଆହୁରି ମଜବୁତ କରିବା ସହିତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଭଲ ପ୍ରଦର୍ଶନ କରିବ ସେଥିପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ ବୋଲି କହିଥିଲେ ।ଏହି ସମ୍ମିଳନୀରେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ ଯେ ତିର୍ତ୍ତୋଲ ମାଟି ହେଉଛି ମା ସାରଳାଙ୍କ ମାଟି ।ମାଙ୍କ ଆର୍ଶୀବାଦ ସହିତ ତିର୍ତ୍ତୋଲ ଜନସାଧାରଣଙ୍କ ଭଲପାଇବା ଯୋଗୁ ଏହି ନିର୍ବାଚନ ମଣ୍ଡଳୀରେ ସବୁବେଳେ ବିଜୁ ଜନତା ଦଳ ବିଜୟୀ ହୋଇଥାଏ ।ଏହି ଅଞ୍ଚଳ ପାଇଁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଅବଦାନ ଅତୁଳନୀୟ ।ବିରିଡି ବ୍ଲକ ହେଉଛି ବିଜୁ ଜନତା ଦଳର ଗଡ ବୋଲି କହିଥିଲେ ।ଏହି ସମ୍ମିଳନୀରେ ଜଗତସିଂହପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଶାନ୍ତ କୁମାର ମୁଦୁଲି କହିଲେ ଯେ ବିଜୁ ଜନତା ଦଳ ଓ ବିଜୁ ବାବୁଙ୍କ ଆଦର୍ଶରେ ବିରିଡି ବ୍ଲକ ଏକ ଐତିହାସିକ ମାଟି ।ଚାଷୀ ମାନଙ୍କର ସମସ୍ୟା, ମଣ୍ଡିରେ ଧାନ ଦେବାରେ ଅସୁବିଧା,ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ,ବ୍ଲକରେ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ,ପ୍ରଶାସନିକ ଅବ୍ୟବସ୍ଥା,ବାଲିଘାଟ ଲୁଟ ଆଦି ବିଭିନ୍ନ ସମସ୍ୟା ପ୍ରତିବାଦରେ ଆଜି ବିରିଡି ବ୍ଲକରେ ୪ ହଜାରରୁ ଉର୍ଦ୍ଧ ନେତୃବୃନ୍ଦ ଓ କର୍ମୀ ମାନେ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି ।ସମ୍ମିଳନୀରେ ତିର୍ତ୍ତୋଲ ବିଧାୟକ ଡକ୍ଟର ରମାକାନ୍ତ ଭୋଇ କହିଲେ ଯେ ଆଜିର କର୍ମୀ ସମାବେଶ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ସବୁଠାରୁ ଭଲ ପ୍ରଦର୍ଶନ କରିବ । ଆଜିର ସମାବେଶ ସୁଚାଇ ଦେଉଛି ବିରିଡି ବ୍ଲକରେ ପୂର୍ବରୁ ଯେଉଁଭଳି ଭାବରେ ବିଜୁ ଜନତା ଦଳର ଦବଦବା ରହିଥିଲା ଆଜି ବି ସେହିପରି ରହିଛି ବୋଲି ବିଧାୟକ କହିଥିଲେ ।ଏହି ସମାବେଶରେ ବ୍ଲକ ବିଜେଡି ସଭାପତି ରବିନ୍ଦ୍ର ରାଉଳ,ବିରିଡି ବ୍ଲକ ଉପାଧକ୍ଷ ପିନାକୀ ପ୍ରୀୟଦର୍ଶୀନି,ରଘୁନାଥପୁର ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ,ପ୍ରଭାସିନି ବେହେରା,ଦିପ୍ତିମୟୀ ରାୟ,ତପସ୍ୱୀ ତପସ୍ୱିନୀ ଭୂୟାଁ,କନକଲତା ବେହେରା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇବିରିଡି ବ୍ଲକରେ ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ଆହୁରି ସଂଗଠିତ କରିବାକୁ ଆହ୍ୱାନ ଦେଇଥିଲେ ।

# ଚୋରି ଘଟଣାରେ ୫ ଅଭିଯୁକ୍ତ କୋର୍ଟ ଚାଲାଣ

ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅର୍ନ୍ତଗତ ବଡ଼ ଗୋପାଳପୁର ଗ୍ରାମରେ ଥିବା ଏକ ଫାର୍ମ ହାଉସରୁ ମାଛ ଦାନା ଓ ଧାନ ଚୋରି ଘଟଣାରେ ଶନିବାର ଅପରାହ୍ନରେ ୫ ଜଣ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରେ ଚଢାଉ କରି ଗିରଫ କରାଯାଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଗିରିଶ ଚନ୍ଦ୍ର ବରଜଙ୍କ ପୁଅ ଦିନେଶ କୁମାର ବରଜ ବଡ଼ ଗୋପାଳପୁର ଗ୍ରାମରେ ଏକ ଫାର୍ମ ହାଉସ ସ୍ଥାପନ କରି ସେଠାରେ ମାଛ ଚାଷ ସହିତ ବିଭିନ୍ନ ପ୍ରକାରର ପନିପରିବା ଚାଷ କରିଛନ୍ତି । କିଛି ମାସ ପୂର୍ବରୁ ସେ ନ ଥିବା ଅବସ୍ଥାରେ କେତେ ଜଣ ଦୁର୍ବୃତ୍ତ ଫାର୍ମ ହାଉସ ପଶି ପାଖାପାଖି ୧ ଲକ୍ଷ ଟଙ୍କା ର ମାଛ ଚୋରି କରି ନେଇଥିଲେ , ମାତ୍ର ସେ ଏ ନେଇ ବୈଶିଙ୍ଗା ଥାନାରେ କୌଣସି ଅଭିଯୋଗ କରି ନଥିଲେ ପୁନର୍ବାର ଚଳିତ ମାସ ୧୯ ତାରିଖ ଗୁରୁବାର ରାତିରେ କେତେକ ଅଜଣା ଦୁର୍ବୃର୍ତ୍ତ ଫାର୍ମ ହାଉସରେ ପଶି ଗୋଦାମ ଘର ଭାଙ୍ଗି ବିପୁଳ ପରିମାଣର ଗଚ୍ଛିତ ଥିବା ମାଛ ଦାନା , ଧାନ, ପାଣି ପମ୍ପ ମେସିନ , ୫୦୦ରୁ ଉର୍ଦ୍ଧ ଖୋଲା ବୁରା ଚୋରି ହୋଇଯାଇଥିବାର ଦେଖିବାକୁ ପାଇଥିଲେ । ସେ ଏ ନେଇ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ୯୭/୨୬ ନଂ ରେ ଏକ ମାମଲା ରୁଜୁ କରାଯାଇ ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏଏସଆଇ ସପନ କୁମାର ବିଶାଳ ତଦନ୍ତ ଚଳାଇଥିଲେ ତଦନ୍ତ ପୂର୍ବକ ପୂର୍ବରୁ ସେହି ଫାର୍ମରେ କାର୍ଯ୍ୟ କରୁଥିବା ବୈଶିଙ୍ଗା ଥାନା ଅଧୀନ ପାଇକଯୁଗୁପୁରା ଗ୍ରାମର ଅମିତାଂଶୁ ଖଟୁଆ ନାମକ ଜଣେ କର୍ମଚାରୀଙ୍କୁ ସନ୍ଦେହରେ ଶୁକ୍ରବାର ପୋଲିସ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିବା ସହ ଏହି ଚୋରିରେ ଲିପ୍ତ ଥିବା ଅନ୍ୟ ୪ ଜଣ ଯୁବକଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇଥିଲା । ତଦନ୍ତ ବେଳେ ସମସ୍ତ ୫ ଜଣ ଅଭିଯୁକ୍ତ ଏହି ଚୋରିରେ ସମ୍ପୃକ୍ତ ଥିବା ନେଇ ଜାଣିବାକୁ ପାଇଥିଲା ବୈଶିଙ୍ଗା ପୁଲିସ । ଅଭିଯୁକ୍ତ ମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ପାଇକ ଯୁଗୁପୁରା ଗ୍ରାମର ରିଙ୍କୁ ଓରଫ ଅଙ୍କିତ ଖଟୁଆ (୨୪) , ରାଜା ଓରଫ ଅମିତାଂଶୁ ଖଟୁଆ (୨୭) , କଦଳିଆ ଗ୍ରାମର ବାବୁଲା ଓରଫ ମନୋଜ କୁମାର ମହାନ୍ତ (୨୦) , ମଛପଦା ଗ୍ରାମର ବାପୁନୁ ଓରଫ ସମିର କୁମାର ଦାସ (୨୩) ଏବଂ ସିକରଖୁଣ୍ଟା ଗ୍ରାମର ଦିଲ୍ଲୀପ ମହାନ୍ତ (୨୮) ଶନିବାର ଅପରାହ୍ନ ସମୟରେ ଗିରଫ ସମସ୍ତ ୫ଜଣ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି । ସେମାନଙ୍କ ନିକଟରୁ ୮ ବସ୍ତା ଧାନ ଓ ୮ବସ୍ତା ମାଛଦାନା, ୩ ଟି ବାଇକ,ଓଡି ୦୧ଏଜି ୦୧୬୬ ନମ୍ବର ବିଶିଷ୍ଟ ଗୋଟିଏ ଟାଟା ଏସ ଭ୍ୟାନ ଓ ଓଡି ୦୧ବିଏ ୫୦୬୮ ନମ୍ବର ବିଶିଷ୍ଟ ଗୋଟିଏ ହୁଣ୍ଡାଇ ଭର୍ନା କାର ଜବତ କରିଛି ବୈଶିଙ୍ଗା ପୁଲିସ । ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ଥିବା ବେଳେ ଗତ କିଛି ମାସ ପୂର୍ବରୁ ବୈଶିଙ୍ଗା ଥାନା ଅଧୀନ କଳମା , ଦୁର୍ଗାପୁର, ପାଟଳିପୁରା , ପଣସିଆ ଭଳି ଅନେକ ଚୋରି ମାମଲାରେ ସମ୍ପୃକ୍ତ ଥିବା ବୈଶିଙ୍ଗା ପୁଲିସ ଜାଣିବାକୁ ପାଇଛି । ଏ ନେଇ ବୈଶିଙ୍ଗା ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଦିବ୍ୟାଙ୍ଗ ଗହଣରେ ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡାର ପ୍ରାକ୍ତନ୍ ସାଂସଦ ଅର୍ଚ୍ଚନା ନାୟକ ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ତାଙ୍କ ଷାଠିଏ ତମ ଜନ୍ମ ଦିନକୁ ନିଆରା ଢଙ୍ଗରେ ମାନସିକ ଅନଗ୍ରସର ଓ ବଧିର ପିଲାମାନଙ୍କ ଗହଣରେ ପାଳନ କରିଥିଲେ। ପିଲାମାନଙ୍କ ସହ ମିଶି ବାର୍ତ୍ତାଳାପ କରିବା ସହ ମିଷ୍ଟାନ ବଣ୍ଟନ କରିଥିଲେ। ପିଲାମାନେ ନାଚ ଗୀତରେ ମଶଗୁଲ୍ ହୋଇଯାଇଥିଲେ। ପିଲାମାନଙ୍କ ସମସ୍ୟା ଓ ବିଦ୍ୟାଳୟ ର ସମସ୍ୟା ବିଷୟ ଆଲୋଚନା କରିଥିଲେ। ସୂଚନା ଯୋଗ୍ୟ ଯେ ଏହି ଅନୁଷ୍ଠାନକୁ ସାଂସଦ ଥିବା ସମୟରେ ଅନୁଦାନ ଦେଇଥିଲେ । ଏହି ଅବସରରେ ଅଧକ୍ଷ ସ୍ୱପ୍ନାଶୁ କୁମାର ଦାସ, ସ୍ୱତନ୍ତ୍ର ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ଦାସ, କବିତା ମୁଦୁଲି, ସୁନୀଲ ସାଗର ଶତପଥୀ, ନିରାକାର ଷଡଙ୍ଗୀ, ସୁକାନ୍ତ କର, ମିତା ଦାସ, କଳ୍ପନା ପ୍ରଧାନ ଦଧିବାମନ ଜୀଉ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନିନା ଭୋଳ, ଅସୀମା ରଥ, ସ୍ନେହାଞ୍ଜଳୀ ଦାସ, ପ୍ରଦୀପ ମଲ୍ଲିକ ଅରୁଣ ଦାସ, ସେକ୍ ଶ୍ୟାମ ସୁଦିନ, ସୌରି ସେଠି, ସମାଜସେବୀ ପାର୍ବତୀ ବେହେରା, ସୁବାସ ସାହୁ, ବିପିନ ନନ୍ଦୀ, ସୀତାକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଶିକ୍ଷୟତ୍ରୀ କବିତା ମୁଦୁଲି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଧର୍ମଶାଳା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ୮ରେ

ଧର୍ମଶାଳା,(ସବୁ):ଧର୍ମଶାଳା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଆସନ୍ତା ୮ ତାରିଖରେ ଜାରକାସ୍ଥିତ ଷ୍ଟାଡିୟମ ହଲରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ବୈଟକ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଯୋଗଦାନ ସମ୍ପର୍କରେ କହିଥିଲେ । ଆସନ୍ତା ୮ ତାରିଖ ରବିବାର ଦିନ ବାର୍ଷିକ ଉତ୍ସବରେ ଉଦଘାଟକ ଭାବେ ବଡଚଣା ବିଧାୟକ ଅମର କୁମାର ନାୟକ , ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ , ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଓ ସମ୍ମାନିତ ବକ୍ତା ଭାବେ ସମାଜସେବୀ ରତ୍ନପର୍ଣ୍ଣା ମହାନ୍ତି ଯୋଗଦେବେ । ଏହି ଅବସରରେ ପ୍ରେସ କ୍ଲବର ମୁଖପତ୍ର ପ୍ରହରୀକୁ ଅତିଥିମନେ ଉନ୍ମୋଚନ କରିବେ । ଏଥିସହ ଚଳିତ ବର୍ଷ ପାଇଁ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କୁ ନରହରି ମହାନ୍ତି ସ୍ମୃତି ସମ୍ମାନ, ଡ. ରାଜ କିଶୋର ପାଢୀଙ୍କୁ ସାରସ୍ୱତ ସାଧକ ସମ୍ମାନ, ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ସେବା ସମ୍ମାନ, ସ୍ଥାପତ୍ୟ କଳା ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରଭୁଦୟାନାଥ ସାହୁ ଓ କୃତି ଛାତ୍ରୀ ପ୍ରତିକ୍ଷା ରାଉତଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି ବୋଲି ସାଧାରଣ ସମ୍ପାଦକ ସ୍ରୀ ଶତପଥୀ ସୂଚନା ଦେଇଥିଲେ । ଏହି ବେଠକରେ ପ୍ରେସ କ୍ଲବର ସମସ୍ତ କର୍ମକର୍ତା ଓ ସଦସ୍ୟ ଉପସ୍ଥିତ ରହିଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ନିଶାଶକ୍ତ ଅବସ୍ଥାରେ ଡାକ୍ତରଙ୍କୁ ଆକ୍ରମଣ

ନାଉଗାଁ ,(ସବୁ):ମେଡିକାଲ ପରିସରରେ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କୁ ଗାଳି ଗୁଲଜ ଓ ଆକ୍ରମଣ ଉଦ୍ୟମ ଘଟଣାକୁ ନେଇ ଥାନାରେ ଅଭିଯୋଗ ଆଣିଲେ ଡାକ୍ତର । ସୂଚନା ମୁତାବକ ଗତ ୨୫ତାରିଖ ଦିନ ରାତ୍ର ସମୟରେ ଜରୁରୀକାଳୀନ ଦାୟତ୍ୱରେ ଥିବା ଡାକ୍ତର ଅନୁଭବ ଦାସ କୁ ଦୁଇ ଜଣ ଅଚିନ୍ହା ଯୁବକ ନିଶାଶକ୍ତ ଅବସ୍ଥା ରେ ଆସି ମେଡିକାଲ ପରିସରରେ ପାଟିତୁଣ୍ଡ କରିବା ସହିତ ଡାକ୍ତର ଅନୁଭବ ଙ୍କୁ ଆକ୍ରମଣ ଉଦ୍ୟମ କରିବା ସହିତ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା କର୍ମଚାରୀ ଙ୍କୁ ମଧ ଧମକ ଚମକ ଦେଇଥିବା ନେଇ ଡାକ୍ତର ଶ୍ରୀ ଦାସ ଏକ ଲିଖିତ ଅଭିଯୋଗ ନାଉଗାଁ ପୋଲିସ ଷ୍ଟେସନ ରେ କରିଛନ୍ତି । ପୋଲିସ ଉକ୍ତ ଅଭିଯୋଗ ଆଧାରରେ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଲାଗିଥିବା ସିସିଟିଭି କୁ ଯାଞ୍ଚ କରି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ।

# ୨୦ ଗ୍ରାମ ବ୍ରାଉନସୁଗର ସହ ଦୁଇ ଯୁବକ ଗିରଫ



ନାଉଗାଁ, (ସବୁ):ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗାର ସହିତ ଦୁଇଜଣ ଯୁବକଙ୍କୁ ନା ଉଗାଁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି । ସୂଚନା ଅନୁସାରେ ଜଗତସିଂହପୁର ଥାନା ଅଞ୍ଚଳ ମାର୍କଣ୍ଡପୁର ଗ୍ରାମର ପ୍ରମୋଦ କୁମାର ଗୋଛାୟତ ଓ ସେହି ଥାନା ଅଞ୍ଚଳ ମାଧବପୁର ଗ୍ରାମର ପ୍ରମୋଦ କୁମାର ମଲ୍ଲିକ ନାମକ ଦୁଇ ଯୁବକ ବ୍ରାଉନସୁଗାର ଆଣି ନାଉଗାଁ ଥାନା ଅଞ୍ଚଳ ଅଲଣାହାଟ ନିକଟରେ ବିକ୍ରି କରିବାକୁ ଆସିଥିବା ନାଉଗାଁ ପୁଲିସ କୌଣଷି ସୂତ୍ରରୁ ଖବର ପାଇ ସେମାନଙ୍କୁ କାବୁ କରିଥିଲା । ପରେ ସେମାନଙ୍କ ପାଖରୁ ପୁଲିସ ୨୦ ଗ୍ରାମ ବ୍ରାଉନସୁଗାର ସହିତ ନଗଦ ୭୦୦ ଟଙ୍କା ଜବତ କରି ଥାନାକୁ ଆଣିବା ସହିତ ଉଭୟଙ୍କ ନାମରେ ମାମଲା ରୁଜୁ କରି ସେମାନଙ୍କୁ ଅଦାଲତ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ନିମନ୍ତେ କର୍ମଶାଳା

ଭଦ୍ରକ, (ସବ୍ୟୁ): :ଜିଲ୍ଲା ପୋଲିସ ସଭାଗୃହ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବିଭାଗ ତରଫରୁ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଓ ଅଂଶୀଦାର ପ୍ରମୁଖଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ପିତ କୁମାର ମାଝୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ ବିଶ୍ୱାଳ,ଅନ୍ୟତମ ଅତିଥି ରୂପେ କିଶୋର ନ୍ୟାୟ ପରିଷଦର ସରକାରୀ ଅଭିଯୋକ୍ତା ଅଞ୍ଜୁ ରାଉତ,ଆଇନ ସେବା ପ୍ରାଧିକରଣର ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଡ଼.ତାପସ କୁମାର ମହାନ୍ତି,ପୂର୍ବତନ ଜେଜେବି ସଦସ୍ୟ ଅଧିବକ୍ତା ବନମାଳୀ ଜେନା,ଜେଜେବି ସଦସ୍ୟ ବେଣୁଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିଶୁ ସୁରକ୍ଷା ୟୁନିଟର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସଙ୍କ ମଂଚ ସଂଯୋଜନାରେ ବିଷୟ ବିଶାରଦ ରୂପେ ପୂର୍ବତନ ଶିଶୁକଲ୍ୟାଣ ସମିତି,ଅନୁଗୁଳର ଅଧକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦାନ କରି ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଓ ବିଭିନ୍ନ ଅଂଶୀଦାରମାନଙ୍କ ପାଇଁ କିଶୋର ନ୍ୟାୟ ବ୍ୟବସ୍ଥାରେ ଶିଶୁ ମାନଙ୍କ ପାଇଁ ପ୍ରାବଧାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ପାଇଁ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବାପାଇଁ ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ବିଭିନ୍ନ ଥାନାର ଶିଶୁ ମଙ୍ଗଳ ଅଧିକାରୀ,ଉପ–କାରାଗର,ରେଳ ବିଭାଗର ପୋଲିସ ଅଧିକାରୀ,ପ୍ୟାନେଲ ଅଧିବକ୍ତା,ବିଭିନ୍ନ ପରାମର୍ଶଦାତ୍ତା ,ସଖୀ ସେଣ୍ଟର,ଶକ୍ତି କେନ୍ଦ୍ର ,ଚାଇଲ୍ଡ ହେଲ୍ପ ଲାଇନର କର୍ମକର୍ତ୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିଶୁ ମାନଙ୍କ ପାଇଁ ଆଇନର ବ୍ୟବସ୍ଥା,ଆଇନ୍ ସହ ଦ୍ୱନ୍ଦରେ ଥିବା ଶିଶୁଙ୍କୁ କିପରି ସାମାଜିକ ସ୍ରୋତରେ ସାମିଲ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରିଣୀ (ଅଣ–ଆନୁଷ୍ଠାନିକ) ସ୍ୱାଗତିକା ବାରିକ୍,ସୁବାଶିଷ ମିଶ୍ର,କୁଳଦୀପ ଜେନା,ଦମୟନ୍ତୀ ଦାଶ ସମେତ ଚାଇଲ୍ଡ ଲାଇନର ଟିମ୍ ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ,ଚନ୍ଦ୍ରକାନ୍ତ ଗୋଛାୟତ,ପରାମର୍ଶଦାତା ଲକ୍ଷ୍ମଣ ଜେନା,ପରିଦର୍ଶକ ଦିଗ୍ ବିଜୟ ମହାନ୍ତି,କାହ୍ନୁ ମଲ୍ଲିକ କାର୍ଯଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯଯକ୍ରମ ପରେ ଶ୍ରୀମତୀବାରିକ୍‌ଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବୁଦାମୂଳରୁ ଶିଶୁକନ୍ୟା ଉଦ୍ଧାର

ସୋର,(ସବ୍ୟୁ): ପୁଣି ଅଲୋ ହେଲା ଶିଶୁ କନ୍ୟା। ଜନ୍ମ କରି ବୁଦା ମୂଳରେ ଫିଙ୍ଗିଦେଲେ।ଶିଶୁକନ୍ୟାକୁ ଚାଇଲଡ ଲାଇନ ସୂଚନା ଅନୁସାରେ ଶନିବାର ସକାଳେ ସୋର ପୌର ପାଳିକା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମରେ ଜଣେ ନବ ଜାତ ଶିଶୁକନ୍ୟାକୁ ଜନ୍ମଦେଇ କେହିଜଣେ ଏକ ବୁଦା ମୂଳରେ ଫିଙ୍ଗି ଦେଇଥିଲେ। ଗ୍ରାମର କନକ ତରେଇ ନାମକ ଜଣେ ମହିଳା ଘରଠାରୁ କିଛି ଦୂରରେ ଥିବା ଏକ ବାଡିକୁ ଯାଇଥିବା ବେଳେ ସେଠାରେ ଜଣେ ଶିଶୁକନ୍ୟାର କାନ୍ଦ ଶୁଣିଥିଲେ।କନକ ସେଠାରେ ପହଞ୍ଚି ଏକ ବ୍ୟାଗରେ ନବଜାତ ଶିଶୁ କନ୍ୟାଟିକୁ ଦେଖି ତାଙ୍କ ଘରକୁ ନେଇଯାଇଥିଲେ। ପରେ ଶିଶୁ କନ୍ୟାକୁ ଡାକ୍ତରଙ୍କ ନିକଟକୁ ନେଇ ଚିକିତ୍ସା କରାଇ ନିଜ ଘରେ ରଖିଥିଲେ। ଏନେଇ ଜଣେ ବ୍ୟକ୍ତି ଚାଇଲଡ ଲାଇନରେ ଅଭିଯୋଗ କରିବା ପରେ ଚାଇଲ୍ଡ ଲାଇନର ସଦସ୍ୟ ପଞ୍ଚାନନ ତ୍ରିପାଠୀ ଓ ଜ୍ୟୋତିପ୍ରକାଶ କର ସୋର ପୁଲିସ ସହଯୋଗରେ କନକଙ୍କ ଘରୁ ଶିଶୁ କନ୍ୟାକୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ପାଣିକୋଇଲି ବଜାରରୁ ବୃଦ୍ଧ ଉଦ୍ଧାର



ପାଣିକୋଇଲ,(ସବୁ):ପାଣିକୋଇଲି ବଜାରରୁ ଜଣେ ଅସହାୟ ବୃଦ୍ଧଙ୍କୁ ପୁଲିସ ସହାୟତାରେ ଉଦ୍ଧାର କରାଯାଇ ଶେଷ ପରିଚୟ ବୃଦ୍ଧାଶ୍ରମରେ ଛଡାଯାଇଛି । ପ୍ରକାଶ ଯେ ସନ୍ଧ୍ୟା ସମୟରେ ଅସହାୟ ଅବସ୍ଥାରେ ଜଣେ ବୃଦ୍ଧ ଓଭରବ୍ରିଜ ତଳେ ବସିଥିବା ସମୟରେ ତାଙ୍କୁ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପ ସଭାପତି ଅଶୋକ ଦାସ ଖବର ପାଇ ସେଠାରେ ପହଂଚି ପାଣିକୋଇଲି ପୁଲିସର ସହାୟତା ନେଇଥିଲେ । ଥାନାଧିକାରୀ ରଂଜିତ ମହାନ୍ତି ଘଟଣାସ୍ଥଳେ ପହଂଚି ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ । ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ଅଙ୍ଗାର ଗଡିଆ ଯତୀନ କୁମାର ଦାସ ବୋଲି ଜଣାପଡିଥିଲା । ତାଙ୍କର ଦୁଇପୁଅ ଅଛନ୍ତି । ସେ ବାଲେଶ୍ୱର ଷ୍ଟେସନରେ ଏକ ଚା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । ସେଠାରୁ ଜବରଦଖଲ ଉଚ୍ଛେଦ ହେବା ପରେ ଜିବୀକା ହରାଇ ଆଜକୁ ୪ ବର୍ଷ ହେବ ଘରଛାଡି ଚାଲି ଆସିଥିଲେ । ଏମିତି ବାହାରେ ବୁଲୁଥିବା ବେଳେ ଆଉ ଘରକୁ ଫେରିନାହାନ୍ତି । ତାକୁ ଉଦ୍ଧାର କରାଯାଇ ବୃଦ୍ଧାମରେ ରଖାଯିବା ସହ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଛି ।

## ଚାରି ମାହଲା ଛାତ ତଳୁ ଯୁବତୀଙ୍କ ଶବ ମିଳିବା ଘଟଣା

# ଦୃଷ୍ଟି ଆଢୁଆଳରେ ରହିଗଲା କି ଅନେକ ତଦନ୍ତ

ପାରାଦୀପ ,( ଜପ୍ର ): ପାରାଦୀପ ତାରେଣୀଗଡ଼ା ବହୁ ଚର୍ଚ୍ଚିତ ଚାରି ମାହଲା ଛାତ ତଳୁ ଯୁବତୀଙ୍କ ଶବ ମିଳିବା ନେଇ ଗତକାଲି ଏହାର କ୍ରାଇମ ପେଡ଼ି ଖୋଲିଥିଲେ ନିଜେ ଜଗତସିଂହପୁର ଜିଲ୍ଲା ଏସ୍ପି ଅଙ୍କିତ କୁମାର ବର୍ମା । ମାତ୍ର କେଇ ଘଣ୍ଟା ମଧ୍ୟରେ ପୋଲିସ ତାର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ସେ ତାଙ୍କ ଟିମକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି । ବାସ୍ତବିକ ପୋଲିସ ଏକ ଅପରିଚିତ ଯୁବତୀର ଠିକଣା ଖୋଜିବା ଓ ସେଥିରେ ଘଟିଥିବା ଘଟଣାକୁ ପର୍ଦ୍ଦା ଫାସ କରିବା ପୋଲିସ ପାଇଁ ଥିଲା ଅନେକ ଚ୍ୟାଲେଞ୍ଜ କିନ୍ତୁ ଚାରି ମାହଲା ଛାତ ଉପରୁ ଯୁବତୀ ତଳେ ପଡ଼ିବା ଓ ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କ ଶରିରର ହାଡ଼ ସେମିତି କିଛି ଭାଙ୍ଗି) ନଥିବା ଆସିଥିବା ବେଳେ ଏବେ ଏହାକୁ ନେଇ ବଡ ବିସ୍ମୟ ସୃଷ୍ଟି ହୋଇଛି । ପ୍ରକୃତରେ ଯୁବତୀ ତଳେ ପଡି ମରିଛନ୍ତି ନା ତାଙ୍କୁ ମାରି ତଳେ ଆଣି ପକାଇ ଦିଆଯାଇଛି, ତାକୁ ନେଇ ଏବେ ତଦନ୍ତ ହେବାର ଆବଶ୍ୟକ ଅଛି । ଯୁବତୀଙ୍କ ଶରୀର ଓ ଅଭିଯୁକ୍ତ ଶୁଭମର ଶରିରକୁ ଅନୁଧ୍ୟାନ କଲେ ଶୁଭମ ଯୁବତୀଙ୍କୁ କୋଠା ଉପରୁ ଏକା ଆଣି ପାରିବ ନାହିଁ ତାହା ସହଜେ ଅନୁମେୟ । ତେବେ ଶୁଭମ ସହ ଆଉ କିଏ କିଏ ସାମିଲ ହୋଇଥିଲେ, ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ପୋଲିସ କହିଥିବା ବେଳେ ଏହା ଦୁଷ୍କର୍ମ ନା ଗଣ ଦୁଷ୍କର୍ମ ତାହା ମଧ୍ୟ ଏବେ ଦୃଷ୍ଟି ଆଢୁଆଳକୁ ଚାଲି ଯାଇଛି । ଯୁବତୀ ଜଣଙ୍କ ଏକାକୀ ଏକ ଅଚିହ୍ନା ଯୁବକଙ୍କ ସହ ପାରାଦୀପ ଆସିବା ଓ ଶୁଭମ ଥିବା ରୁମର ଅନ୍ୟ ଦୁଇ ଭଡାଟିଆଙ୍କ ସହ ମିଶି ରାତ୍ରି ଭୋଜନ କରି ଖାଇଥିବା ବେଳେ ନିଜ ରୁମରେ ଅଚିହ୍ନା ଯୁବତୀଙ୍କୁ ଦେଖି ସାଥୀ ରୁମମେଟ ମାନଙ୍କର ସେହି ସମୟର ପ୍ରତିକ୍ରିୟା କିଛି ନଥିବା ଓ ପ୍ରଥମେ ଖୁଣ୍ଟିଆ ନିବାସର ମାଲିକ ପୋଲିସକୁ ସିସିଟିଭିର ହାର୍ଡଡିସ୍କ ପାସୱାର୍ଡ ନଦେବା ଓ ପୋଲିସ ଏହାକୁ ଏକ୍ସପୋର୍ଟଙ୍କ ଦ୍ୱାରା ନଖୋଲିବା ଓ ଶେଷରେ ଏହା ଖରାପ ଥିଲା ଏଥିରେ କିଛି ରେକର୍ଡ ହୋଇ ନଥିବା କହିବା ମଧ୍ୟ ଅନେକ କଥାକୁ ଇଙ୍ଗିତ କରିଥିବା ଆଲୋଚନା ହେଉଛି । ଯେଉଁ କାଳ କୋଠାରୀରେ କାଳ ରାତିର କଳା କାହାଣୀ ଘଟି ଏତେ ବଡ଼ ଅପରାଧ ଘଟିଲା, ସେହି କୋଠାର ସିସିଟିଭି ଖରାପ ଥିଲା ନା ଯୁବତୀଙ୍କୁ ହତ୍ୟା ପରେ ତଳେ ପକାଇ ଆତ୍ମହତ୍ୟାର ରୂପ ଦେବା ପୂର୍ବରୁ ତାକୁ ଖରାପ କରି ଦିଆଗଲା ତାହା ମଧ୍ୟ ତଦନ୍ତ ହେବା ନିହାତି ଆବଶ୍ୟକ । ପୋଲିସର ତଦନ୍ତ ଅନେକଙ୍କୁ ଗପ ଭଳି ଲାଗୁଥିବା ବେଳେ ଅଧିକ ତଦନ୍ତ ପାଇଁ ଏଫଏମଟିର ସହଯୋଗ ଲୋଡ଼ା ଯାଇଥିବା ଏସ୍ପି ପ୍ରକାଶ କରିଛନ୍ତି । ହତ୍ୟାର ମାତ୍ର କେଇ ମିନିଟ ମଧ୍ୟରେ ସବୁ ପ୍ରମାଣ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ପୋଲିସ ସ୍ୱୀକାର କରିଥିବା ବେଳେ ଅନ୍ୟମାନେ ଏବେ ଖୋଲାରେ ବୁଲି ଆଉ ସବୁ ପ୍ରମାଣ ନଷ୍ଟ କରିବାରେ କାହିଁକି ସକ୍ଷମ ନହେବେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି । ଦୃଷ୍ଟି ଆଢୁଆଳରେ ଅନେକ କଥା ରହି ଯାଉଥିବା ବେଳେ ତୁରନ୍ତ ଅଧିକ ତଦନ୍ତର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇଛି ।

# କୁତାମଚଣ୍ଡୀ ବିଦ୍ୟାପୀଠ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ



ଜଗତସିଂହପୁର,(ସବ୍ୟୁ):ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶୋ ସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଶିକ୍ଷକ ଲାଲୁ ପ୍ରସାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ,କଟରାର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥୀ ଭାବରେ ଯୋଗଦାନ କରି ଭାରତର ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଉଦଭାବିତ ରମଣ ଇଫେକ୍ଟ ବିଷୟରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଭଦେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ,ସାଦେଇପୁରର ସେବା ନିବୃତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାରଣା ଯୋଗ ଦେଇ ଏବର୍ଷ ବିଜ୍ଞାନ ଦିବସର ବିଷୟବସ୍ତୁ ବିକଶିତ ଭାରତ ପାଇଁ ବିଜ୍ଞାନ କ୍ଷେତ୍ରରେ ମହିଳାଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ ।ସମ୍ମାନନୀୟ ଅତିଥୀ ଭାବରେ ଶିକ୍ଷାବିତ ଶରତ ଚନ୍ଦ୍ର ବାରିକ,ନଗେନ ପଣ୍ଡା,ଦେବେନ୍ଦ୍ରନାଥ ବେହେରା,ଗୋପୀନାତ ପାଢୀ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନମନନ ହେଲେ ରାଷ୍ଟ୍ରର ପ୍ରଗତି ସମ୍ଭବ ବୋଲି କହିଥିଲେ ।ଏହି ସଭାରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୌମ୍ୟ ରଞ୍ଜନ ସେଠୀ ଦିବସର ଆଭିମୁଖ୍ୟ ବାବଦରେ କହିଥିଲେ ।ବିଜ୍ଞାନ ଶିକ୍ଷକ ଶିଶିର କୁମାର ତ୍ରିପାଠୀ ଅତିଥୀ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ରାଜେନ୍ଦ୍ର ଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟର ଶକ୍ତି କ୍ଲବର ବାର୍ଷୀକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ଶେଷରେ ବିଜ୍ଞାନ କୁଇଜ ଓ ପ୍ରବନ୍ଧ ଲିଖନରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବ ସମାଜସେବୀ




ବାଲିଅନ୍ତା , (ସବ୍ୟୁ): ଆଜିର ଆଡ଼ମ୍ବରପୂର୍ଣ୍ଣ ଜନ୍ମଦିନ ପାଳନ ପ୍ରଥାକୁ ପଛକୁ ଛାଡ଼ି ସମାଜସେବାକୁ ପ୍ରାଧାନ୍ୟ ଦେଇ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ନିଜ ଜନ୍ମଦିନକୁ ନିଆରା ଓ ସ୍ମରଣୀୟ ଢଙ୍ଗରେ ପାଳନ କରିଛନ୍ତି। ଦିନଟିକୁ ସେ ଉତ୍ସବ ନୁହେଁ, ବରଂ ସେବା ଓ ସମର୍ପଣର ଦିନରୂପେ ପାଳିଛନ୍ତି ।ଜନ୍ମଦିନ ଅବସରରେ ପ୍ରଥମେ ଲବଣଗିରିରେ ଚତୁର୍ଥା ମୂର୍ତ୍ତିଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ପ୍ରତିଭା ଆଶ୍ରମରେ ନିବାସିତ ଓ ଅସହାୟ ଶିଶୁମାନଙ୍କୁ ଜଳଖିଆ ବଣ୍ଟନ କରାଯାଇଥିଲା। ଶିଶୁମାନଙ୍କ ସହ ସମୟ କାଟି ତାଙ୍କ ମୁହଁରେ ହସ ଫୁଟାଇବାକୁ ସେ ନିଜ ଜନ୍ମଦିନର ସର୍ବୋତ୍କୃଷ୍ଟ ଉପହାର ବୋଲି କହିଛନ୍ତି।ଏହା ଛଡ଼ା ଏକ ସ୍ଥାନୀୟ ଶିକ୍ଷାନୁଷ୍ଠାନରେ ୮ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଖାତା, ପେନ ଓ ଅନ୍ୟାନ୍ୟ ପାଠ୍ୟସାମଗ୍ରୀ ବଣ୍ଟନ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅନେକ ଯୁବକ-ଯୁବତୀ ସ୍ୱଇଚ୍ଛାରେ ଯୋଗଦେଇ ରକ୍ତଦାନ କରିଥିଲେ। ରକ୍ତର ଏକ ବିନ୍ଦୁ, ଜୀବନର ଏକ ନୂଆ ଆଶା ବାର୍ତ୍ତା ସହିତ ଆୟୋଜିତ ଏହି ଶିବିର ମାନବିକତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି , ଭୁବନେଶର ଜିଲ୍ଲା ବିଜେପି ସଭାପତି ନିରଂଜନ ମିଶ୍ର , ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ , ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏହାସହ ଶ୍ରୀ କ୍ରିଷ୍ଣା ବୃଦ୍ଧାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ବୃଦ୍ଧମାନଙ୍କ ଆଶୀର୍ବାଦ ଓ ସ୍ନେହ ଦିନଟିକୁ ଆହୁରି ଅର୍ଥପୂର୍ଣ୍ଣ କରିଥିଲା।ସେହିପରି କଳିଙ୍ଗ ଯୁବ ସେନା ଟ୍ରଷ୍ଟ ଆନୁକୂଲ୍ୟରେ ଗୋଶାଳାରେ ଗୋମାତାଙ୍କ ସେବା କରି ଆଶୀର୍ବାଦ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାପସ ରଂଜନ ମଲ୍ଲିକ, ତପନ ସ୍ୱାଇଁ, ଲକ୍ଷ୍ମଣ ଜେନା, ଦୀପକ ସ୍ୱାଇଁ, ଗୋପାଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।ଆଡ଼ମ୍ବର ଠାରୁ ଦୂରେ ରହି ସମାଜ ପାଇଁ କାମ କରି ଜନ୍ମଦିନକୁ ସାର୍ଥକ କରିବାର ଏହି ପଦକ୍ଷେପ ନିଶ୍ଚୟ ଅନ୍ୟ ଯୁବମାନଙ୍କୁ ପ୍ରେରଣା ହେବ ବୋଲି ଆଶା।

# ମଦ ସହ ସ୍କୁଟି ଜବତ, ଜଣେ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଚଡ଼ାଉ କରାଯାଇ ବାଣପୁର ନିକଟ ବାଲେ ଛକରୁ ଏକ ସ୍କୁଟି ସମେତ ୪୮ ଲିଟର ଦେଶୀ ମଦ ଜବତ କରାଯାଇଛି । ଜବତ ମଦର ମୂଲ୍ୟ ୭୦ ହଜାର ଟଙ୍କା ହେବ ୯ ବିଭାଗ ପକ୍ଷରୁ ଏ ନେଇ ୨୯୯/୨୬ ରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ଦାଶରଥିପୁର ପୋଡା ସାହିର ପ୍ରଶାନ୍ତ ଘଡେଇକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉରେ ଅନ୍ୟ ମାନଙ୍କ ମଧ୍ୟରେ ଏ ଏସ ଆଇ ମୀନକେତନ ମାହାଳିକ, କନେଷ୍ଟବଳ ଅଶେଷ ପ୍ରଧାନ, ରଞ୍ଜିତ ପଟେଲ, ମନୋଜ ଜୟସିଂହ,ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

# ଲୁଟ ସାମଗ୍ରୀ ଉଦ୍ଧାର, ଦୁଇ ଅଭିଯୁକ୍ତ ଗିରଫ

ବାଲୁଗାଁ ,(ସବ୍ୟୁ): ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରେ ପଶି ଲୁଟ ଅଭିଯୋଗ କ୍ରମେ ବାଲୁଗାଁ ପୋଲିସ ସମ୍ପୃକ୍ତ ୨ ଲୁଟେରାଙ୍କୁ ଗିରଫ କରିଛି ୯ ସେମାନେ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ଜିତେନ୍ଦ୍ର ଜାଲି ଏବଂ ରମେଶ ଦାସ ।ପୋଲିସ ସେମାନଙ୍କ ଠାରୁ ଲୁଟ ସାମଗ୍ରୀ ଜବତ କରିଛି ।ସୂଚନା ମୁତାବକ, ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ଛେଡାପଦର ଗ୍ରାମର ଅସିତ କୁମାର ଦାସ ସପରିବାର ଅନୁପସ୍ଥିତ ଥିବା ବେଳେ ଏହାର ସୁଯୋଗ ନେଇ ୨ ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶି ବିଭିନ୍ନ ଆସବାବ ସାମଗ୍ରୀ ତଥା ଗ୍ୟାସ ଚୁଲା, ସିଲିଣ୍ଡର, ଇନଭର୍ଟର ଏବଂ ବ୍ୟାଟେରୀ ସମେତ ବାସନ କୁସନ ଆଦି ଚୋରି କରିନେଇଥିଲେ । ସାହିପଡୋଶୀଙ୍କ ଠାରୁ ଚୋରି ସମ୍ପର୍କରେ ଖବର ପାଇ ଅସିତ ଗ୍ରାମରେ ପହଞ୍ଚି ଏ ନେଇ ନାଭାଲ ଫାଣ୍ଡିରେ ଅଭିଯୋଗ କରିଥିଲେ । ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡା ଏବଂ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ତଦନ୍ତ କରି ଦୁଇ ଲୁଟେରାଙ୍କୁ ଧରି ତାଙ୍କ ଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିଥିଲେ ୯ ବାଲୁଗାଁ ଥାନା କେସ ନଂ ୮୧/୨୬ ଅନୁଯାୟୀ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

# ଗାଡ଼ି ଧକ୍କାରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ମୃତ୍ୟୁ

ଗୋପ,(ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତ୍ରରେ ଗୋପ - ବାଲିଘାଇ ରାସ୍ତା ସୁବର୍ଣ୍ଣପୁର ନିକଟରେ ଜଣେ ପେଟ୍ରୋଲ ପମ୍ପ କର୍ମଚାରୀ ଙ୍କ ମୃତ୍ୟୁ ହୋଇଥିବା ଥାନା ପକ୍ଷରୁ ଜଣା ପଡ଼ିଛି। ମୃତକ ଜଣଙ୍କ ଗୋପ ଥାନା ଅନ୍ତର୍ଗତ ନାଗପୁର ମୁଗୁରିଆ ଗ୍ରାମର ହୃଦାନନ୍ଦ ଦାଶ (୪୯) ବର୍ଷ ବୋଲି ଜଣାପଡିଛି। ପ୍ରକାଶ ଯେ ସବୁଦିନ ପରି ହୃଦାନନ୍ଦ ଗୋପ ଭାରତ ପେଟ୍ରୋଲ ପମ୍ପ ରୁ ଡିୟୁଟି ସାରି ସାଇକେଲ ଯୋଗେ ଘରକୁ ଯାଉଥିଲେ। ହେଲେ କୈଣସି ଗାଡ଼ିବାଲା ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ପେଟ୍ରୋଲ ପମ୍ପ କର୍ମଚାରୀ ଜଣଙ୍କ ପଡ଼ିଥିବା କିଛି ସମୟ ପରେ ସ୍ଥାନୀୟ ଲୋକମାନେ ଗୋପ ଡାକ୍ତରଖାନା କୁ ଆଣିବା ପରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବିଳମ୍ବିତ ରାତ୍ରରେ ଗୋପ ବଜାର ଦେଇ ବେଆଇନ ଭାବେ ଶହଶହ ହାଇୱା ବାଲି ନେଇଯାଉଥିବାରୁ ଅନେକ ସମୟରେ ଏପରି ଘଟଣା ଓ ଦୁର୍ଘଟଣା ଘଟିଛି। ଏଥିପ୍ରତି ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଇଛି। ପେଟ୍ରୋଲ ପମ୍ପ କର୍ମଚାରୀ ଜଣଙ୍କ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନାଗପୁର ପଞ୍ଚାୟତ ର ସରପଞ୍ଚ ପଦ୍ମ ପର୍ଣ୍ଣା ଦଳାଇ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଗାଡି ପାର୍ଟସ ଦୋକାନରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ବାଲୁଗାଁ , (ସବ୍ୟୁ): ଶୁକ୍ରବାର ମଧ୍ୟାହ୍ନ ସମୟରେ ବାଲୁଗାଁ ନିକଟ ସୁବୁଦ୍ଧିପାଟଣା ଗ୍ରାମ ସ୍ଥିତ ଏକ ବାଇକ ପାର୍ଟସ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପୋଡି ଛାରଖାର ହୋଇଯାଇଛି ।

ଖବର ନେବାରେ ଜଣାଯାଇଛି, ସୁବୁଦ୍ଧିପାଟଣା ଗ୍ରାମର ଦୀପକ କୁମାର ସୁବୁଦ୍ଧି ନିଜ ଘର ଉପର ମହଲାରେ ବିଭିନ୍ନ କମ୍ପାନୀର ବାଇକ ପାର୍ଟସ ରଖି ବ୍ୟବସାୟ କରନ୍ତି । ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏରେ ରେ ହଠାତ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ପାର୍ଟସ ସାମଗ୍ରୀରେ ନିଆଁ ଲାଗିଥିଲା । ଚାହୁଁ ଚାହୁଁ ନିମିଷେକ ମଧ୍ୟରେ ନିଆଁ ଗୋଦାମ ଗୃହକୁ ବ୍ୟାପିଯାଇଥିଲା ।ଖବର ପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ଏହି ଅଗ୍ନିକାଣ୍ଡରେ ପ୍ରାୟ ୭ ରୁ ୮ ଲକ୍ଷ ଟଙ୍କାର ବାଇକ ପାର୍ଟସ ସମେତ ଗୋଟିଏ ଏ ସି ଜଳିପୋଡି ନଷ୍ଟ ହୋଇଥିବା ଜଣାଯାଇଛି ।

# ହରିରଜପୁର ପଞ୍ଚୁଦୋଳ ମେଳଣ ଶାନ୍ତିପୂର୍ଣ୍ଣ ସହ କରାଯିବ



ଡେଲାଙ୍ଗ,(ସବ୍ୟୁ): ପୁରୀ ଏସପି ପ୍ରତୀକ ସିଂ ଶୁକ୍ରବାର ଓଡ଼ିଶା ପ୍ରସିଦ୍ଧ ଡେଲାଙ୍ଗ ବ୍ଲକ ହରିରାଜପୁର ମେଳଣର ସୁପରିଚାଳନା ନିମନ୍ତେ ସମଗ୍ର ପଡ଼ିଆ ପରିଦର୍ଶନ କରି ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ଆସନ୍ତା ମେଳଣକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳାବଦ୍ଧ ଓ ସୁଚାରୁ ଭାବେ ପାଳନ କରାଇବା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମେଳଣ ସମୟରେ ସାରା ରାଜ୍ୟରୁ ଲକ୍ଷାଧିକ ଭକ୍ତମାନଙ୍କର ସମାଗମ ହେବାକୁ ଥିବା ବେଳେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାପନା, ପାର୍କିଂ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ଓ ଆପତ୍କାଳୀନ ସେବା ବିଷୟରେ ଏସ୍ପି ଶ୍ରୀ ସିଂ ଖୁବ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ମେଳଣ ପ୍ରାଙ୍ଗଣ ଓ ପ୍ରବେଶନିଷ୍କାସନ ପଥରେ ସିସିଟିଭି କ୍ୟାମେରା ସଂସ୍ଥାପନ ଓ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା ଉପରେ ଜୋର ଦିଆଯାଇଥିଲା। ସେହିପରି ସ୍ୱଚ୍ଛତା ଓ ଶୌଚାଳୟ ବ୍ୟବସ୍ଥା ଉପରେ ମଧ୍ୟ ବିଶେଷ ଧ୍ୟାନ ଦେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଏସପି ଶ୍ରୀ ସିଂ ନିର୍ଦ୍ଦେଶ ଦେଇଥିଲେ।ଭକ୍ତମାନଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ସୁବିଧା ସହିତ ସେଚ୍ଛତା ନିଶ୍ଚିତ କରିବାକୁ ମେଳଣ କମିଟି ସହ ଆଲୋଚନା କରିଥିଲେ ୯ ସେହିପରି ମହିଳା, ବୃଦ୍ଧ ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ବିଶେଷ ପୋଲିସ ବ୍ୟବସ୍ଥା ରହିବା ସହିତ ହେଲ୍ପଡେସ୍କ ସ୍ଥାପନ ନେଇ ଆଲୋଚନା ହୋଇଥିଲା।ଏହି ପରିଦର୍ଶନ ସମୟରେ ଅତିରିକ୍ତ ଏସପିସଚିନ ପଟେଲ ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗା ଥାନା ଓଆଇସି ମମତା ବିଶ୍ୱାଳ ପ୍ରମୁଖଙ୍କ ସମେତ ହରିରାଜପୁର ମେଳଣ କମିଟି ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା, ସନ୍ଦେହଜନକ ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ଏବଂ ସୋସିଆଲ ମିଡିଆ ମାଧ୍ୟମରେ କୌଣସି ଭ୍ରାମକ ସୂଚନା ପ୍ରସାର ହେଲେ ତାହାରେ ତୁରନ୍ତ ପଦକ୍ଷେପ ନେବାକୁ ଏସ୍ପି ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ହରିରାଜପୁର ମେଳଣକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧ ଭାବେ ପାଳନ ପାଇଁ ପୋଲିସ ପ୍ରଶାସନକୁ ସହଯୋଗ କରିବା ପୂର୍ବକ କୌଣସି ସନ୍ଦେହଜନକ ଘଟଣା ବା ବ୍ୟକ୍ତି ସମ୍ବନ୍ଧରେ ନିକଟସ୍ଥ ପୋଲିସ ଅଧିକାରୀ କିମ୍ବା ୧୧୨ଙ୍କୁ ତୁରନ୍ତ ସୂଚନା ଦେବାପାଇଁ ପୁଲିସ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରତିଷ୍ଠାତା ଶେଖ କଲିମୁଦ୍ଦିନଙ୍କ ପରଲୋକ

ଫୁଲନଖରା , (ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ସ୍ଥିତ ସେଣ୍ଟଜାଭିୟର୍ସହାଇସ୍କୁଲର ପ୍ରତିଷ୍ଠାତା ଓ ଅଭିଜ୍ଞ ରାଜନୀତିଜ୍ଞ ଶେଖ କଲିମୁଦ୍ଦିନ (କାଲା ବାବୁ)ଙ୍କ୬୭ ବର୍ଷରେ ଶୁକ୍ରବାର ସକାଳେ ପରଲୋକ ଘଟିଛି। ତାଙ୍କର ଦେହାନ୍ତ ଖବର ପ୍ରଚାର ପାଉଥିବା ସହିତ ଅଞ୍ଚଳରେ ଶୋକର ଛାୟା ଛାଇଯାଇଥିଲା। ଗାୟକ ସୁରେନ୍ଦ୍ରନାଥ ଛୋଟରାୟ, ଇଂ. ସୁଶାନ୍ତ କୁମାର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ଅମିତ କୁମାର ପରିଜା, କୈଳାଶ ଚନ୍ଦ୍ର ବେହେରା, ଗଣେଶ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ସାହୁ, ବାବାଜୀ ମହାନ୍ତି, ବିଜୟ କୁମାର ମହାପାତ୍ର, ବିଜୟ କୁମାର ମହାନ୍ତି, ଅରୁଣ କୁମାର ମହାନ୍ତି, ସମାଜସେବୀ ବିଶ୍ୱରଂଜନ ସାହୁ, ହୃଷୀକେଶ ଛୋଟରାୟ, ବିଘ୍ନେଶ୍ୱର ତରାଇ, ଦିଗମ୍ବର ତରାଇ ସହ ବ୍ରାହ୍ମଣଝରିଲୋ ବଜାର କମିଟିର ସମସ୍ତ ବ୍ୟବସାୟୀ ସଂଘ ଏବଂ ଅନେକ ସ୍ଥାନୀୟ ବରିଷ୍ଠ ନାଗରିକ ଶେଷ ଦର୍ଶନ କରି ଗଭୀର ଶୋକ ପ୍ରକାଶ କରିଥିଲେ। ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧକ୍ଷ ଶୟଦ ସହରୀୟର ଅଲ୍ଲୀ, ଉପାଧକ୍ଷ ପ୍ରିୟଙ୍କା ଦାସ ଓ ପ୍ରିୟଙ୍କା ନାୟକ, ପାୟଲ ଶେଖର ରାଓ, ବିଜୟଲକ୍ଷ୍ମୀ ଜେନା, ସୌମ୍ୟକାନ୍ତ ପଟ୍ଟନାୟକ, ଛବି ପ୍ରଧାନ, ପ୍ରତିଭା ମଞ୍ଜରୀ ବେହେରା, ସଭାପତି ଶୟଦ ଇକବାଲ ଅଲ୍ଲୀ, ହିମାଂଶୁ ଭୂଷଣ ତ୍ରିପାଠୀ ଓ ଶକ୍ତି ପ୍ରସାଦ ମହାନ୍ତି ମଧ ଉପସ୍ଥିତ ହୋଇ ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। ସ୍ବର୍ଗତଃ ଶେଖ କଲିମୁଦ୍ଦିନ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରୁ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ବ୍ରାହ୍ମଣଝରିଲୋରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରତିଷ୍ଠା କରି ଶିକ୍ଷାକ୍ଷେତ୍ରରେ ନିଜକୁ ସମର୍ପିତ କରିଥିଲେ। ତାଙ୍କର ପରଲୋକ ଖବରରେ ସମଗ୍ର ଶିକ୍ଷାନୁଷ୍ଠାନରେ ଶୋକର ଛାୟା ଖେଳିଯାଇଛି। ପରିଶେଷରେ ବ୍ରାହ୍ମଣଝରିଲୋ ଖେଳପଡିଆରେ ନମାଜ ପାଠ କରାଯାଇଥିଲା ଏବଂ ପରେ ତାଙ୍କ ବାସଭବନ ନିକଟରେ ଧାର୍ମିକ ରୀତିନୀତି ଅନୁସାରେ ଶବଦାହ (କବର୍) କରାଯାଇଥିଲା।

# ଭିଜିଲାନ୍ସ ମାମଲା : ଦୀନକୃଷ୍ଣ କଲେଜ୍‌ରେ ପୂର୍ବତନ ଅଧ୍ୟାପକ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର,(ସବ୍ୟୁ): ଶନିବାର ଦିନ ବାଲେଶ୍ୱର ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ୍ ମାନ୍ୟବର ଲଳିତ୍ କୁମାର ଦାଶ ତାଙ୍କର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି ଦୀନକୃଷ୍ଣ କଲେଜ, ଜଳେଶ୍ୱରର ପୂର୍ବତନ ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ଗିରିଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି । ପ୍ରାପ୍ତ ତଥ୍ୟ ଅନୁଯାଇ ୧୯୮୯ ମସିହାରେ ଦୀନକୃଷ୍ଣ କଲେଜ, ଜଳେଶ୍ୱର ର କଳା, ବିଜ୍ଞାନ ଓ ବାଣିଜ୍ୟ ରେ ସି.ଏଚ.ସି. ର ଫାଇନାଲ ପରୀକ୍ଷା ଦେଇଥିବା ଛାତ୍ରଙ୍କ ମଧ୍ୟରୁ ୨୮ ଜଣ ଛାତ୍ର ଫେଲ ହୋଇଥିବା ସତ୍ତ୍ୱେ ଉପରୋକ୍ତ କଲେଜ ତରଫରୁ ସେମାନଙ୍କୁ ପାସ୍ ସାର୍ଟିଫିକେଟ୍ ଅନ୍ୟାୟ ଭାବେ ପ୍ରଦାନ କରାଯାଇଥିଲା । ଉକ୍ତ ସାର୍ଟିଫିକେଟ୍ ଗୁଡ଼ିକୁ ବ୍ୟବହାର କରି ଉଚ୍ଚ ଶିକ୍ଷା ପାଇଁ କଲେଜରେ ନାମ ଲେଖାଇଥିଲେ । ବିଶେଷ ସୂତ୍ରରୁ ସେ ସାର୍ଟିଫିକେଟ୍ ଗୁଡ଼ିକ ନକଲି ଥିବା ଜଣାପଡ଼ିବା ପରେ ବାଲେଶ୍ୱରର ଦୁର୍ନୀତି ନିବାରଣ ବିଭାଗ ତଦନ୍ତ କରି ତଦନ୍ତର ରିପୋର୍ଟ ଆଧାରରେ ତତ୍କାଳୀନ ଦୀନକୃଷ୍ଣ କଲେଜ୍, ଜଳେଶ୍ୱରର ପୂର୍ବତନ ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ଗିରି , ଏକ୍ଜାମିନେସନ ବିଭାଗର କିରାଣୀ ଏବଂ ନକଲି ସାର୍ଟିଫିକେଟ୍ ନେଇଥିବା ଛାତ୍ରମାନଙ୍କ ବିରୁଦ୍ଧରେ ଏକ ମୋକଦ୍ଦମା ରୁଜୁ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ତଦନ୍ତ ସମାପ୍ତିପରେ ସେମାନଙ୍କ ବିରୁଦ୍ଧରେ ଚାର୍ଜ ଫ୍ରେମ୍ ବିଚାର ଆରମ୍ଭ କରିଥିଲେ । ବିଚାର ସମୟରେ ସରକାରଙ୍କ ତରଫରୁ ୧୩ଜଣ ସାକ୍ଷୀ ଓ ୬୦ଟି ଦଲିଲ ଦସ୍ତାବିଜକୁ ବିଚାର ପରିସର ମଧ୍ୟରେ ଗ୍ରହଣ କରାଯାଇଥିଲା । ପରିଶେଷରେ ସମସ୍ତ ସାକ୍ଷ୍ୟ ଓ ଦଲିଲ୍ ଦସ୍ତାବିଜ୍‌ର ବିବରଣୀକୁ ସମୀକ୍ଷା କରି ମାନ୍ୟବର ଅଦାଲତ ଦୀନକୃଷ୍ଣ କଲେଜ୍ , ଜଳେଶ୍ୱରର ପୂର୍ବତନ ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀଧର ଗିରିଙ୍କୁ ପ୍ରମାଣ ଅଭାବରୁ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଅଛନ୍ତି। ଏହି ମୋକଦ୍ଦମାକୁ ଆଇନ୍‌ଜୀବି ଶ୍ରୀ ଅରବିନ୍ଦ ବାରିକ ଓ ଚନ୍ଦନ କୁମାର ସିଂହ ପରିଚାଳନା କରୁଥିଲେ ।

# ଅବକାରୀ ଚଢ଼ାଉ : ମଦ ସହିତ ପୋଚ ନଷ୍ଟ

ଆଠଗଡ଼ ,(ସବ୍ୟୁ): ସରକାର ପକ୍ଷରୁ ନକଲି ଦେଶୀ ମଦ କୁ ସମ୍ପୁର୍ଣ୍ଣ ବନ୍ଦ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ଓଡ଼ିଶାର ଅନ୍ୟ ସ୍ଥାନ ମାନଙ୍କରେ କମୁଥିବା ବେଳେ ଆଠଗଡ଼ ରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ଆଠଗଡ଼ ଅବକାରୀ ବିଭାଗ କେବଳ ମାମଲା ରୁଜୁ କରି ବସି ପଡୁଛନ୍ତି। ଯେତେବେଳେ ଚଢାଉ ସେହିଦିନ କେବଳ ମାମଲା ରୁଜୁ। ଆସାମୀକୁ ଧରିବାରେ ସମ୍ପୂର୍ଣ ବିଫଳ। ମାଫିଆମାନେ ବାରମ୍ବାର କାହିଁକି ଖସି ଯାଉଛନ୍ତି ତାହାହିଁ ସଂଦେହ ଘେରରେ। ଆଠଗଡ଼ ଅବକାରୀ ବିଭାଗ ସହିତ ମଦ ମାଫିଆ ଙ୍କ ନିବିଡ ସମ୍ପର୍କ ଅଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଶନିବାର ଆଠଗଡ଼ ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରୀ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ଶ୍ରୀ ରବିନାରାୟଣ ପଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ ଏବଂ ନରସିଂହପୁର ଅବକାରୀ ଥାନା ପକ୍ଷରୁ ଏକ ମିଳିତ ଚଡାଉ କରାଯାଇ ଥିଲା। ଉକ୍ତ ଚଡାଉରେ ସର୍ବମୋଟ ୧୮୨୦ ଲିଟର ଦେଶୀ ମଦ ସହ ୧୨୮୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୫ ଗୋଟି ମାମଲା ରୁଜୁ କରା ଯାଇଛି। ଉକ୍ତ ଚଡାଉ ରେ ରବି ନାରାୟଣ ପ୍ରଧାନ ଆଠଗଡ଼ ଅବକାରୀ ନିରୀକ୍ଷକ ଙ୍କ ସହିତ ଆଠଗଡ଼ ଏବଂ ନରସିଂହପୁର ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ଆର୍ ସାଇନିଂ ଫାଉଣ୍ଡେସନର ରକ୍ତଦାନ ସହ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଦେଉଳି ଛକସ୍ଥିତ ଏସଆର ଗ୍ରୁପ କାର୍ଯ୍ୟାଳୟ ପରିସରରେ ସାଇନିଂ ଫାଉଣ୍ଡେସନ ବୁଧବାର ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୋଟ ୧୦୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଭେଷଜ ବିଶେଷଜ୍ଞ ଅନିଲ କୁମାର ବୁଗୁଡି ଓ ଚର୍ମରୋଗ ବିଶେଷଜ୍ଞ ଶ୍ରୀକାନ୍ତ ଆଚାର୍ଯ୍ୟ ୪୫୦ରୁ ଉର୍ଦ୍ଧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ଭାବନା ଟ୍ରଷ୍ଟର ଅଧ୍ୟକ୍ଷ ଯୁବନେତା ଇଂ ରାଜେଶ କୁମାର ମହାକୁଡ ପୌରୋହିତ୍ୟ କରିଥିବା ବେଳେ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ,ଜିଲା ରକ୍ତ ଭଣ୍ଡାରର ମୁଖ୍ୟ ଅଧୀକାରୀ ଡଃ ବସନ୍ତ କୁମାର ଉପାଧ୍ୟାୟ,ଯୁବନେତା ନୀଳମାଧବ ପଣ୍ଡା,ତୁଡିଗଡିଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥି,ଗଣ୍ଡିବେଡ ବଣିକ ସଂଘ ସମ୍ପାଦକ ଅଭିମନ୍ୟୁ ରାଉଳ,ସମିତିସଭ୍ୟା ବାସନ୍ତୀ ମହାନ୍ତୀ,ସମାଜସେବୀ ରାମଚନ୍ଦ୍ର ମହାକୁଡ,ଗାୟତ୍ରୀ ଆଶ୍ରମ ପରିଚାଳକ ଦିପ୍ତିକାନ୍ତ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଘାଟନ କରିଥିଲେ । ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ ।୨୧ବର୍ଷ ଧରି ସମ୍ଭାବବନା କିଭଳି ପ୍ରତିକୂଳ ପରିସ୍ଥିତିରେ ଦିନ ଦୁଃଖିଙ୍କ ସେବା ସହଯୋଗ କରିଆସିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ପୁରୁଷ ରକ୍ତଦାତାଙ୍କୁ ଟି ସାର୍ଟ ଓ ମହିଳାରକ୍ତଦାତାଙ୍କୁ ସାଲ ପ୍ରଦାନ କରାଯାଇଥିଲା । ଟ୍ରଷ୍ଟ ସଦସ୍ୟ ମହେଶ୍ୱର ନାଥ,ଟ୍ରଷ୍ଟି ଅନୁସରଣ ମହାକୁଡ,ଉମେସ ଜେନା,ମାନସ ମୁଦୁଲି ଉମେଶ ଗାହାଣ,ଦିପ୍ତିକାନ୍ତ ବେହେରା,ଭକ୍ତହରି ସାହୁ,ଶଶିକାନ୍ତ ରାଉତ,କମଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ,(ସବ୍ୟୁ): ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଭଦ୍ରକର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲା ଜନଗଣନା ଅଧିକାରୀ,ଚାର୍ଜ ଜନଗଣନା ଅଧିକାରୀ,କାର୍ଯ୍ୟାଳୟ କର୍ମଚାରୀ ଏବଂ ଅସ୍ଥାୟୀ ପ୍ରାଯୁକ୍ତିକ ସହାୟକମାନଙ୍କ ପାଇଁ ଦ୍ୱିଦିନିଆ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ହେଲା ଆସନ୍ତା ଜନଗଣନା କାର୍ଯ୍ୟରେ ଜିଲ୍ଲା ଏବଂ ଚାର୍ଜସ୍ତରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ନିଜ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ ଏବଂ ସମ୍ପୂର୍ଣ୍ଣ ଧାରଣା ଲାଭ କରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା କାର୍ଯ୍ୟର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ପ୍ରଣାଳୀ,ବିଶେଷକରି ଘରତାଲିକା ଓ ଗୃହ ଜନଗଣନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅଂଶଗ୍ରହଣକାରୀମାନଙ୍କୁ ଜନଗଣନା ସମୟରେ ବ୍ୟବହୃତ ଧାରଣା ଓ ପରିଭାଷା ସହିତ ପର୍ଯ୍ୟାୟରେ ପଚାରାଯିବାକୁ ଥିବା ପ୍ରଶ୍ନସମୂହ ବିଷୟରେ ଅବଗତ କରାଯାଇଛି। ଡିଜିଟାଲ ତଥ୍ୟପରିଚାଳନା,ନିରୀକ୍ଷଣ ଓ ପ୍ରତିବେଦନକୁ ସୁଚାରୁ ଭାବେ କାର୍ଯ୍ୟକାରିତ କରିବା ପାଇଁ ଏବଂ ୱେବ୍ ଆପ୍ଲିକେସନର ବିଶେଷତା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମଧ୍ୟ ଅଧିକାରୀମାନଙ୍କୁ ପରିଚିତ କରାଯାଇଛି। ରାଜ୍ୟରେ କାର୍ଯ୍ୟ ସମାପ୍ତ ହେବା ପରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ସମ୍ପର୍କିତ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଏହି ଅବସରରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପ୍ରଶାସନିକ ପ୍ରସ୍ତୁତିକୁ ସୁଦୃଢ଼ କରି ଭଦ୍ରକ ଜିଲ୍ଲାରେ ଜନଗଣନା କାର୍ଯ୍ୟକୁ ସଠିକ୍,ସୁସଂଗଠିତ ଓ କାର୍ଯ୍ୟକ୍ଷମ ଭାବେ ପରିଚାଳନା କରିବା ଲକ୍ଷ୍ୟ ରହିଛି। ଉକ୍ତ ଜନଗଣନା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଆସନ୍ତା ଜନଗଣନା କାର୍ଯ୍ୟକୁ କିପରି ସୁଚାରୁ ଭାବେ କରାଯାଇପାରିବ ସେଥିପାଇଁ ପୂର୍ବ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସେମାନେ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ- ପାଳିତ




ବାଲେଶ୍ୱର,(ସବ୍ୟୁ)ଦ୍ଧ: ଫକୀରମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ମହିଳା : ବିକଶିତ ଭାରତର ପ୍ରେରକ ଶକ୍ତି ବିଷୟ ଅଧିନରେ ଜାତୀୟ ବିଜ୍ଞାନ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ (ଅବସରପ୍ରାପ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟ) ସାର୍ ସି. ଭି. ରମନଙ୍କ ବୈଜ୍ଞାନିକ ଐତିହ୍ୟକୁ ସ୍ମରଣ କରିବା ସହ ମହିଳା ଗବେଷକମାନଙ୍କୁ ଗବେଷଣାରେ ନୂତନ ଦୃଷ୍ଟିକୋଣ ଅନ୍ୱେଷଣ କରିବାକୁ ପ୍ରେରିତ କରିଥିଲେ ଓ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ରିନ୍ଟୁ ବାନାର୍ଜୀ, ଉପ-ନିର୍ଦ୍ଦେଶକ, ଆଇଆଇଟି ଖଡ଼ଗପୁର, ନିଜ ମୂଲ୍ୟବାନ ଉଦବୋଧନରେ ଷ୍ଟେମ୍ କ୍ଷେତ୍ରରେ ନାରୀଙ୍କ ଭୂମିକା ବିଷୟରେ ବିସ୍ତୃତ ତଥ୍ୟ ରଖି ଗବେଷଣା ଓ ବିକାଶ କ୍ଷେତ୍ରରେ ନାରୀଙ୍କ ସଂଖ୍ୟାତ୍ମକ ପରିସ୍ଥିତି, ଲିଙ୍ଗ ଭିନ୍ନତା, ଚ୍ୟାଲେଞ୍ଜ ଏବଂ ଉପଲବ୍ଧ ସରକାରୀ ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ଅଲୋକପାତ କରିଥିଲେ। ଏହି ଅବସରରେ ଫକୀରମୋହନ ପ୍ରସିଦ୍ଧ ବୈଜ୍ଞାନିକ ପୁରସ୍କାର-୨୦୨୬ ଇଂଜିନିୟର ଡ଼ଃ ମିହିର କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଏଫ୍‌ଏମ୍‌ୟୁ ଫ୍ୟାକଲ୍ଟି କମ୍ପେଣ୍ଡିଅମ୍-୨୦୨୬ ଉନ୍ମୋଚନ କରାଯାଇଥିଲା ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ବୈଜ୍ଞାନିକଗଣ ଯଥା - ପ୍ରଫେସର ମନୋରଞ୍ଜନ ମିଶ୍ର, ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ସଚିଦାନନ୍ଦ ଦେହୁରୀ, ପ୍ରଫେସର ଦେବାଶିଷ ପାତ୍ର ଓ ଡ଼କ୍ଟର ସମୀର କୁମାର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଭିନ୍ନ ବିଷୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଗବେଷକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟଙ୍କ ପକ୍ଷରୁ ବିଶ୍ୱର ଶୀର୍ଷ ୨% ବିଜ୍ଞାନୀଙ୍କ ତାଲିକାରେ ସ୍ଥାନ ପାଇଥିବା ପ୍ରଫେସର ପଙ୍କଜ କୁମାର ପାରହି, ପ୍ରଫେସର ଗୌରଙ୍ଗ ଚରଣ ସାମନ୍ତ ଓ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟଙ୍କୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ମହିଳା ଅଧ୍ୟାପକମାନେ ନିଜ ଗବେଷଣା ପୋଷ୍ଟର ପ୍ରଦର୍ଶନ କରିଥିବା ସହ କୁଳପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଆୟୋଜକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଉଦ୍‌ବୋଧନ ରଖିଥିଲେ। ପରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ଼କ୍ଟର ବିବେକାନନ୍ଦ ନାୟକ ସଂଯୋଜିତ କରିଥିବାବେଳେ ଶେଷରେ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପାଳନ ଅବସର ମାଧ୍ୟମରେ ବିକଶିତ ଭାରତ ଗଠନ ଯାତ୍ରାରେ ନାରୀ-ନେତୃତ୍ୱାଧୀନ ବୈଜ୍ଞାନିକ ଉତ୍କର୍ଷତା ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସ ଓ ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି।

# ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାକୁ ଭଦ୍ରକ ମୁସଲିମ ଜମାତର ସ୍ୱାଗତ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲାର ଅନେକ ଦିନର ସ୍ୱପ୍ନ ତାହା ଆଜି ସାକାର ହେବାକୁ ଯାଉଛି ବୋଲି ଭଦ୍ରକ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଭଦ୍ରକ ଜିଲ୍ଲାରେ ନୂତନ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ପରେ ଭଦ୍ରକ ମୁସଲିମ ଜମାତ ପକ୍ଷରୁ ଉପ-ସଭାପତି ଶେଖ ମହମ୍ମଦ ଜକାଉଲ୍ଲା,ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ,ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ,କୋଷାଧକ୍ଷ ମିର୍ଜା ଏକ୍ରାମ ବେଗ,ଆଇନଜିବି ତାହେର ମହମ୍ମଦ,ଶେଖ ହବିବୁଲ୍ଲା,ଶେଖ ଆବୁକାଲାମ,ହାଜୀ କାସିମ ଖାନ, ଅସରାଫ ଅଲି ଖାନ,ଇଂ.ରେଜାଏ ରସୁଲ,ଜମିଲ ଅଖତର ଖାନ,ଇଂ.ହବିବୁଲ୍ଲା ଖାନ,ଇଂ.ମୁଖତାର ଅହେମଦ ରସିଦ,ହାଜୀ ଇବରାର ହୋସେନ,ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର,ମୁସ୍ତାକ ଗୌହର,ଶେଖ ଇମତୀୟାଜ ପ୍ରମୁଖ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି। ଓଡିଶା ସରକାର ଅଧିକ ସମୟ ନନେଇ ତୁରନ୍ତ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ କରିବାକୁ ଭଦ୍ରକ ମୁସଲିମ ଜମାତର କର୍ମକର୍ତ୍ତା ଓ ସମସ୍ତ ସଭ୍ୟ ବୃନ୍ଦ ନିବେଦନ କରିଛନ୍ତି। ଭଦ୍ରକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଭଦ୍ରକ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ସ୍ୱର୍ଣ୍ଣିମ ଅକ୍ଷରରେ ଯୋଡ଼ି ହୋଇଗଲା ବୋଲି ଭଦ୍ରକ ମୁସଲିମ ଜମାତର କର୍ମକର୍ତ୍ତାମାନେ କହିଛନ୍ତି।।

# ପ୍ରଥମ ଓଡ଼ିଆ ସମ୍ପୂର୍ଣ୍ଣ ଉପନ୍ୟାସ 'ପଦ୍ମମାଳୀ'



ଭାସ୍କର ପରିଚ୍ଛା

## ପୁନରାବଲୋକନ-୧

ଉମେଶଚନ୍ଦ୍ର ସରକାର ୧୮୫୭ ମସିହାରେ ପୁରୀଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଈଶ୍ୱରଚନ୍ଦ୍ର ସରକାର ଥିଲେ ଜଣେ ପୁଲିସ ଦାରୋଗା । ଉମେଶଚନ୍ଦ୍ରଙ୍କୁ ୨ବର୍ଷ ବୟସ ବେଳକୁ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା । ପିତାଙ୍କ ଦେହାନ୍ତ ପରେ, ସେମାନେ ସପରିବାର କଟକ ଚାଲିଆସି କାଳିବଜାରର ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ । କଟକରୁ ସ୍ନାତକ ଶିକ୍ଷା ସମାପ୍ତ କରି ଉମେଶଚନ୍ଦ୍ର ତତ୍କାଳୀନ ଓଡ଼ିଶା କମିଶନରଙ୍କ କାର୍ଯ୍ୟାଳୟରେ କାମ କରିବା ଆରମ୍ଭ କରିଥିଲେ । ପରେ ସେ ଢେଙ୍କାନାଳ, ତାଳଚେର ଓ କନିକା ଇଷ୍ଟେଟରେ ମଧ୍ୟ କାମ କରିଥିଲେ । କନିକାରେ କାମ କରୁଥିବା ସମୟରେ ଅସୁସ୍ଥତା ହେତୁ ୧୮୯୯ ମସିହାରେ ସେ ସ୍ୱେଚ୍ଛାକୃତ ଅବସର ନେଇ କଟକ ଫେରି ଆସିଥିଲେ । କଟକ ଆସି ସୁସ୍ଥ ହେବାପରେ ସେ ସାହିତ୍ୟ ସର୍ଜନାରେ ମନୋନିବେଶ କରିଥିଲେ ।

**୧୯୦୭ ମସିହାରୁ 'ଉଦାସୀ' ଏହି ଛଦ୍ମନାମରେ 'କେନ୍ଦୁଝର ବିଦ୍ରୋହ' ନାମକ ଏକ ଧାରାବାହିକ ଐତିହାସିକ ଉପନ୍ୟାସ ସେ ଲେଖିବା ଆରମ୍ଭ କରିଥିଲେ କିନ୍ତୁ ତାହା ଅସମ୍ପୂର୍ଣ୍ଣ ରହିଥିଲା । ପରେ ସେ ଉଭୟ ଓଡ଼ିଆ ଓ ଇଂରଜୀ ଭାଷାରେ ପୁସ୍ତକ ଲେଖିଛନ୍ତି । ସେ ରଚନା କରିଥିବା 'ପଦ୍ମମାଳୀ' ଓଡ଼ିଆ ସାହିତ୍ୟର ପ୍ରଥମ ସମ୍ପୂର୍ଣ୍ଣ ଉପନ୍ୟାସ । ୩୨ ବର୍ଷ ବୟସରେ ଏହାକୁ ସେ ଲେଖିଥିଲେ । ଏହା ୧୮୮୯ ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ପ୍ରଥମେ ପ୍ରକାଶିତ ହୋଇଥିଲା । ୧୯୧୪ ମସିହାରେ ଆମାଶୟ ରୋଗରେ ପୀଡ଼ିତ ହୋଇ, ଉମେଶଚନ୍ଦ୍ରଙ୍କର ଦେହାନ୍ତ ହୋଇଥିଲା ।**



୧୮୮୮ ମସିହାରେ ପ୍ରକାଶିତ ଉମେଶଚନ୍ଦ୍ର ସରକାରଙ୍କ ପଦ୍ମମାଳୀ ସାଧାରଣତଃ ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ ଭାବେ ପରିଗଣିତ ହୋଇଥାଏ । ତଥାପି, ଗ୍ରନ୍ଥଟିର ଶୈଳୀଗତ ସଂକରତା ବା ମିଶ୍ରଣ ହେତୁ ଏହି ଦାବି କିଛି ମାତ୍ରାରେ ଜଟିଳ ଲାଗେ । ପାରମ୍ପରିକ କଥାରୂପ ଓ ଐତିହାସିକ ବୃତ୍ତାନ୍ତର ଆଧାର ଉପରେ ନିର୍ମିତ ହୋଇଥିବା ସତ୍ତ୍ୱେ, ପଦ୍ମମାଳୀ ଆଧୁନିକ ଉପନ୍ୟାସର ଅନେକ ଲକ୍ଷଣକୁ ଅଙ୍ଗୀକାର କରିଛି । ରୋମାନ୍ସ ଓ ଐତିହାସିକ ଆଲେଖ୍ୟର ସଂଯୋଗ ମାଧ୍ୟମରେ ଏହା ଏକାଧାରେ ଅବିଚ୍ଛିନ୍ନତା ଓ ନବୀନତା ଉଭୟକୁ ପ୍ରତିବିମ୍ବିତ କରିଛି ଏହି ଉପନ୍ୟାସରେ । ଏହି ଶୈଳୀଗତ ସଂକରତା ବା ଜେନେରିକ ହାଇବ୍ରୀଡଟି- ଐତିହାସିକ ଦଲିଲ ଓ କାଳ୍ପନିକ କଥାବିନ୍ୟାସର ସମ୍ମିଳନ- ତାହା ହିଁ ପଦ୍ମମାଳୀକୁ ଓଡ଼ିଆର ପ୍ରଥମ ଉପନ୍ୟାସ ଭାବେ ମାନ୍ୟତା ଦେଇଥାଏ ।

କଥା କହିବା ପ୍ରକ୍ରିୟା ଓ ତାହାର ପାଠକ ଉପରେ ପ୍ରଭାବ ସମ୍ପର୍କରେ ଉପନ୍ୟାସକାର ସ୍ୱୟଂସଚେତନ ଥିବା ମନେହୁଏ । ଦୁଷ୍ଟ ମଣିଷର ମନ୍ଦ ଉଦ୍ଦେଶ୍ୟ ପରି ଏଠି ଉପନ୍ୟାସର ରୋମାନ୍ସମୂଳକ ଉପାଦାନ ଐତିହାସିକ ବର୍ଣ୍ଣନାରେ ରୂପାନ୍ତରିତ ହୋଇଛି, ଯାହା କି ଏକରକମ ଲେଖକୀୟ ଅଧିକାର ଭଳି ଲାଗେ । କଥାଟିକୁ ଐତିହାସିକ ଘଟଣାଦ୍ୱାରା ନିର୍ଦ୍ଦେଶିତ ବୋଲି ପ୍ରତିପାଦନ କରି, ବର୍ଣ୍ଣନାକାର ଲେଖକଙ୍କୁ ଦାୟିତ୍ୱମୁକ୍ତ କରିବା ସହିତ ଗ୍ରନ୍ଥଟିକୁ ଅପରିବର୍ତ୍ତନୀୟ ଐତିହାସିକ ସତ୍ୟ ଭାବେ ପ୍ରତିଷ୍ଠା କରିବାର ଦାବି କରିଛନ୍ତି ।

ଉପନ୍ୟାସଟିକୁ ବୃତ୍ତାନ୍ତ, ବର୍ଣ୍ଣନା ଓ କାହାଣୀ ଭାବେ ଉଲ୍ଲେଖ କରିବାଦ୍ୱାରା ତାହା ଐତିହାସିକ ନିଷ୍ଠାର ଅନ୍ତର୍ବିରୋଧ ଭଳି ଲାଗେ । ଉପନ୍ୟାସର ପ୍ରସ୍ତାବନାରେ ଏହି ଉତ୍କଣ୍ଠାଟି ଖୁବ୍ ସ୍ପଷ୍ଟ । ସେହି କାରଣରୁ ପଦ୍ମମାଳୀକୁ ଐତିହାସିକ ସତ୍ୟ ଓ ଲେଖକୀୟ କଳ୍ପନା ଉଭୟର ଫଳ ଭାବରେ ଦେଖା ଯାଇ ଆସିଛି । ପଦ୍ମମାଳୀର ବିଭିନ୍ନ ସଂସ୍କରଣର ଭୂମିକାରେ ଉମେଶଚନ୍ଦ୍ର ସରକାର ନିଜକୁ ଓଡ଼ିଆ ଗଦ୍ୟ କାହାଣୀର ଜଣେ ପଥପ୍ରଦର୍ଶକ ଭାବେ ଉପସ୍ଥାପନ କରିଛନ୍ତି ।

ଓଡ଼ିଆ ସାହିତ୍ୟରେ ପ୍ରକୃତ ଗଦ୍ୟ କାହାଣୀର ଅଭାବକୁ ସ୍ୱୀକାର କରି, ଏହି ପଦକ୍ଷେପକୁ ଏକ ଅଭିଯାନ ଭାବରେ ସେ ଚିହ୍ନଟ କରିଛନ୍ତି । ପ୍ରଥମ ସଂସ୍କରଣର ଭୂମିକାରେ ସେ ଓଡ଼ିଶାର ଇତିହାସକୁ କାଳ୍ପନିକ ଗଦ୍ୟ କାହାଣୀର ଆକାର ଦେବାର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଛନ୍ତି । ଦ୍ୱିତୀୟ ସଂସ୍କରଣର ଭୂମିକାରେ ତାଙ୍କର ଆଲୋଚନା ଆହୁରି ସ୍ପଷ୍ଟ ହୋଇଛି । ରୋମାନ୍ସ ଓ ଇତିହାସର ମଧ୍ୟରେ ଥିବା ସମ୍ପର୍କଟି ଉଦ୍‌ଘାଟିତ ହୋଇଛି । ଉମେଶଚନ୍ଦ୍ରଙ୍କ ମତାନୁସାରେ ଇତିହାସ କେବଳ କେତେକ ଘଟଣାର ସମଷ୍ଟି । କିନ୍ତୁ ଐତିହାସିକ ଉପନ୍ୟାସ ହେଉଛି ସେହି ଘଟଣାଗୁଡ଼ିକର ଯଥାଯଥ, ଠିକ୍ ଓ ସମ୍ପୂର୍ଣ୍ଣ ଉପସ୍ଥାପନ, ଯାହା ଇତିହାସର ବ୍ୟତିକ୍ରମ ନ କରି ପାଠକଙ୍କୁ ଆନନ୍ଦ ଦେଇପାରିବ ।

ଏହି ଦୃଷ୍ଟିଭଙ୍ଗୀକୁ ଆଗକୁ ନେବାକୁ ଯାଇ ଉମେଶଚନ୍ଦ୍ର ଯୁକ୍ତି କରନ୍ତି ଯେ ପଦ୍ମମାଳୀ ହେଉଛି ଓଡ଼ିଆ ସାହିତ୍ୟର ଏକମାତ୍ର ସଫଳ ରୋମାନ୍ସ ଉପନ୍ୟାସ । ବିଭିନ୍ନ ସମୟରେ ଏହି ଉପନ୍ୟାସ ପ୍ରକାଶିତ ହୋଇଛି । ତେବେ ସାଂପ୍ରତିକ ସମୟରେ ପଦ୍ମମାଳୀ ଉପନ୍ୟାସର ଉଭୟ ଓଡ଼ିଆ ଏବଂ ଇଂରାଜୀ ସଂସ୍କରଣ ପ୍ରକାଶ କରିଛନ୍ତି ବ୍ଲାକ ଇଗଲ ବୁକ୍ସ । ଏହାର ଇଂରାଜୀ ଅନୁବାଦ କରିଛନ୍ତି ସ୍ନେହପ୍ରଭା ଦାସ ।

ପଦ୍ମମାଳୀର ଦୁଇଟି ଭୂମିକା ଉପନ୍ୟାସ ଶିଳ୍ପ ପ୍ରତି ଲେଖକଙ୍କ ଦୃଷ୍ଟିଭଙ୍ଗୀର ଦୁଇ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଉଜାଗର କରେ । ପ୍ରଥମ, ସମକାଳୀନ ଅନ୍ୟାନ୍ୟ ଲେଖକମାନଙ୍କ ପରି ସେ ମଧ୍ୟ ଓଡ଼ିଆ ସାହିତ୍ୟ ସେବାକୁ ଏକ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିଲେ । ଦ୍ୱିତୀୟ, ତାଙ୍କ ପାଇଁ ଐତିହାସିକ ଉପନ୍ୟାସ ହେଉଛି ବାସ୍ତବ ଐତିହାସିକ ଘଟଣା ଓ କାଳ୍ପନିକ କାହାଣୀର ଏକ ସୃଜନଶୀଳ ସମ୍ମିଳନ । ଏଥିରୁ ଓଡ଼ିଶାର ଇତିହାସ ପ୍ରତି ତାଙ୍କର ଗଭୀର ଆଗ୍ରହ ସ୍ପଷ୍ଟ । ପଦ୍ମମାଳୀ ଉପନ୍ୟାସରେ ଘଟଣାଗୁଡ଼ିକର ବିଶ୍ଳେଷଣରୁ ଜଣାଯାଏ ଯେ ଉମେଶଚନ୍ଦ୍ରଙ୍କ ଦୃଷ୍ଟିରେ ଇତିହାସ ହେଉଛି ନାଟକୀୟ ଗୁଣ ସମ୍ପନ୍ନ ଓ ଦୁଇ ରାଜ୍ୟ ମଧ୍ୟରେ ସଂଘର୍ଷ, ମନ୍ତ୍ରଣା ଇତ୍ୟାଦି ଏହାର ଉପାଦାନ । ପଦ୍ମମାଳୀର ମୂଲ୍ୟ ତାହାର ଶୈଳୀଗତ ଅପୂର୍ଣ୍ଣତାରେ ନୁହେଁ, ବରଂ ତାହାର ଐତିହାସିକ ଓ ସାହିତ୍ୟିକ ଅବସ୍ଥାନରେ ନିହିତ । ପାରମ୍ପରିକ କଥାରୂପ ଓ ଆଧୁନିକ ଉପନ୍ୟାସର ମଧ୍ୟବର୍ତ୍ତୀ ସନ୍ଧିକ୍ଷଣରେ ଅବସ୍ଥିତ ଏହି ହାଇବ୍ରୀଡ ଗ୍ରନ୍ଥ ଓଡ଼ିଆ ଉପନ୍ୟାସର ଉଦ୍ଭବକାଳୀନ ସଂକଟ, ସମ୍ଭାବନା ଓ ସୃଜନାତ୍ମକ ପରୀକ୍ଷାର ଏକ ଜୀବନ୍ତ ଦଲିଲ । ସେହି ଅର୍ଥରେ ପଦ୍ମମାଳୀକୁ ଓଡ଼ିଆର ପ୍ରଥମ ଉପନ୍ୟାସ ଭାବେ ଗ୍ରହଣ କରିବା କେବଳ ଯୁକ୍ତିସଂଗତ ନୁହେଁ, ବରଂ ଐତିହାସିକ ଭାବେ ଅନିବାର୍ଯ୍ୟ ।

**(ଶ୍ରୀ ପରିଚ୍ଛା ଇଂରାଜୀ ଓ ଓଡ଼ିଆରେ ସମାଲୋଚନା, ପୁସ୍ତକ ସମୀକ୍ଷା ଓ ପ୍ରବନ୍ଧ ଲେଖି ସୁପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଲୋକ ସଂସ୍କୃତିର ଦୁଇ ପୂଜାରୀ ଆସାମର ନିର୍ମଳା ପ୍ରଭା, ଓଡ଼ିଶାର ବୀଣାପାଣି



ଡ. ମନୋରମା ବିଶ୍ୱାଳ ମହାପାତ୍ର

ସ୍ୱାଧୀନତା ପରବର୍ତ୍ତୀ ଅସମୀୟା ନାରୀ ଲେଖିକା ଭାବରେ ଡ. ନିର୍ମଳପ୍ରଭା ବଡଦୋଲାଇ ବହୁ ସମ୍ମାନ ଏବଂ ସ୍ୱୀକୃତିର ଅଧିକାରୀ । ଆସାମର ଜଣେ ଲେଖିକା ଶଶୀପ୍ରଭା ଦାସ ତାଙ୍କ ସମ୍ପର୍କରେ କହନ୍ତି ''ଜୀବନ ଏକ ଅନନ୍ତ କବିତା । ବହୁମୁଖୀ ପ୍ରତିଭା ସମ୍ପନ୍ନ ସରସ୍ୱତୀ ନିର୍ମଳପ୍ରଭା ଥିଲେ ଅତ୍ୟନ୍ତ ବିଦୂଷୀ । ବହୁ ସୁରୁଚିପୂର୍ଣ୍ଣ ତାଙ୍କର ଆଚରଣ । ତାଙ୍କର ନିର୍ବାଚିତ କବିତାର ପ୍ରତ୍ୟେକ ପୃଷ୍ଠାରେ ତାଙ୍କ ହୃଦୟର ସମସ୍ତ ଆବେଗକୁ ସିଏ ଅଜାଡି ଦେଇଛନ୍ତି । ତାଙ୍କ ସମଗ୍ର ଜୀବନର ମହାର୍ଘ ଅନୁଭୂତି ଏହାର ପ୍ରତ୍ୟେକ ଛତ୍ରରେ ପ୍ରତିଫଳିତ କବିତା, ସଙ୍ଗୀତ, ଶିଶୁ ସାହିତ୍ୟ, ପ୍ରବନ୍ଧ, ଅନୁବାଦ ସାହିତ୍ୟ, ଉପନ୍ୟାସ ଏବଂ ଲୋକସାହିତ୍ୟ ସୃଷ୍ଟିରେ



ନିର୍ମଳପ୍ରଭା ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ଗୌହାଟୀ ବିଶ୍ୱବିଦ୍ୟାଳୟର ଆସାମ ଭାଷାର ବିଭାଗାଧ୍ୟକ୍ଷ ଭାବରେ ସେ ୧୯୯୦ ମସିହାରୁ ଅବସର ନେଇଛନ୍ତି । ବହୁ ବର୍ଷ ଧରି ସେ ଆସାମ ସାହିତ୍ୟ ସଭାର ଆବାହକ (Convenor) ଭାବରେ ମଧ୍ୟ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି ।

ଅନୁବାଦ ସାହିତ୍ୟରେ ମଧ୍ୟ ତାଙ୍କର ପାରଦର୍ଶିତା ଥିଲା । 'ଅମରତ୍ୱର ଆଭାସ' ଋଷୀୟ କବିତା ଅନୁବାଦ, ଓଡ଼ିଆ କବି ସୀତାକାନ୍ତ ମହାପାତ୍ରଙ୍କର 'ଶବ୍ଦର ଆକାଶ'ର ଅନୁବାଦ, ରବୀନ୍ଦ୍ରନାଥ ଠାକୁରଙ୍କ 'ବିନ୍ଦୁ ଏବଂ ସିନ୍ଧୁ', 'ଡାକଘର' ଇତ୍ୟାଦିର ଅନୁସୃଜନ ସେ କରିଛନ୍ତି । ତାଙ୍କର ଆତ୍ମଜୀବନୀ 'ଜୀବନ ଜୀବନ ବଡ ଅନୁପମ' ମୃତ୍ୟୁର କିଛିଦିନ ଆଗରୁ ଏକ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ ପାଉଥିଲା । ତାଙ୍କର ମୌଳିକ ସୃଷ୍ଟି ନିମନ୍ତେ ସେ ଆସାମ ସାହିତ୍ୟ ସଭା, କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ପୁରସ୍କାରରେ ଭୂଷିତ ହୋଇଥିଲେ ।

ଶିଶୁ ସାହିତ୍ୟ ସ୍ରଷ୍ଟା ଭାବରେ ସେ କମ୍ ସଫଳତା ହାସଲ କରିନଥିଲେ । ଭାରତୀୟ ସାହିତ୍ୟ ସଂସ୍କୃତିର ବିକାଶ ସମେତ ଆଧ୍ୟାତ୍ମିକ ଆଲୋଚନାରେ ଯୋଗ ଦେବା ପାଇଁ ବହୁ ଦେଶକୁ ସେ ନିମନ୍ତ୍ରିତ ହୋଇଥିଲେ । ତା ମଧ୍ୟରେ ଆମେରିକା, ଜର୍ମାନୀ, ଲଣ୍ଡନ, କେମ୍ବ୍ରିଜ, ଅକ୍ସଫୋର୍ଡ, ଟୋକିଓ ଆଦି ବିଶ୍ୱବିଦ୍ୟାଳୟ ଅନ୍ୟତମ । ୧୯୯୮ରେ ଆମେରିକାରେ ଅନୁଷ୍ଠିତ ଅର୍ନ୍ତଜାତୀୟ ସେମିନାରରେ ଯୋଗଦେବା ପାଇଁ ସେ ଆମନ୍ତ୍ରିତ ହୋଇଥିଲେ । ସେଥିରେ ସେ ଭାରତୀୟ ସାହିତ୍ୟ ସଙ୍ଗୀତ ଏବଂ ଚିତ୍ରକଳାର ଐତିହ୍ୟ ସହିତ ପାଶ୍ଚାତ୍ୟ ଦେଶର ପାର୍ଥକ୍ୟ ସମ୍ପର୍କରେ ଦୀର୍ଘ ପ୍ରବନ୍ଧ ପାଠ କରିଥିଲେ ।

ଜର୍ମାନର ହଡଲବର୍ଗ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଆଲୋଚନା ଚକ୍ରରେ (୧. ଆସାମର ପ୍ରାଚୀନ ପୁଥିଚିତ୍ର) ଭାରତୀୟ କାବ୍ୟର ସାଂପ୍ରତିକ ଛବି ଉପରେ ବକ୍ତୃତା ଦେଇ ଗବେଷଣାତ୍ମକ ମନ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଆନ୍ତର୍ଜାତିକ କବିତା ଗୋଆର ବିରଳତମ ସମ୍ମାନନୀୟ ସଭାନେତ୍ରୀ ନିର୍ବାଚିତ ହୋଇଥିଲେ । ନିର୍ମଳ ପ୍ରଭାଙ୍କୁ ଜ୍ଞାନ ତପସ୍ୱିନୀ ଏବଂ ସରସ୍ୱତୀ ସମ୍ମାନରେ ଭୂଷିତ କରାଯାଇଥିଲା ।

ଆସାମର ଶିବସାଗର ନାମକ ସ୍ଥାନରେ ସେ ୧୯୩୩ ଜୁନ୍‌ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଧର୍ମେଶ୍ୱର ଶର୍ମା ଏବଂ ମାତା ସୁରବାଳା ବଡଦୋଲାଇ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ । ପିତାମାତାଙ୍କ ଭିତରେ ସଙ୍ଗୀତର ଭାବ ରହିଥିବା ହେତୁ ନିର୍ମଳପ୍ରଭାଙ୍କ ଉପରେ ତା'ର ପ୍ରଭାବ ପଡିଥିଲା । ଆସାମର ଲୋକଜୀବନ ଏବଂ ଲୋକସଙ୍ଗୀତ ଥିଲା ନିର୍ମଳପ୍ରଭାଙ୍କର ଅତି ଆପଣାର ।

ପ୍ରତିଭା ଏବଂ ପ୍ରଜ୍ଞାର ଅଦ୍ଭୁତ ମିଳନ ଘଟିଥିଲା ନିର୍ମଳପ୍ରଭାଙ୍କ ଜୀବନରେ । ସଙ୍ଗୀତ ଏବଂ କବିତାର ମହାମିଳନ ଘଟିଥିଲା ତାଙ୍କ ପାଖରେ । ଦେଶାତ୍ମବୋଧକଗୀତ ଠାରୁ ଆରମ୍ଭ କରି ପ୍ରକୃତିର ଗୀତ ତଥା ଛାୟାଛବିର ଗୀତ ମଧ୍ୟ ସେ ରଚନା କରୁଥିଲେ । ଗୀତି କବିତାର ଇତିହାସକୁ କବି ନିର୍ମଳପ୍ରଭା ମହିମାମଣ୍ଡିତ କରି ଯାଇଛନ୍ତି । ତାଙ୍କ ଲିଖିତ 'ଫୁଲର ମେଲାତେ' (୨୦୦୨) ଶୀର୍ଷକ ସଂକଳନଟିରେ ପାଞ୍ଚଶହ ଜନପ୍ରିୟ ଗୀତ ସନ୍ନିବେଶିତ ହୋଇଛି । ଲୋକ ସଂସ୍କୃତିର ସେ ପୂଜାରୀ ଥିଲେ । ବିଦୁଷୀ କବି ଡଃ ନିର୍ମଳପ୍ରଭା ବଡଦୋଲାଇ ଐତିହ୍ୟମଣ୍ଡିତ ବିଲୁପ୍ତ ସଂସ୍କୃତିର ପ୍ରଚାର ଏବଂ ପ୍ରସାର କରିବା ସଙ୍ଗେ ସଙ୍ଗେ ଗୀତ ଏବଂ ନୃତ୍ୟର ଚର୍ଚ୍ଚା କରିବା ନିମନ୍ତେ 'ଆସାମ କଳାକ୍ଷେତ୍ର' ନାମକ ସର୍ବବୃହତ ସାଂସ୍କୃତିକ ଅନୁଷ୍ଠାନ ଗଢିଥିଲେ । ସାମ୍ପ୍ରତିକ ସମୟର ଆସାମ ଭାଷାର ଜଣେ ପ୍ରତିଭାଶାଳୀ କବି ଭାବରେ ସେ ୨୦୦୦ ମସିହାରେ ସାହିତ୍ୟ ଏବଂ ସଂସାରରୁ ବିଦାୟ ନେଲେ । ଆସାମ ଭାଷା ସାହିତ୍ୟକୁ ତାଙ୍କର ଯେଉଁ ଅବଦାନ, ସେଥିନିମନ୍ତେ ଆସାମ ଭାଷା ତାଙ୍କ ନିକଟରେ ଚିରଋଣୀ ହୋଇ ରହିବ ।

**ବିଦୁଷୀ କବି ଡଃ ନିର୍ମଳପ୍ରଭା ବଡଦୋଲାଇ ଐତିହ୍ୟମଣ୍ଡିତ ବିଲୁପ୍ତ ସଂସ୍କୃତିର ପ୍ରଚାର ଏବଂ ପ୍ରସାର କରିବା ସଙ୍ଗେ ସଙ୍ଗେ ଗୀତ ଏବଂ ନୃତ୍ୟର ଚର୍ଚ୍ଚା କରିବା ନିମନ୍ତେ 'ଆସାମ କଳାକ୍ଷେତ୍ର' ନାମକ ସର୍ବବୃହତ ସାଂସ୍କୃତିକ ଅନୁଷ୍ଠାନ ଗଢିଥିଲେ । ସାମ୍ପ୍ରତିକ ସମୟର ଆସାମ ଭାଷାର ଜଣେ ପ୍ରତିଭାଶାଳୀ କବି ଭାବରେ ସେ ୨୦୦୦ ମସିହାରେ ସାହିତ୍ୟ ଏବଂ ସଂସାରରୁ ବିଦାୟ ନେଲେ ।**

ଆସାମୀ ଭାଷାର ଖ୍ୟାତନାମା କବି ଏବଂ ଗାଳ୍ପିକା, ଅଧ୍ୟାପିକା ନିର୍ମଳପ୍ରଭା ବଡ଼ଦୋଲାଇ । ତାଙ୍କ ଲିଖିତ ''ଜୀବନ ଜୀବନ ବଡ଼ ଅନୁପମ'' ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ । ଏଥିରେ ସେ ତାଙ୍କ ଜୀବନର ବହୁ ଅନୁଦ୍ଘାଟିତ ଦିଗ ଉଦ୍ଘାଟିତ କରିଛନ୍ତି । ତଥାପି ନିର୍ମଳପ୍ରଭାଙ୍କ ଶୈଶବର ଦିନଗୁଡ଼ିକ ନବନୀତା ବା ଇନ୍ଦିରା ଗୋସ୍ୱାମୀ ବା ପ୍ରତିଭା ରାୟ ଅଥବା ବୀଣାପାଣି ମହାନ୍ତିଙ୍କ ପରି ଏତେ ଉଜ୍ଜ୍ୱଳ ନଥିଲା । ଖୁବ୍ ସାନ ବୟସରେ ତାଙ୍କର ବିବାହ ହୋଇଯାଇଥିଲା । ବିବାହ ପରବର୍ତ୍ତୀ ଜୀବନ ଅତ୍ୟନ୍ତ ଭୟାବହ । ତା'ପରେ ଦୀର୍ଘବର୍ଷର ନୀରବତା । ତା'ପରେ ସାରସ୍ୱତ ଜଗତର ସ୍ୱପ୍ନ ଏବଂ ଶେଷ କିଛି ବର୍ଷ ଅଧ୍ୟାପନା ଏବଂ ଗବେଷଣା କାର୍ଯ୍ୟ ଓ କବିତା ଲେଖାରେ ସେ ଆତ୍ମଲୀନ ଥିଲେ । ଏହି କବିତା ମନସ୍କତା ତାଙ୍କୁ ବହୁ ସମୃଦ୍ଧି ଏବଂ ସଫଳତା ଆଣି ଦେଇଥିବାର ଆମେ ଦେଖୁ । ''ଜୀବନ ଜୀବନ ବଡ଼ ଅନୁପମ'' ତାଙ୍କର ଆତ୍ମଜୀବନୀ ଗ୍ରନ୍ଥରୁ ଏହାର ସ୍ପଷ୍ଟ ଚିତ୍ର ମିଳିଥାଏ ।



ଓଡ଼ିଶାର ଅନ୍ୟଏକ ନାରୀପ୍ରତିଭା ବୀଣାପାଣି ମହାନ୍ତି (ପଦ୍ମଶ୍ରୀ) ଯିଏ କହନ୍ତି, 'ଗଳ୍ପମାନେ ଆପେ ଆପେ ଧରାଦିଅନ୍ତି ତାଙ୍କ ପାଖରେ । ଘର ଭିତରେ, ଖୋଲା ଆକାଶ ତଳେ, ଏରୁଣ୍ଡିବନ୍ଧରେ, ରୋଷେଇ ଘରେ, ଯତ୍ରତତ୍ର ସବୁଠି' ସେ ପାଇଛନ୍ତି ଥିମ୍ ଓ ତାହାକୁ ନେଇ ସେ ଲେଖିଛନ୍ତି ଗଳ୍ପ । ଆମ ପରିଚିତ ସମାଜର ଓ ପରିବେଶର ଗଳ୍ପ ହୋଇଥିବାରୁ ତାହା ଆମକୁ ଆପଣାର ଆପଣାର ଲାଗେ । ନାରୀର ସର୍ବଂସହା ରୂପ ତାଙ୍କର ବହୁ ଗଳ୍ପରେ ଦେଖିବାକୁ ମିଳେ । ଭାରତୀୟ ନାରୀ ବିଶେଷତଃ ଓଡ଼ିଶାର ନାରୀ ଯାବତୀୟ ଦୁଃଖକଷ୍ଟ, ଯନ୍ତ୍ରଣା ଓ ଅସହାୟତା ସତ୍ତ୍ୱେ ନିଜକୁ ଅବିଚଳିତ ରଖେ ଠିକ୍ ପୃଥିବୀ ପରି ବିଷପାନ କରି ସେ ଅମୃତ ଦିଏ । ବୀଣାପାଣିଙ୍କର ଭଉଁରୀ ଗଳ୍ପରେ ନାୟିକା ଅଞ୍ଜନା ଠିକ୍ ଏହିପରି କହିଛି ''ଘରେ ସେ ଯେ ବୋହୂ । ପରିବାରରେ ସମସ୍ତଙ୍କ ମନ ନେଇ ଚଳିବାଟା ତାଙ୍କର ଧର୍ମ। ଚିଠା ଲେଖାଠାରୁ ଆରମ୍ଭ କରି ବନ୍ଧୁ ଚର୍ଚ୍ଚା । ସବୁ ତାଙ୍କୁ ପ୍ରଫୁଲ୍ଲ ମନରେ କହିବାକୁ ହେବ '। ଉପେକ୍ଷିତା ନାରୀର ପ୍ରତିକ୍ରିୟା ''ଅନ୍ୟ ଅରଣ୍ୟ'' ଗଳ୍ପ ପୁସ୍ତକର ଜଉ ଗଳ୍ପରେ ରୂପାୟିତ । ଏ ଗଳ୍ପର ନାୟିକା ସଂଯୁକ୍ତା ବର୍ବର ପୁରୁଷଙ୍କ ଦ୍ୱାରା ଧର୍ଷିତା । ଯେତେବେଳେ ସଂଯୁକ୍ତା ପରିବାରରେ ଓ ସମାଜରେ ନିଜକୁ ଅବାଞ୍ଛିତ ମନେକରିଛି ସେତେବେଳେ ସେ ଆତ୍ମହତ୍ୟା କରିବାକୁ ସିଦ୍ଧାନ୍ତ ନେଇଛି । ପ୍ରଚଳିତ ସମାଜବ୍ୟବସ୍ଥା ଓ ମୂଲ୍ୟବୋଧ ବିରୁଦ୍ଧରେ ତାର ଏହି ନୀରବ ବିଦ୍ରୋହ ।

ଜଣେ ଅଙ୍ଗୀକାରବଦ୍ଧ ଲେଖିକା ଭାବରେ ବୀଣାପାଣି ମହାନ୍ତି ତାଙ୍କର ବିଭିନ୍ନ ଗଳ୍ପରେ ନିମ୍ନବର୍ଗ ଓ ନିମ୍ନଜାତିର ନାରୀମାନଙ୍କୁ ସ୍ଥାନ ଦେଇ ସେମାନଙ୍କ ହୃଦୟର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ପୁରୁଷମାନଙ୍କର ଆଧିପତ୍ୟ ଏବଂ ଔଦ୍ଧତ୍ୟକୁ ସେ ଗ୍ରହଣ କରିପାରି ନାହାନ୍ତି । ଯେଉଁଠାରେ ନାରୀ ତାର ସ୍ଥିତି ଓ ସାମର୍ଥ୍ୟକୁ ଆକଳନ କରିନପାରେ, ସେଠାରେ ସେ ସମାଜସତ୍ତାରୁ ବିଚ୍ଛିନ୍ନ ହୋଇଯାଏ ଓ ନିଜକୁ ଅସହାୟ ମନେକରେ ।

ଠିକ୍ ଯେମିତି 'ବୁଦ୍‌ବୁଦ୍' ଗଳ୍ପରେ ସୁଶୀଳା ଏବଂ 'ପଲାଶ' ଗଳ୍ପରେ 'ଲୋରା'ର ହୋଇଛି । ବୀଣାପାଣିଙ୍କର ଗଳ୍ପ ସାମାଜିକ ଦାୟିତ୍ୱବୋଧ ଓ ଅଙ୍ଗୀକାରବଦ୍ଧତାର କଳାତ୍ମକ ରୂପ । ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ସେ ଗଳ୍ପ ଲେଖିଛନ୍ତି । ତାଙ୍କ ଗଳ୍ପରେ ବୌଦ୍ଧିକତା ନାହିଁ, ହୃଦୟ ହିଁ ଅଧିକ ସ୍ଥାନ ଅଧିକାର କରିଛି । ସେ ସାଂପ୍ରତିକ ସମୟର ସାଂସ୍କୃତିକ ଏବଂ ସାମାଜିକ ଜୀବନର ଅନ୍ତସ୍ୱରକୁ ବହନ କରିଛନ୍ତି ବୋଲି କହିଲେ ସତ୍ୟର ଅପଲାପ ହେବ ନାହିଁ ।

**କ୍ରମଶଃ...**

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୪୩୭୦୧୧୦୦୩**

# ଘର

ଗଳ୍ପ

ସୁଦର୍ଶନ ମହାପାତ୍ର

ଘରଟିଏ ପାଇଁ ଅଡ଼ି ବସିଥିଲା ଦୀପା । ସ୍ୱାମୀ ହିସାବରେ ସ୍ତ୍ରୀର ଇଚ୍ଛାକୁ ପୂରଣ କରିବାର ମନୋବୃତ୍ତି ନାହିଁ ବୋଲି ବାରମ୍ବାର ତାଚ୍ଛଲ୍ୟ କରୁଥିଲା ଦୀପକକୁ ।

ହେଲେ ଦୀପକ୍ ଥିଲା 'କିଂ କର୍ତ୍ତବ୍ୟ ବିମୂଢ଼' । ବାପା, ମାଆ, ଦାଦା, ଖୁଡି, ଭାଇ ଭଉଣୀମାନଙ୍କର ଏକ ଏକାନ୍ନବର୍ତ୍ତୀ ପରିବାରରେ ବଢି ଆସିଥିବା ଦୀପକ୍ କେମିତି ବା ସେଇ ଘରକୁ ଛାଡି ଅନ୍ୟତ୍ର ନିଜ ପାଇଁ ଘରଟିଏ ଠିକ୍ କରିନେବ? ବହୁତ ବୁଝାଇବା ପରେ ବି ଦୀପା ଥିଲା ନଛୋଡବନ୍ଧା ।

କଥା କଥାକେ ସେଇ ପୁରୁଣା କଥାକୁ ଦୋହରାଏ ସେ । ଦୁହେଁ ପରସ୍ପରକୁ ଭଲ ପାଉଥିଲା ବେଳେ ଦେଇଥିବା ପ୍ରତିଶ୍ରୁତିକୁ ବିବାହ ପରେ ପୂରଣ ନକରିପାରି ଥିବାରୁ ସେ ପ୍ରଥମେ ପ୍ରଥମେ ଅଭିମାନ କରୁଥିଲା । ସେଇ ଅଭିମାନ କ୍ରମେ ଅଭିଯୋଗରେ ପରିଣତ ହୋଇ ଯାଇଥିଲା ।

ହେଲେ ଦୀପକ୍ ଯେତେବେଳେ ଦୀପାକୁ ଖୁସି କରିବାକୁ ପ୍ରଥମେ ଭୁବନେଶ୍ୱରରେ ଜାଗାଟିଏ କିଣିବାର ପ୍ରସ୍ତାବ ଦେଲା ଦୀପା ଅବଶ୍ୟ ଖୁସି ହୋଇ ଯାଇଥିଲା । ଅନ୍ତତଃ ପକ୍ଷେ ଦେଖିଥିବା ସ୍ୱପ୍ନ ସାକାର ହେବାର ପ୍ରାରମ୍ଭିକ ପର୍ଯ୍ୟାୟର ରୂପରେଖ ତ ସାମ୍ନାରେ ଦୃଶ୍ୟମାନ ହେବାକୁ ଯାଉଛି !

ସ୍ୱପ୍ନ ପୂରଣ ହେବାକୁ ଯାଉଛି ବୋଲି ଯେଉଁ ଖୁସି କିଛି ସମୟ ଧରି ଦୀପାକୁ ବିହ୍ୱଳିତ କରିଥିଲା ବାସ୍ତବିକତାକୁ ପରଖି ହତୋତ୍ସାହିତ ହୋଇ ପଡିଲା ସେ । ପ୍ରକୃତରେ ସେଇ ଜାଗା ଖଣ୍ଡିକ କିଣିବାକୁ ସେମାନଙ୍କ ପାଖରେ ଯଥେଷ୍ଟ ଅର୍ଥ ନଥିଲା ।

**ସ୍ୱପ୍ନ ଭାଙ୍ଗିଯିବାର ଦୁଃଖରେ ମ୍ରିୟମାଣ ହେଲେ ଦୀପା । ସବୁ ବୁଝି ବି ଅବୁଝା ଭଳି ବ୍ୟବହାର କରୁଥିଲେ ଦୀପକଙ୍କ ସହିତ । ପ୍ରାୟ ପ୍ରତ୍ୟେକ ଦିନ କୌଣସି ନା କୌଣସି କାରଣରୁ ଦୁହେଁ ଝଗଡ଼ା କରିବା ଆରମ୍ଭ କରୁଥିଲେ । ଏମିତି କି ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଗଲା । ସେମାନଙ୍କ ଯୁକ୍ତିତର୍କ ଏବଂ ବିବାହ ବିଚ୍ଛେଦ ବିଷୟରେ କ୍ରମେ ଅବଗତ ହେଲେ ଘର ଲୋକେ । ହେଲେ କାରଣ ବିଷୟରେ ଦୁହେଁ ମୁହଁ ଖୋଲି କହିପାରୁନଥିଲେ ଘର ଲୋକଙ୍କୁ ।**

ଏଥର ଦୁହେଁ ଟଙ୍କା ଯୋଗାଡ କରିବାରେ ଲାଗିପଡିଲେ । ଘରେ ତ ଏ ବିଷୟରେ କାହାକୁ କିଛି କହିବା ଅର୍ଥ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ପରିଗଣିତ ହୋଇଥାନ୍ତା । ଏମିତି ବି ଦୀପା ଜାଣେ ତା ବାପଘରର ଆର୍ଥିକ ଦୁଃସ୍ଥିତି ବିଷୟରେ । ଅତଏବ ଦୁହେଁ ପ୍ରତିଟି କ୍ଷେତ୍ର ଯେଉଁଠାରୁ ଋଣ ଯୋଗାଡି ହେବ ସେଇ ବିଷୟରେ ଚିନ୍ତା କରିବାରେ ଲାଗି ପଡ଼ିଲେ ।

ନିଜ ଅଫିସରୁ ଋଣ ଉଠାଇବାକୁ ଉପକ୍ରମ କଲେ ଦୀପକ । ଅଳ୍ପ ଦିନର ଚାକିରି କାଳ ଭିତରେ ଲୋନର ପରିମାଣ ଖୁବ୍ କମ୍ ମିଳିବ ବୋଲି ଅବଗତ ହେଲେ ଦୁହେଁ । ବାହାରୁ ଲୋନ ଉଠାଇବାକୁ ଚିନ୍ତା କଲେ ଏଥର ।

ହେଲେ ଆଜିକାଲି ବିନା ବନ୍ଧକରେ କିଏ ଋଣ ଦେବ ? ନିଜର ଗହଣା ସବୁକୁ ନେଇ ବ୍ୟାଙ୍କ ମ୍ୟାନେଜର ସହିତ କଥା ହେଲେ ଦୁହେଁ । ହେଲେ ଯାହା ଋଣ ମିଳିବାର ଆକଳନ ହେଲା ତାହା ସମୁଦ୍ରକୁ ଶଙ୍ଖେ ବୋଲି ପ୍ରତୀତ ହେଲା । ପ୍ରାଇଭେଟ୍ ବ୍ୟାଙ୍କର ବର୍ଦ୍ଧିତ ସୁଧହାର ଏବଂ ଜୁଲମ କଥା ମନରେ ରଖି ସେଥିରୁ ନିଜକୁ ନିବୃତ୍ତ ରଖିବା ଠିକ୍ ହେବ ବୋଲି ବିବେଚନା କଲେ ।

ଅତଏବ ପୁନଃ ମୂଷିକ ଭବଃ...!

ସ୍ୱପ୍ନ ଭାଙ୍ଗିଯିବାର ଦୁଃଖରେ ମ୍ରିୟମାଣ ହେଲେ ଦୀପା । ସବୁ ବୁଝି ବି ଅବୁଝା ଭଳି ବ୍ୟବହାର କରୁଥିଲେ ଦୀପକଙ୍କ ସହିତ । ପ୍ରାୟ ପ୍ରତ୍ୟେକ ଦିନ କୌଣସି ନା କୌଣସି କାରଣରୁ ଦୁହେଁ ଝଗଡ଼ା କରିବା ଆରମ୍ଭ କରୁଥିଲେ । ଏମିତି କି ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଗଲା । ସେମାନଙ୍କ ଯୁକ୍ତିତର୍କ ଏବଂ ବିବାହ ବିଚ୍ଛେଦ ବିଷୟରେ କ୍ରମେ ଅବଗତ ହେଲେ ଘର ଲୋକେ । ହେଲେ କାରଣ ବିଷୟରେ ଦୁହେଁ ମୁହଁ ଖୋଲି କହିପାରୁନଥିଲେ ଘର ଲୋକଙ୍କୁ ।

ଏମିତି ଏକ ସମୟରେ ହଠାତ୍ ବାପାଙ୍କ ଡ଼ାକରାରେ ଘରେ ପହଞ୍ଚିଲା ଦୀପା । ସାଥୀରେ ଅବଶ୍ୟ ଥିଲେ ଦୀପକ ।

ଘର ସହ ଜାଗାବାଡି ବିକ୍ରି କରାଯିବାର ବନ୍ଦୋବସ୍ତ କରୁଥିଲେ ବାପା । ମାଆଙ୍କ ଲିଭର ଚିକିତ୍ସା ପାଇଁ ଆବଶ୍ୟକୀୟ ଟଙ୍କା ଯୋଗାଡ଼ କରିବାକୁ ଏଇ ବାଟ ଖୋଜିଥିଲେ ବାପା । ବିକ୍ରିରେ ଦୀପାର ଦସ୍ତଖତ ବି ଦରକାର ଥିଲା ତ ତାକୁ ଡକରା ଆସିଥିଲା । ବୋଲି ବୁଝିଲା ସେ ।

ତ । ପରଠାରୁ ଦୀପା ଗୁମସୁମ ହୋଇ ଯାଇଥିଲା । ଯେମିତି । ପରିଣତ ବୟସରେ ବି ମାଆଙ୍କୁ ଜୀବିତ ରଖିବାକୁ ବାପା ଘର ସମ୍ପତ୍ତିକୁ ତୁଚ୍ଛ କରିବାକୁ ପଶ୍ଚାତପଦ ହେଉନାହାନ୍ତି ଅଥଚ ସେଇ ଘର ଖଣ୍ଡିଏ ପାଇଁ ସେ ଦୀପକଙ୍କ ଠାରୁ ଅଲଗା ହୋଇଯିବାକୁ ଚାହିଁବା ତାଙ୍କର ଏକ ଅକ୍ଷମଣୀୟ ଭୁଲ ନିଶ୍ଚୟ ବୋଲି ଅନୁଭବ କଲା ଦୀପା । ପଶ୍ଚାତାପରେ ସନ୍ତୁଳି ହେଉଥିଲା ସେ ।

ଅପରାଧବୋଧରେ ସେ ଦୀପକଙ୍କ ଠାରୁ କ୍ଷମା ଚାହିଁବାକୁ ମନସ୍ଥ କଲାବେଳକୁ ବାପାଙ୍କ ଠାରୁ ଜାଣିଲା ଯେ ଦୀପକଙ୍କ ସାରା ପରିବାର ନିଜ ନିଜ କ୍ଷମତା ଅନୁସାରେ ବାପାଙ୍କୁ ସହଯୋଗ ରାଶି ଅକାତରେ ଯୋଗାଇ ଦେଇଛନ୍ତି । ତେଣୁ ବାପା ମାଆ ଆଉ ସାନଭାଇ ବେଘର ହେବାର ଆବଶ୍ୟକତା ନାହିଁ ।

ଦୀପକଙ୍କ ପାଦ ଦୁଇଟାକୁ ଧରି ଫୁଲି ଫୁଲି କାନ୍ଦୁଥିଲା ଦୀପା । ତା'ର କୋହ ଆଉ ଲୁହ ପୋଛିବାକୁ ଧାଇଁ ଆସିଥିଲେ ଶାଶୁ ଶ୍ୱଶୁର ଏବଂ ପରିବାରର ସମସ୍ତ ଶୁଭେଚ୍ଛୁମାନେ..!

**କୁଞ୍ଜବିହାରୀ ଲେନ, କଟକ**
**ମୋ-୯୪୩୮୧୭୫୫୪୨**








ଅଭିଭାଷଣ ରଖୁଛନ୍ତି ସମୟର ପରିଚାଳନା ସଂପାଦକ ରଞ୍ଜୀବ ବିଶ୍ୱାଳ, ସମ୍ମାନୀତ ଅତିଥି ତଥା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମୁଖ୍ୟ ଅତିଥି ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ






ବକ୍ତବ୍ୟ ରଖୁଛନ୍ତି ସମୟର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର ଓ ଅନ୍ୟତମ ବକ୍ତା ପ୍ରଫେସର ଡ. ଶ୍ରୀକାନ୍ତ କୁମାର ଧର୍




ଧନ୍ୟବାଦ୍ ଅର୍ପଣ କରୁଛନ୍ତି ସମୟର ପ୍ରକାଶକ ସତ୍ୟନାରାୟଣ ମହାନ୍ତି




ସମ୍ମାନୀତ ହେଉଛନ୍ତି ବିବେକାନନ୍ଦ ହାୟର ସେକେଣ୍ଡାରୀ ସ୍କୁଲର ଚେୟାରମ୍ୟାନ୍ ବିଜନ କୁମାର ଜେନା ଓ ନୟାଗଡର ପରିବେଶବିତ୍ ଅନ୍ତର୍ଯାମୀ ସାହୁ



ମଞ୍ଚରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଛନ୍ତି ଅତିଥିଗଣ




ମଞ୍ଚ ପରିଚାଳନା କରୁଛନ୍ତି ଆଙ୍କର ଗୁନ୍‌ଗୁନ୍



ପୁରସ୍କୃତ ହେଉଛନ୍ତି ଆପୋଲ ହସ୍ପିଟାଲ ସିଓଓ ଆଲୋକ ଶ୍ରୀବାସ୍ତବ



ପୁରସ୍କୃତ ହେଉଛନ୍ତି ନାଲ୍‌କୋର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର (ଏଚ୍‌ଆର) ଆଶୁତୋଷ ରଥ

# ସିଏମସି ପକ୍ଷରୁ ପୂର୍ବତନ ନଗରପାଳ ସ୍ୱର୍ଗତଃ ତ୍ରିଲୋଚନ କାନୁନଗୋଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ, (ସବ୍ୟୁ): କଟକ ପୌରପରିଷଦର ପୂର୍ବତନ ନଗରପାଳ ତଥା ବିଶିଷ୍ଟ ରାଜନେତା ସ୍ୱର୍ଗତଃ ତ୍ରିଲୋଚନ କାନୁନଗୋଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କଟକ ମହାନଗର ନିଗମ ପକ୍ଷରୁ ଶନିବାର ଉନ୍ମୋଚିତ ହୋଇଛି। ମହାନଗର ନିଗମର ୯ ନମ୍ବର ୱାର୍ଡ ସ୍ଥିତ ଦୟାଶ୍ରମ ସମ୍ମୁଖରେ ଏହି ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଛି। ଏହି ଅବସରରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ଆୟୋଜନ କରାଯାଇଥିଲା। ସିଏମସିର ମାନ୍ୟବର ମେୟର ଶ୍ରୀ ସୁବାସ ଚନ୍ଦ୍ର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲୋକସଭା ସାଂସଦ ମାନ୍ୟବର ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦୋଷ ସାମିଲ ହୋଇଥିଲେ। ସେହିପରି ଅନ୍ୟାନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ସିଏମସି କମିଶନର ସୁଶ୍ରୀ କିରନଦୀପ କୌର ସହୋତା, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସିଏମସି ଷ୍ଟାଣ୍ଡିଂ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ କାନୁନଗୋଙ୍କ ସ୍ମୃତିଚାରଣ କରିଥିଲେ। କଟକ ସହର ପ୍ରତି ସ୍ୱର୍ଗତଃ ତ୍ରିଲୋଚନ କାନୁନଗୋଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେ ନଗରପାଳ ଥିବା ସମୟରେ କଟକ ସହରକୁ ମଶାମୁକ୍ତ କରିବା ପାଇଁ ଅଭିନବ ଉଦ୍ୟମ କରିଥିଲେ। ସଭିଙ୍କୁ ସାଙ୍ଗରେ ନେଇ ସମାଜର ବିକାଶ କରିବାକୁ ସେ ପସନ୍ଦ କରୁଥିଲେ। ସେ ଥିଲେ ଜଣେ ଜନନାୟକ, ଶ୍ରମିକବନ୍ଧୁ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଲୋକଙ୍କ ହିତ ପାଇଁ କାମ କରିଥିଲେ। ଏହି ମହତ କାମ ପାଇଁ ଆଜି ଜନମାନସରେ ସ୍ୱର୍ଗତଃ କାନୁନଗୋ ବେଶ ପ୍ରଶଂସିତ ବୋଲି ମେୟର ଶ୍ରୀ ସିଂହ ଉଲ୍ଲେଖ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ତଥା କଟକ ପୂଜା କମିଟି ସମ୍ପାଦକ ଶ୍ରୀ ପ୍ରଭାତ ତ୍ରିପାଠୀ, କଂଗ୍ରେସ ବରିଷ୍ଠ ନେତା ଶ୍ରୀ ସୁରେଶ ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଶ୍ରୀ ସୁକାନ୍ତ ବିଶ୍ୱାଳ, ବିଜେପି ମହିଳା ନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ, ବିଜୁ ଜନତା ଦଳ ଜିଲ୍ଲା ସଭାପତି ଶ୍ରୀ ପ୍ରଫୁଲ୍ଲ ସିଂହ, ବିଜୁ ଜନତା ଦଳ ପୂର୍ବତନ କଟକ ନଗର ସଭାପତି ଶ୍ରୀ ମଧୁ ସାହୁ, ସି .ପି. ଆଇ . ଜିଲ୍ଲା ସମ୍ପାଦକ ଆଡ଼ଭୋକେଟ ଶ୍ରୀ ଆମେରେନ୍ଦୁ ମହାନ୍ତି, ସି.ପି.ଆଇ (ଏମ) ଜିଲ୍ଲା ସମ୍ପାଦକ ଶ୍ରୀ ବଦ୍ରିନାରାୟଣ ଦାସ, ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ପୁତ୍ର ଆଡ଼ଭୋକେଟ ଶୁଭରଂଜନ କାନୁନଗୋ ପ୍ରମୁଖ ଯୋଗଦାନ କରି ସ୍ମୃତିଚାରଣ କରିଥିଲେ। କର୍ପୋରେଟର ବିକାଶ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।\




ଆମେରିକା ଓ ଇସ୍ରାଏଲର ମିଳିତ ପ୍ରଚଣ୍ଡ ଆକ୍ରମଣରେ ଇରାନର ଅନେକ ପ୍ରତିଷ୍ଠାନ ଛାରଖାର।

# ଇରାନରେ ଭାରତୀୟ ଛାତ୍ରୀଙ୍କ ଆର୍ତ୍ତ ଚିତ୍କାର

ତେହେରାନ: ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ ମଧ୍ୟରେ, ତେହେରାନ ଓ ଉର୍ମିଆ ଭଳି ସ୍ଥାନରେ ଫସି ରହିଥିବା ଭାରତୀୟ ଛାତ୍ରମାନଙ୍କର ଭୟଙ୍କର ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଭାରତ ସରକାରଙ୍କୁ ନିବେଦନ କରୁଛନ୍ତି। ଲାଇଭ ଏୟାରଷ୍ଟ୍ରାଇକ ଏବଂ ଟୋମାହକ କ୍ଷେପଣାସ୍ତ୍ର ବିସ୍ଫୋରଣ ମଧ୍ୟରେ ସୁଟିଂ କରାଯାଇଥିବା ଏହି ଭିଡିଓ ପ୍ରକାଶ କରୁଛି ଯେ ଦୂତାବାସ ପରାମର୍ଶ ସତ୍ତ୍ୱେ, ବିଶ୍ୱବିଦ୍ୟାଳୟ ପ୍ରତିବନ୍ଧକ ଓ କ୍ୟାରିୟର ପ୍ରତି



ବିପଦ ସେମାନଙ୍କୁ ସମୟ ମଧ୍ୟରେ ଦେଶ ଛାଡିବାରୁ କିପରି ବାଧା ଦେଇଥିଲା।ତେହେରାନରେ ଜଣେ ଭାରତୀୟ ଛାତ୍ରୀ ଏକ ଲାଇଭ ଏୟାରଷ୍ଟ୍ରାଇକ ସୁଟିଂ ସମୟରେ ତାଙ୍କର କଷ୍ଟ ସେୟାର କରିଛନ୍ତି। ଭିଡିଓଟି ସ୍ପଷ୍ଟ ଭାବରେ ଛାତ୍ରୀଙ୍କ ମୁହଁରେ ଭୟକୁ ଦର୍ଶାଉଛି, କାରଣ ବିସ୍ଫୋରଣ ଶବ୍ଦ ବାୟୁମଣ୍ଡଳରେ ଗୁଞ୍ଜରିତ ହେଉଛି। ଛାତ୍ରୀ ଜଣକ କହିଛନ୍ତି ଯେ ତେହେରାନରେ ପରିସ୍ଥିତି ପ୍ରତି ମୁହୂର୍ତ୍ତରେ ଖରାପ ହେଉଛି ଏବଂ ଏବେ ଅନିଶ୍ଚିତତାର ବାତାବରଣ ରହିଛି। ସେ ଭାରତ ସରକାର ଓ ବୈଦେଶିକ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି ଯେ ଯଥାଶୀଘ୍ର ସେମାନଙ୍କର ସୁରକ୍ଷିତ ସ୍ଥାନାନ୍ତର ସୁନିଶ୍ଚିତ କରନ୍ତୁ। ପରିସ୍ଥିତି ଖରାପ ହେବା ପୂର୍ବରୁ ତାଙ୍କୁ ସ୍ଥାନାନ୍ତର କରାଯିବା ଆବଶ୍ୟକ।ଏହା ସହିତ, ଉର୍ମିଆ ମେଡିକାଲ ସାଇନ୍ସ ବିଶ୍ୱବିଦ୍ୟାଳୟର ଛାତ୍ର ବୋଲି ଦାବି କରୁଥିବା ଆଉ ଜଣେ ଛାତ୍ରୀଙ୍କର ଏକ ଭିଡିଓ ଭାଇରାଲ ହେଉଛି। ଭିଡିଓରେ, ମେହକ ନାମକ ଜଣେ ଛାତ୍ରୀ କହିଛନ୍ତି, ଦୂତାବାସ ବାରମ୍ବାର ଆମକୁ ଇରାନ ଛାଡିବାକୁ ପରାମର୍ଶ ଦେଇଥିଲା, କିନ୍ତୁ ଆମର ବିଶ୍ୱବିଦ୍ୟାଳୟ ଅନୁମତି ଦେଇନଥିଲା ଏବଂ ଆମେ ଆମର କ୍ୟାରିୟରକୁ ବିପଦରେ ପକାଇ ପାରିବୁ ନାହିଁ। ବର୍ତ୍ତମାନ, ଆମେ ଭାରତ ସରକାରଙ୍କୁ ଅନୁରୋଧ କରୁଛୁ ଯେ ଆମକୁ ଇରାନରୁ ବାହାର କରନ୍ତୁ, କାରଣ ଆମେ ଜାଣି ନାହୁଁ ଯେ ଏହି ଯୁଦ୍ଧ କେତେ ଦିନ ଚାଲିବ ଓ କେଉଁଠାରେ ପରବର୍ତ୍ତୀ ଆକ୍ରମଣ ହେବ।

# କାଶ୍ମୀରରେ ପ୍ରତିବାଦର ନିଆଁ

ଶ୍ରୀନଗର: ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିରୋଧରେ କାଶ୍ମୀରର ବଡଗାମରେ ପ୍ରତିବାଦର ନିଆଁ ଜଳିଉଠିଛି। ସିଆ ମୁସଲମାନମାନେ ହାତରେ ଖେମିନିଙ୍କ ପୋଷ୍ଟର ଧରି ଆମେରିକା ମୁର୍ଦ୍ଦାବାଦ, ଇସ୍ରାଏଲ ମୁର୍ଦ୍ଦାବାଦ ନାରାବାଜୀ କରିଛନ୍ତି। ଶହ ଶହ ସଂଖ୍ୟକ ଲୋକ ରାଜରାସ୍ତାରେ ବିରୋଧ ପ୍ରଦର୍ଶନ କରିଛନ୍ତି, କାରଣ ଇରାନ ଉପରେ ଆକ୍ରମଣ ପରେ, ଅନେକ କାଶ୍ମୀର ଛାତ୍ରଛାତ୍ରୀ ସେଠାରେ ଫସି ରହିଛନ୍ତି। ଯୁଦ୍ଧର ସପ୍ତାହେ ପୂର୍ବରୁ ଯେତେବେଳେ ବିମାନ ଚଳାଚଳ ସାଭାବିକ ଥିଲା ସେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଓ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଇରାନରେ ରହୁଥିବା



କାଶ୍ମୀର ଛାତ୍ରଛାତ୍ରୀମାନଙ୍କୁ ଭାରତ ଫେରିବାକୁ ଅନୁରୋଧ କରିଥିଲେ।କିନ୍ତୁ ବିଶବିଦ୍ୟାଳୟରୁ ଅନୁମତି ନମିଳିବା ଓ କ୍ୟାରିୟର ପ୍ରତି ବିପଦ କାରଣରୁ ଛାତ୍ରଛାତ୍ରୀମାନେ ଘରକୁ ଫେରିପାରିନଥିଲେ। କିଛି ଛାତ୍ର ଫେରି ଆସିଥିବାବେଳେ, ଅନେକ ଫସି ରହିଛନ୍ତି। କେବଳ କାଶ୍ମୀରୀ ନୁହେଁ, ବରଂ ସାରା ଭାରତରୁ ଅନେକ ଛାତ୍ର ସେଠାରେ ଫସି ରହିଛନ୍ତି। ଫସି ରହିଥିବା ଅନେକ ଭାରତୀୟ ଛାତ୍ର ସାହାଯ୍ୟ ପାଇଁ ନିବେଦନ କରି ଭିଡିଓ ଜାରି କରିଛନ୍ତି। ଇରାନରେ ଥିବା ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ପାଇଁ ଏକ ପରାମର୍ଶଦାତା ଓ ହେଲ୍ପଲାଇନ ନମ୍ବର ଜାରି କରିଛି।

## ଆଇଆରଜିସି କମାଣ୍ଡର ମହମ୍ମଦ ପାକ୍ପୋର୍ ନିହତ

ତେଲ ଅଭିଭ: ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍ଜିସି) କମାଣ୍ଡର ମହମ୍ମଦ ପାକ୍ପୋର୍ ନିହତ ହୋଇଥିବା ଇସ୍ରାଏଲ ବ୍ରଡକାଷ୍ଟର ଏନ୧୨ ଏହାର ରିପୋର୍ଟରେ ପ୍ରକାଶ କରିଛି। ତେବେ ପାକ୍ପୋର୍ଙ୍କ ମୃତ୍ୟୁ ନେଇ ଇରାନ ପକ୍ଷରୁ ଆଧିକାରିକ ଭାବେ କେଣସି ସୂଚନା ପ୍ରଦାନ କରାଯାଇନାହିଁ। ପୂର୍ବତନ କମାଣ୍ଡର ହୁସେନ ସଲାମିଙ୍କୁ ହଟେଇ ୨୦୨୫ରେ ଇରାନ ସର୍ବୋଚ୍ଚ ନେତା ଅୟାତୋଲ୍ଲା ଖେମିନି ପାକ୍ପୋର୍ଙ୍କୁ ମେଜର ଜେନେରାଲ ପାହ୍ୟାକୁ ପଦୋନ୍ନତି ଦେଇଥିଲେ।ଆଇଆରଜିସିର କ୍ଷମତା ବୃଦ୍ଧି କରିବାକୁ ପାକ୍ପୋର୍ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ପୂର୍ବରୁ ପାକ୍ପୋର୍ ଆମେରିକା ଓ ଇସ୍ରାଏଲକୁ ଇସଲାମିକ ରିପବ୍ଲିକ ପୂର୍ବାପେକ୍ଷା ଅଧିକ ପ୍ରସ୍ତୁତ ବୋଲି ଧମକ ଦେଇ କହିଥିଲେ। ତେବେ ଇରାନ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ, ପୂର୍ବତନ ସଂସଦୀୟ ବାଚସ୍ପତି ଅଲ୍ଲୀ ଲାରିଜାନି, ମହମ୍ମଦ ବାଘେର୍ କାଲିବାଫ, ନ୍ୟାୟିକ ମୁଖ୍ୟ ଗୋଲାମହୁସେନ ମୋହସେନି ଓ ସେନାମୁଖ୍ୟ ଅବଦୋଲରହିମ ମେସାଭି ହାତାମି ପ୍ରମୁଖ ସୁରକ୍ଷିତ ଅଛନ୍ତି।

## ଇରାନ ଉପରେ ଆକ୍ରମଣ
# ଚିନ୍ତା ପ୍ରକଟ କଲା ଭାରତ

ନୂଆଦିଲ୍ଲୀ: ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ନେଇ ଭାରତ ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟପକ୍ଷରୁ ଶନିବାର ପ୍ରତିକ୍ରିୟା ପ୍ରକାଶ କରି ସମସ୍ତ ପକ୍ଷକୁ ସଂଯମ ରକ୍ଷା କରିବା, ଉତ୍ତେଜନା ବୃଦ୍ଧି ନ କରିବା ତଥା ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି।ଉତ୍ତେଜନା ପ୍ରଶମିତ କରିବା ତଥା ଅନ୍ତର୍ନିହିତ ପ୍ରସଙ୍ଗକୁ କଥାବାର୍ତ୍ତା ଓ କୂଟନୀତି ମାଧ୍ୟମରେ ସମାଧାନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ମଧ୍ୟପ୍ରାଚ୍ୟରେ ଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ନେଇ ମନ୍ତ୍ରଣାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ସମଗ୍ର ଇରାନ ଓ ଆମେରିକାର ସାମରିକ ଘାଟି ନିକଟବର୍ତ୍ତୀ ସହରରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶବଳୀ ଜାରି କରାଯାଇଛି।ଭାରତୀୟ ନାଗରିକଙ୍କ ସହିତ ଦୂତାବାସ ସମ୍ପର୍କରେ ଥିବାବେଳେ ସତର୍କ ରହିବାକୁ କୁହାଯାଇଛି। ସ୍ଥାନୀୟ ସୁରକ୍ଷା ନିର୍ଦ୍ଦେଶ ମାନିବା ସହିତ ଭାରତୀୟ ମିଶନ ସମ୍ପର୍କରେ ରହିବାକୁ କୁହାଯାଇଛି।

## ଇସ୍ରାଏଲ ବାୟୁସୀମା ବନ୍ଦ
# ଅଧାବାଟରୁ ଫେରିଲା ଦିଲ୍ଲୀ-ତେଲଆଭିଭ ବିମାନ

ତେହେରାନ:ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ ପରେ ଇସ୍ରାଏଲ ଏହାର ବାୟୁସୀମା ବନ୍ଦ କରିଦେଇଛି। ଫଳରେ ଦିଲ୍ଲୀରୁ ତେଲ ଅଭିଭ ଯାଉଥିବା ଏୟାର ଇଣ୍ଡିଆ ବିମାନ ଅଧା ବାଟରୁ ଫେରିବାକୁ ବାଧ ହୋଇଛି। ମଧ୍ୟ ପ୍ରାଚ୍ୟରେ ସ୍ଥିତି ସଙ୍କଟଜନକ ଥିବାବେଳେ ଇସ୍ରାଏଲ ଇରାନର ଆକ୍ରମଣ ପରେ ଏହାର ସମସ୍ତ ବିମାନବନ୍ଦର ବନ୍ଦ ରଖିଛି। ଇରାନ ମଧ୍ୟ ନିଜ ବାୟୁସୀମା ବନ୍ଦ ରଖିଛି। ଫଳରେ ଏୟାର ଇଣ୍ଡିଆ ବିମାନକୁ ମଝି ଆକାଶରୁ ଫେରିବାକୁ ପ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ମଧ୍ୟ ସ୍ଥିତି ଉପରେ ନଜର ରଖାଯାଇଛି। ମଧ୍ୟପ୍ରାଚ୍ୟର ଅସ୍ଥିର ସ୍ଥିତି ମଧ୍ୟରେ



ଦିଲ୍ଲୀ ବିମାନବନ୍ଦର ଏକ ପରାମର୍ଶଦାତା ଜାରି କରି ପଶ୍ଚିମ ଏସିଆକୁ ଅନ୍ତର୍ଜାତୀୟ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇପାରେ ବୋଲି କହିଛି। ବିଶ୍ୱର ଅନେକ ଦେଶ ଇସ୍ରାଏଲ ଓ ଇରାନକୁ ସେମାନଙ୍କ ବିମାନ ସେବା ବନ୍ଦ ରଖିଛନ୍ତି। ଏହି ଦୁଇ ଦେଶ ଆକାଶମାର୍ଗଦେଇ ଯାଉଥିବା ବିମାନଗୁ ଚଳାଚଳରେ ମଧ୍ୟ ବାଧା ସୃଷ୍ଟି ହୋଇଛି। କତାର ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଭାବେ ସମସ୍ତ ବିମାନ ଚଳାଚଳ ବନ୍ଦ କରାଯାଇଛି। ଜର୍ମାନ ଏୟାରଲାଇନ୍ସ ଲୁଫ୍ଥାନ୍ସା ମଧ୍ୟ ତେଲ ଅଭିଭ, ବିରୁଟ ଓ ଅମ୍ମାନକୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଏହାର ବିମାନ ସେବା ବନ୍ଦ ରଖିଛି। ଓମାନ ସାମୟିକ ଭାବେ ବାଗଦାଦକୁ ବିମାନ ସେବା ବନ୍ଦ ରଖିଛି। ଫ୍ଲାଏଦୁବାଇ ଏୟାରଲାଇନ୍ସର ପ୍ରବକ୍ତା କହିଛନ୍ତି ଇରାକ, ଇରାନ ଓ ଇସ୍ରାଏଲ ସେମାନଙ୍କ ଆକାଶମାର୍ଗ ବନ୍ଦ ରଖିଥିବାରୁ ଏହାର ବିମାନସେବା ଶନିବାର ବାଧାପ୍ରାପ୍ତ ହୋଇଛି। ରୁଷ ମଧ୍ୟ ଇସ୍ରାଏଲ ଓ ଇରାନକୁ ବିମାନ ସେବା ବନ୍ଦ ରଖିଛି। ଫ୍ରାନ୍ସ ମଧ୍ୟ ଶନିବାର ପାଇଁ ତେଲ ଅଭିଭ ଓ ବିରୁଟ୍ରୁ ବିମାନସେବା ବନ୍ଦ ରଖିଛି। ଇରାକର ଏରବିଲ ବିମାନ ବନ୍ଦର ସମସ୍ତ ବିମାନ ଚଳାଚଳ ବନ୍ଦ ରଖିଥିବା ଇରାକ ଷ୍ଟେଟ ନ୍ୟୁଜ ଏଜେନ୍ସି ପକ୍ଷରୁ କୁହାଯାଇଛି।

## ଆମେରିକା - ଇସ୍ରାଏଲର ପ୍ରଶ୍ନ : ଖୋମିନି ଏବେ କେଉଁଠି

ତେହେରାନ: ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଭୟଙ୍କର ଆକ୍ରମଣ ଓ ଇରାନର ସମାନ ଢଙ୍ଗରେ ଜବାବୀ କାର୍ଯ୍ୟାନୁଷ୍ଠାନ



ମଧ୍ୟରେ ସବୁଠାରୁ ବଡ ପ୍ରଶ୍ନ ଇରାନର ପ୍ରମୁଖ ନେତା ଅୟାତୋଲ୍ଲା ଖୋମିନି ଏବେ କେଉଁଠି? ଏହାପୂର୍ବରୁ ତାଙ୍କ କାର୍ଯ୍ୟାଳୟ ନିକଟରେ ଆକ୍ରମଣ ହୋଇଥିଲା। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ ଆମେରିକା ଓ ଇସ୍ରାଏଲ ଆକ୍ରମଣ ବେଳେ ଖେମିନି ତେହେରାନରେ ନଥିଲେ। ସେ କେଣସି ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିବା କୁହାଯାଉଛି। ତାଙ୍କୁ କେଉଁଠିକୁ ନିଆଯାଇଛି ସେ ସମ୍ପର୍କରେ କିଛି ଜଣାପ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ବ ଆକ୍ରମଣ କରିଥିବା ସ୍ୱୀକାର କରିଛନ୍ତି। 'ଟ୍ରୁଥ ସୋସିଆଲ'ରେ ଟ୍ରମ୍ପ ଏକ ୮ ମିନିଟର ଭିଡିଓ ସେୟାର କରି ଇରାନ ଉପରେ ୱାସିଂଟନର ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ଇରାନର ଅତ୍ୟନ୍ତ କଠୋର ଶାସନ ଓ ଦୁଷ୍ଟ ଲୋକଙ୍କ ଗୋଷ୍ଠୀଠାରୁ ଆସନ୍ନ ବିପଦକୁ ଦୂର କରି ଆମେରିକୀୟ ଲୋକଙ୍କୁ ସୁରକ୍ଷା ଦେବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଇରାନର ଭୟଙ୍କର କାର୍ଯ୍ୟକଳାପ ଆମେରିକା, ଆମ ସେନ୍ୟ, ବିଦେଶରେ ଥିବା ଆମ ସାମରିକ ଘାଟି ଓ ଆମ ସହଯୋଗୀ ଦେଶଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ୪୭ ବର୍ଷ ହେଲା ଇରାନର ଶାସନ ବ୍ୟବସ୍ଥା ଆମେରିକା ଓ ଏହାର ନିରୀହ ଲୋକଙ୍କୁ ଟାର୍ଗେଟ କରି ରକ୍ତପାତ ଚଳାଇଛି ବୋଲି ଟ୍ରମ୍ପ କହିଛନ୍ତି।

## ୬ ରାଜ୍ୟରେ ସିବିଆଇ ଚଢାଉ : ୩ ମାଷ୍ଟରମାଇଣ୍ଡ ଗିରଫ

ନୂଆଦିଲ୍ଲୀ: ଦେଶରେ ବଢୁଥିବା ଡିଜିଟାଲ ଆରେଷ୍ଟ ଘଟଣା ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏପର୍ଯ୍ୟନ୍ତ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସଂସ୍ଥା ଛଅଟି ରାଜ୍ୟରେ ଏକକାଳୀନ ଚଢାଉ କରି କେରଳର ଜଣେ ବୃଦ୍ଧଙ୍କଠାରୁ ୧ କୋଟି ୮୬ ଲକ୍ଷ ଠକେଇ କରିଥିବା ଏକ ନେଟୱାର୍କର ପର୍ଦ୍ଦାଫାସ କରିଛି।। ଏହି ଅଭିଯାନ ସମୟରେ, ସିବିଆଇ ନାଗପୁର, ଗୋଆ ଏବଂ ବେଙ୍ଗାଲୁରୁରୁ ତିନି ଜଣ ପ୍ରମୁଖ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ମହମ୍ମଦ ମୁସ୍ତାକ (ନାଗପୁର): ସେ ଏକ ଜାଲ କମ୍ପାନି ଚଳାଉଥିଲେ। ସେ ଜାଲିଆତି କରି କଳା ଟଙ୍କା ଧଳା କରିବା ପାଇଁ ତାଙ୍କ କମ୍ପାନିର ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥିଲେ। ତାଙ୍କ ନିକଟରୁ ବହୁ ସଂଖ୍ୟକ ଡେବିଟ କାର୍ଡ ଏବଂ ଡିଜିଟାଲ ଡିଭାଇସ ଜବତ କରାଯାଇଥିଲା। କ୍ଲେସିନ ଜାକବ ଆବ୍ରାହମ (ଗୋଆ): ସେ ଏକ ମ୍ୟୁଲ ଆକାଉଣ୍ଟ (ମନି ଲଣ୍ଡରିଂ ପାଇଁ ବ୍ୟବହୃତ ଏକ ଆକାଉଣ୍ଟ)ର ପରିଚାଳକ ବୋଲି ସନ୍ଦେହ କରାଯାଉଛି। ସେ କ୍ରିପ୍ଟୋକରେନ୍ସି ବ୍ୟବହାର କରି ଟଙ୍କା କାରବାରରେ ମଧ୍ୟ ଜଡିତ ଥିବା କୁହାଯାଉଛି।ମହମ୍ମଦ ଜୁନୈଦ (ବେଙ୍ଗାଲୁରୁ): ସେ ନକଲି ସିମ କାର୍ଡ ବ୍ୟବହାର କରି ଏଭଳି କାର୍ଯ୍ୟ କରୁଥିଲେ। ସେ ଲୋକମାନଙ୍କୁ ୫ଜି ସିମ ଅପଗ୍ରେଡ କରିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲେ, ତା'ପରେ ସେମାନଙ୍କର କେୱାଇସି ଡକ୍ୟୁମେଣ୍ଟର ଅପବ୍ୟବହାର କରୁଥିଲେ ତଥା ଏହି ସିମ କାର୍ଡଗୁଡ଼ିକୁ ସାଇବର ଅପରାଧ ପାଇଁ ବ୍ୟବହାର କରୁଥିଲେ। ସିବିଆଇ ମହାରାଷ୍ଟ୍ର (ନାଗପୁର), ଗୋଆ, କର୍ଣ୍ଣାଟକ (ବେଙ୍ଗାଲୁରୁ), କେରଳ (ପାଲକ୍କଡ), ତେଲେଙ୍ଗାନା (ହାଇଦ୍ରାବାଦ) ଏବଂ ଦିଲ୍ଲୀରେ ଏକକାଳୀନ ଚାଉ କରିଥିଲା। ତଦନ୍ତରୁ ଜଣାପଡୁଛି ଯେ ଏହି ଗ୍ୟାଙ୍ଗର ବିଦେଶୀ ଦେଶ ସହିତ ସମ୍ପର୍କ ଅଛି। ସାଇବର ଠକେଇ କାର୍ଯ୍ୟକଳାପ ସୀମା ପାର ହୋଇ ଚାଲିଥିବା ସନ୍ଦେହ କରାଯାଉଛି। ଚଢାଉ ସମୟରେ, ଡିଜିଟାଲ ଡିଭାଇସ, ଅନେକ ବ୍ୟାଙ୍କର ଡେବିଟ କାର୍ଡ ଏବଂ ଅପରାଧିକ କାଗଜପତ୍ର ଜବତ କରାଯାଇଛି। ସେସବୁର ଯାଞ୍ଚ କରାଯାଉଛି।

## ରାଜସ୍ଥାନରେ ଏଚପିଭି ଟୀକାକରଣ ଅଭିଯାନର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆଜମେରଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ । ଏହା ରାଜସ୍ଥାନର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା। ପ୍ରଧାନମନ୍ତ୍ରୀ ଏହି ଅଞ୍ଚଳର ସାଂସ୍କୃତିକ ଏବଂ ବୀରତ୍ୱପୂର୍ଣ୍ଣ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ସୁରସୁରାର ତେଜାଜୀ ଧାମ ଏବଂ ହାଇଫାକୁ ମୁକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଏବେ ବି ଇସ୍ରାଏଲରେ ସମ୍ମାନିତ ମେଜର ଦଲପତ ସିଂହଙ୍କ ସାହସିକତା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ରାଜସ୍ଥାନର ଡବଲ ଇଞ୍ଜିନ ସରକାର ଦୁଇ ବର୍ଷର ଦ୍ରୁତ ପ୍ରଗତି ହାସଲ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ଲୋକଙ୍କ ସେବା ପାଇଁ ଯେଉଁ ବିକାଶ ପ୍ରତିଶ୍ରୁତି ନେଇ ଆସିଥିଲେ ତାହା ପୂରଣ କରୁଛନ୍ତି। ଏବଂ ଆଜି ଏହି ବିକାଶ ଅଭିଯାନକୁ ତ୍ୱରାନ୍ୱିତ କରିବାର ଦିନ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ରାସ୍ତା, ବିଦ୍ୟୁ୍ତ, ପାଣି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୧୭,୦୦୦ କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ରାଜସ୍ଥାନର ଲୋକଙ୍କ ସୁବିଧା ବୃଦ୍ଧି କରିବ ଏବଂ ଯୁବକମାନଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।ଶ୍ରୀ ମୋଦୀ ଆଜି ୨୧,୦୦୦ ରୁ ଅଧିକ ନୂତନ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ଏହା ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଏକ ନୂତନ ଯୁଗକୁ ସ୍ୱାଗତ କରାଯାଇଛି। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ଆଜମେରରୁ ଦେଶବ୍ୟାପୀ ଏଚପିଭି ଟୀକାକରଣ



ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହାକୁ ଭାରତର ନାରୀ ଶକ୍ତିକୁ ସୁଦୃଢ଼ କରିବା ଏବଂ ମା' ଏବଂ ଝିଅମାନଙ୍କର ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ଆମେ ସମସ୍ତେ ଜାଣିଛେ, ଯେତେବେଳେ ଜଣେ ମା' ଅସୁସ୍ଥ ହୁଅନ୍ତି, ପରିବାର ଭାଙ୍ଗି ପଡ଼ିଥାଏ। ଯଦି ମା' ସୁସ୍ଥ ଥାଆନ୍ତି, ତେବେ ପରିବାର ପ୍ରତ୍ୟେକ ଆହ୍ୱାନର ସମ୍ମୁଖୀନ ହୋଇପାରେ।

# ଚଳିତ ଶତାବ୍ଦୀ ଏଆଇ ବିପ୍ଳବର : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ସାନନ୍ଦଠାରେ ମାଇକ୍ରୋନ ଏଟିଏମପି (ଆସେମ୍ବଲି, ଟେଷ୍ଟ, ମାର୍କିଂ ଏବଂ ପ୍ୟାକେଜିଂ) ସୁବିଧାର ଉଦଘାଟନ କରିଛନ୍ତି। ବାଣିଜ୍ୟିକ ଉତ୍ପାଦନର ପ୍ରାରମ୍ଭକୁ ଚିହ୍ନିତ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଘଟଣା ବିଶ୍ୱ ବୈଷୟିକ ନେତୃତ୍ୱ ଦିଗରେ ଭାରତର ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟକୁ ସୂଚିତ କରେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ବିଶ୍ୱର ସର୍ବବୃହତ୍ ଏବଂ ସବୁଠାରୁ ସଫଳ ଏଆଇ ସମ୍ମିଳନୀ ପରେ ଆଜି ଆମେ ଆଉ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛୁ। ଏଆଇ ସମ୍ମିଳନୀ ବିଶ୍ୱକୁ ଭାରତର ଏଆଇ ଦକ୍ଷତାର ପରିଚୟ ଦେଇଥିବା ବେଳେ, ଆଜି ଟେକ୍ନୋଲୋଜି ନେତୃତ୍ୱ ପ୍ରତି ଭାରତର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି।ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତ ଏକ



ସମୟରେ ମୁଖ୍ୟତଃ ସଫ୍ଟୱେୟାର୍ ଏବଂ ଆଇ. ଟି. ସେବା ପାଇଁ ଜଣାଶୁଣା ଥିଲା, କିନ୍ତୁ ଏବେ ଏହା ହାର୍ଡୱେର୍ କ୍ଷେତ୍ରରେ ନିଜର ପରିଚୟକୁ ଦ୍ରୁତ ଗତିରେ ସୁଦୃଢ଼ କରୁଛି। ଆଜି, ସାନନ୍ଦରେ, ଆମେ ଏକ ନୂତନ ଭବିଷ୍ୟତର ସକାଳ ଦେଖୁଛୁ। ମାଇକ୍ରୋନଙ୍କୁ ଏ. ଟି. ଏମ. ପି. ସୁବିଧାରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବା ଦ୍ୱାରା ବୈଶ୍ୱିକ ପ୍ରଯୁକ୍ତି ମୂଲ୍ୟ ଶୃଙ୍ଖଳାରେ ଭାରତର ଭୂମିକା ସୁଦୃଢ଼ ହେବ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।ପ୍ରଧାନମନ୍ତ୍ରୀ ନୂତନ ଭାରତ ମାନସିକତା ଉପରେ ଆଲୋକପାତ କରିଥିଲେ, ଯେଉଁଠାରେ ନୀତିଠାରୁ ଉତ୍ପାଦନକୁ ପରିବର୍ତ୍ତନ ଅଭୂତପୂର୍ବ ଗତିରେ ଘଟୁଛି। ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପର ଦ୍ରୁତ ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ୨୦୨୩ ମସିହା ଜୁନ ମାସରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ତା' ପରେ ୨୦୨୩ ମସିହା ସେପ୍ଟେମ୍ବର ମାସରେ ସାନନ୍ଦଠାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଫେବୃଆରୀ ୨୦୨୪ ସୁଦ୍ଧା, ପାଇଲଟ ସୁବିଧାରେ ମେସିନ ସ୍ଥାପନ ଆରମ୍ଭ ହୋଇଯାଇଥିଲା, ଯାହା ଫେବୃଆରୀ ୨୦୨୬ ରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଥିଲା, ଶ୍ରୀ ମୋଦୀ କହିଛନ୍ତି।ଶ୍ରୀ ମୋଦୀ କହିଥିଲେ ଯେ ଭାରତ ଜଟିଳ ନିୟାମକ ପ୍ରକ୍ରିୟାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁବ୍ୟବସ୍ଥିତ କରିଛି ଏବଂ ମାତ୍ର କିଛି ମାସ ମଧ୍ୟରେ ଉନ୍ନତ ମୂଲ୍ୟ ନିର୍ଦ୍ଧାରଣ ରାଜିନାମା (ଏପିଏ) ଗୁଡ଼ିକୁ ସଫଳତାର ସହ ସ୍ୱୀକୃତି ପ୍ରଦାନ କରିଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ସମାନ ପ୍ରକ୍ରିୟା ସାଧାରଣତଃ ବିକଶିତ ଦେଶମାନଙ୍କରେ ମଧ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ତିନିରୁ ପାଞ୍ଚ ବର୍ଷ ମଧ୍ୟରେ ସମୟ ନେଇଥାଏ।ଯେତେବେଳେ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥାଏ ଏବଂ ରାଷ୍ଟ୍ରର ଦ୍ରୁତ ବିକାଶ ପ୍ରତି ସମର୍ପଣ ଭାବ ରହିଥାଏ, ସେତେବେଳେ ନୀତିଗୁଡ଼ିକ ସ୍ୱଚ୍ଛ ହୋଇଥାଏ ଏବଂ ନିଷ୍ପତ୍ତିଗୁଡ଼ିକ ଗତିଶୀଳ ହୋଇଥାଏ, ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏହି ସୁବିଧା ଭାରତ ଏବଂ ଆମେରିକା ମଧ୍ୟରେ ବିଶେଷ କରି ଏଆଇ ଏବଂ ଚିପ ଟେକ୍ନୋଲୋଜି କ୍ଷେତ୍ରରେ ସୁଦୃଢ଼ ଭାଗିଦାରୀର ଏକ ପ୍ରମାଣ। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଯୋଗାଣ ଶୃଙ୍ଖଳକୁ ଅଧିକ ବିଶ୍ୱସନୀୟ କରିବା ପାଇଁ ଏଆଇ ଶିଖର ସମ୍ମିଳନୀ ସମୟରେ ସ୍ୱାକ୍ଷରିତ ହୋଇଥିବା ପାକ୍ସ ସିଲିକା ରାଜିନାମା ଏକ ପ୍ରମୁଖ ପ୍ରୟାସ ବୋଲି ଦର୍ଶାଇ ସେ ଉଲ୍ଲେଖ କରିଥିଲେ ଯେ ବିଶ୍ୱର ଦୁଇଟି ସର୍ବବୃହତ ଗଣତନ୍ତ୍ର, ଭାରତ ଏବଂ ଆମେରିକା, ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ସୁରକ୍ଷିତ ରଖିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି।

# ପାକିସ୍ତାନର ସେମି ଆଶା ଧୂଳିସାତ

## ଗୋଡ଼ ଟାଣିଲା ଶ୍ରୀଲଙ୍କା

ପାଲକେଲେ,୨୮ ।୨(ଏଜେନ୍ସି): ପାକିସ୍ତାନର ବିଜୟ ବୃଥା ଯାଇଛି । ଶେଷ ସୁପର-୮ ଲଢ଼େଇରେ ଶ୍ରୀଲଙ୍କାକୁ



ପରାଜିତ କରିଥିଲେ ବି ପାକିସ୍ତାନ ଖରାପ ରନରେଟ୍ କାରଣରୁ ସେମିଫାଇନାଲ ଦୌଡ଼ରୁ ବଞ୍ଚିତ ହୋଇଛି । ଏଥିପାଇଁ ନ୍ୟୁଜିଲାଣ୍ଡ ଗ୍ରୁପ ବି'ର ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ପାକିସ୍ତାନର ଟି-୨୦ ବିଶ୍ୱକପ ଅଭିଯାନ ସୁପର-୮ ପର୍ଯ୍ୟାୟରୁ ଶେଷ ହୋଇଛି । ଶ୍ରୀଲଙ୍କାକୁ ୧୪୭ କିମ୍ବା ତ'ଠାରୁ କମ ରନରେ ସୀମିତ ରଖିବାର ଥିଲା । କିନ୍ତୁ ତାହା ହୋଇପାରିଲା ନାହିଁ । କିନ୍ତୁ ଶ୍ରୀଲଙ୍କା ଦଳ ପାକିସ୍ତାନକୁ ପାଣି ପିଆଇବାକୁ ସକ୍ଷମ ହୋଇଛି । ୨୧୨ ରନ୍ କରିଥିବା ପାକିସ୍ତାନ ମାତ୍ର ୫ ରନରେ ଜିତିଛି । ଶ୍ରୀଲଙ୍କା ଦମଦାର ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୭ ରନ୍ କରିଥିଲା । ଶ୍ରୀଲଙ୍କା ମ୍ୟାଚ ହାରିଛି ସତ କିନ୍ତୁ ପାକିସ୍ତାନର ସବୁ ଆଶା ଧୂଳିସାତ ହୋଇଛି ।

ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ସାହିବ ଜାଦା ଫରହାନଙ୍କ ଶତକ ବଳରେ ଶତକ ତଥା ଫଖର ଜାମନଙ୍କ ୮୪ ରନ ସହାୟତାରେ ୨୦ ଓଭରରେ ୨୧୨/୮ ରନ୍ କରିଥିଲା । ଫରହାନ ୬୦ ବଲରୁ ୯ ଚୌକା ଓ ୫ ଛକା ସହାୟତାରେ ୧୦୦ ରନ୍ କରିଥିଲେ । ଫଖର ୪୨ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହାୟତାରେ ୮୪ ରନ୍ କରିଥିଲେ । କିନ୍ତୁ ପରବର୍ତ୍ତୀ ବ୍ୟାଟରମାନେ ଦୁଇ ଅଙ୍କ ଛୁଇଁ ପାରିନଥିଲେ । ଶ୍ରୀଲଙ୍କାର ଦିଲସାନ ମଧୁଶଙ୍କା ୩ଟି, ଦଶନ ସନକା ଦୁଇଟି ଓ ଦୁଷ୍ମନ୍ତ ଚାମିରା ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ୨୧୩ ରନର ବିଜୟଲକ୍ଷ୍ୟକୁ ଶ୍ରୀଲଙ୍କା ପକ୍ଷରୁ ପାଥୁମ ନିଶାଙ୍କ ସହ କାମିଲ ମିଶ୍ରା ପାଳି ଆରମ୍ଭ କରିଥିଲେ । ନିଶାଙ୍କ ୩ ରନ୍ କରି ଆଉଟ୍ ହୋଇଥିବା ବେଳେ କାମିଲ ୧୫ ବଲରୁ ୨୬ ରନ୍ କରିଥିଲେ । ଚରିଥ ଅସଲଙ୍କା ୨୫, ପବନ ରତ୍ନାୟକେ ୩୭ ବଲରୁ ୫୮ ତଥା ଶେଷ ଭାଗରେ ଅଧିନାୟକ ଦଶନ ସନକା ୩୧ ବଲରୁ ୭୬ ରନ୍ କରି ଦଳକୁ ବିଜୟର ଅତି ନିକଟତର କରିଥିଲେ । ଶ୍ରୀଲଙ୍କା ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ମାତ୍ର ୫ ରନ୍ ପାଇଁ ଶ୍ରୀଲଙ୍କା ବିଜୟ ହାତଛଡା କରିଥିଲା । ପାକିସ୍ତାନର ଆବ୍ରାର ଅହମ୍ମଦ ୩ଟି, ସହିନ ଶାହ ଆଫ୍ରିଦୀ, ନଶିମ ଶାହ ଏବଂ ମହମ୍ମଦ ନୱାଜ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲା ।

# ରବିବାର ଇଡେନରେ ଭାରତ-ଇଣ୍ଡିଜ୍ ଲଢ଼େଇ

କୋଲକାତା,୨୮ ।୨(ଏଜେନ୍ସି): ରବିବାର ଇଡେନ୍ ଗାର୍ଡେନରେ ଭାରତ-ୱେଷ୍ଟଇଣ୍ଡିଜ୍ ହାଇଭୋଲ୍ଟେଜ୍ ମ୍ୟାଚ୍ ଖେଳାଯିବ । ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ର ସେମିଫାଇନାଲ୍ ପ୍ରବେଶ ଦୃଷ୍ଟିରୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ କ୍ୱାର୍ଟର ଫାଇନାଲ୍ ସଦୃଶ ହେବ । ସମିକରଣ ଦୁଇଟି ଯାକ ଦଳ ପାଇଁ ସମାନ ରହିବ । ଜିତିଲେ ସେମିଫାଇନାଲ୍ ଟିକେଟ୍ ମିଳିବ । ଯିଏ ହାରିବ ସିଏ କିନ୍ତୁ ବିଦାୟ ନେବ । କୌଣସି କାରଣରୁ ଯଦି ମ୍ୟାଚ୍ ବାତିଲ ହୁଏ, ଆୟୋଜକ ଭାରତ ଓ ଦୁଇ ଥର ବିଜେତା ଇଣ୍ଡିଜ୍ ୩ପଏଣ୍ଟ୍ ଲେଖାଏଁ ପାଇ ବରାବର ସ୍ଥିତିରେ ରହିବେ । ତେବେ ଉନ୍ନତ ନେଟ୍ ରେନ୍ ରେଟ୍ ଆଧାରରେ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ୍ ଖେଳିବ । ଭାରତ ଜିତିଲେ ତା' ପାଇଁ ପ୍ରଥମ ଆୟୋଜକ ଦେଶ ଭାବେ ବିଶ୍ୱକପ୍ ଜିତିବାର ଆଶା ଅତୁଟ ରହିବ । ୱେଷ୍ଟଇଣ୍ଡିଜ୍ ଜିତିଲେ ପ୍ରଥମ ଦଳ ଭାବେ ତିନି ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବାର ବିରଳ ରେକର୍ଡ ଦିଗରେ ଆଉ ଗୋଟିଏ ପାଦ ବଢ଼ାଇବ ।

ସୁପର-୮ର ପ୍ରଥମ ମ୍ୟାଚ୍ରେ ଦକ୍ଷିଣ ଆଫ୍ରିକାଠାରୁ ୭୬ ରନ୍ରେ ହାରିବା ପରେ ଭାରତର ଅପରାଜେୟ ଧାରା ଅଟକି ଥିଲା । ତା' ସହିତ ସେମିଫାଇନାଲ୍ ପ୍ରବେଶ ଦୃଷ୍ଟିରୁ ଏହି ପର୍ଯ୍ୟାୟର ଶେଷ ଦୁଇଟି ମ୍ୟାଚ୍ରେ ଟିମ୍ ଇଣ୍ଡିଆ ପାଇଁ କର ବା ମରର ଆହ୍ୱାନ ରହିଥିଲା । ଗତ ମ୍ୟାଚ୍ରେ ଜିମ୍ବାୱେକୁ ୭୨ ରନ୍ରେ ହରାଇ ସୂର୍ଯ୍ୟକୁମାର ସେନା ତା'ର ସେମିଫାଇନାଲ୍ ଆଶା ଅତୁଟ ରଖିଥିଲା । ଏବେ ଏହି ଲକ୍ଷ୍ୟର ଦ୍ୱିତୀୟ ବାଧା ଅର୍ଥାତ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍କୁ ଜିତିବା ଭାରତୀୟ କ୍ରିକେଟ୍ ଦଳ ପାଇଁ ଅନୁରୂପ ଭାବେ ଏକାନ୍ତ ଅପରିହାର୍ଯ୍ୟ ହୋଇଛି । ଭାରତ ଗତ ମ୍ୟାଚ୍ ଭଳି ରବିବାର ଏହି ମ୍ୟାଚ୍କୁ ଜିତି ଦଶମ ପ୍ରୟାସରେ ପଞ୍ଚମ ଥର ପାଇଁ ସେମିଫାଇନାଲ୍ ଖେଳିବ ବୋଲି ୧୪୫ କୋଟି ଭାରତୀୟ ଆଶା ବାନ୍ଧିଛନ୍ତି ।

**ପରିବର୍ତ୍ତନ ସମ୍ଭାବନା କମ୍**

ଜିମ୍ବାୱେ ବିପକ୍ଷ ମ୍ୟାଚ୍ରେ ଭାରତ ଦୁଇଟି ପରିବର୍ତ୍ତନ କରିଥିଲା । ପିତାଙ୍କ ସ୍ୱାସ୍ଥ୍ୟ ଖରାପ ଏବଂ ଅକାଳ ନିଧନ ପାଇଁ ରିଙ୍କୁ ସିଂହଙ୍କୁ ବାଦ୍ ଦେଇ ତାଙ୍କ ସ୍ଥାନରେ ସଞ୍ଜୁ ସାମସନ୍ଙ୍କୁ ଖେଳାଇଥିଲା । ସେହିଭଳି ଅଲରାଉଣ୍ଡର୍ ୱାସିଂଟନ୍ ସୁନ୍ଦରଙ୍କୁ ବାଦ୍ ଦେଇ ଅକ୍ଷର ପଟେଲଙ୍କୁ ଫେରାଇ ଆଣିଥିଲା । ଏହି ଦୁଇ ପରିବର୍ତ୍ତନ ଦଳର ସନ୍ତୁଳନକୁ ମଧ୍ୟ ବଢ଼ାଇ ଦେଇଥିଲା । ସବୁଠାରୁ ଭଲ କଥା ଭାବେ ଦଳର ଶୀର୍ଷ ୬ ବ୍ୟାଟର୍ ଭଲ ରନ୍ କରିଥିଲେ । ଅଭିଷେକ ଶର୍ମା ଫର୍ମକୁ ଫେରିଥିଲେ । ଅଲରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା ବହୁଦିନ ପରେ ଅର୍ଦ୍ଧଶତକ ହାସଲ କରିଥିଲେ । ଏଣୁ କୋଲକାତାରେ ଭାରତର ଚୂଡ଼ାନ୍ତ ଏକାଦଶରେ ଅଦଦଳ ବଦଳ ସମ୍ଭାବନା ପ୍ରାୟ ନାହିଁ । ତେବେ ଦଳ ପାଇଁ ବୋଲିଂ ବିଭାଗର ମାତ୍ରାଧିକ ରନ୍ ବ୍ୟୟ ଚିନ୍ତାର କାରଣ ହୋଇଛି । ବିଶେଷ କରି ଷଷ୍ଠ ବୋଲର ବିକଳ୍ପ ଦଳ ପାଇଁ ସବୁବେଳେ ସମସ୍ୟା ସୃଷ୍ଟି କରି ଆସୁଛି । ମାଟିକୁ ପୂରା ଜାବୁଡ଼ି ଧରୁଥିବା ପିଚ୍ ପାଇଁ ଇଡେନ୍ରେ ଲାଇନ୍ ଲେନ୍ଥ ବିଶେଷ ଗୁରୁତ୍ୱ ବହନ କରିବ । ଏଣୁ ଭାରତୀୟ ଦ୍ରୁତ ବୋଲରଙ୍କୁ ବିବିଧତା ଭରା ବୋଲିଂ କରିବାକୁ ହେବ । ସ୍ପିନର୍ଙ୍କୁ ଠିକ୍ ଜାଗାରେ ବଲ୍ ରଖିବାକୁ ହେବ । ସେହିଭଳି ୱେଷ୍ଟଇଣ୍ଡିଜ୍ ମଧ୍ୟ ତା' ଦଳରେ ବଡ଼ ଧରଣର ପରିବର୍ତ୍ତନ କରିବା ସମ୍ଭାବନା ଏକବାର କମ୍ ରହିଛି । ସମ୍ଭାବ୍ୟ ଭାରତ: ଅଭିଷେକ ଶର୍ମା, ସଞ୍ଜୁ ସାମସନ୍, ଈଶାନ କିଶନ, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ ।

ସମ୍ଭାବ୍ୟ ୱେଷ୍ଟଇଣ୍ଡିଜ୍: ବ୍ରାଣ୍ଡନ୍ କିଙ୍ଗ୍, ସାଇ ହୋପ୍ (ଅଧିନାୟକ), ସିମରନ୍ ହେଟମାୟର, ରୋଭମନ ପାୱେଲ, ସେରଫାନ୍ ରଦରଫୋର୍ଡ, ରୋମାରିଓ ସେପର୍ଡ, ଜାସନ ହୋଲ୍ଡର, ମାଥ୍ୟୁ ଫର୍ଡେ, ଅକିଲ ହୁସେନ, ଗୁଡ଼କେଶ ମୋତି, ସମର ଯୋଶେଫ ।

### ଆଜିର ମ୍ୟାଚ

- ଜିମ୍ବାୱେ-ଦ.ଆଫ୍ରିକା
- ସ୍ଥାନ - ନୂଆଦିଲ୍ଲୀ
- ସମୟ - ଅପରାହ୍ଣ ୩ଟା
- ଭାରତ-ଇଣ୍ଡିଜ
- ସ୍ଥାନ- ଇଡେନ
- ସମୟ- ସନ୍ଧ୍ୟା ୭ଟା
- ପ୍ରସାରଣ- ଷ୍ଟାର ନେଟ୍ୱର୍କ

# ଇତିହାସ ରଚିଲା ଜମ୍ମୁ-କାଶ୍ମୀର

ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି): ଘରୋଇ କ୍ରିକେଟରେ ଇତିହାସ ରଚିଛି ଜମ୍ମୁ-କଶ୍ମୀର । ଦୀର୍ଘ ୬୭ ବର୍ଷର ଅପେକ୍ଷାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ସବୁବେଳେ ଦୁର୍ବଳ ଟିମ ଭାବେ ଗଣତି ହେଉଥିବା ଜମ୍ମୁ-କଶ୍ମୀର ଏଥର ବାଜି ପଲଟାଇ ଦେଇଛି । ବଡ଼ବଡ଼ ଟିମକୁ ମାତ ଦେଇ ପ୍ରଥମ ଥର ରଣଜୀ ଟ୍ରଫି ଜିତିଛି ଜମ୍ମୁ-କଶ୍ମୀର । ୬୭ ବର୍ଷ ତଳେ ଅର୍ଥାତ ୧୯୫୯-୬୦ ସିଜିରେ ଜମ୍ମୁ-କଶ୍ମୀର ପ୍ରଥମଥର ରଣଜୀ ଟ୍ରଫିରେ ଡେବ୍ୟୁ କରିଥିଲା । ହେଲେ ଦଳକୁ କେବେ ହେଲେ ଫାଇନାଲ ଖେଳିବାର ଗୌରବ ମିଳି ନଥିଲା । କିନ୍ତୁ ୨୦୨୬ରେ ଇତିହାସ ବଦଳିଛି । ଜମ୍ମୁ-କଶ୍ମୀର ପ୍ରଥମଥର ଫାଇନାଲ ଖେଳିବା ସହ ପ୍ରଥମଥର ଚାମ୍ପିୟନ ହୋଇଛି ।




ଫାଇନାଲରେ ଦଳ କର୍ଣ୍ଣାଟକାକୁ ଭେଟିଥିଲା । କେଏଲ ରାହୁଲ, ପ୍ରସିଦ୍ଧ କ୍ରିଷ୍ଣା ଓ ମୟଙ୍କ ଅଗ୍ରୱାଲଙ୍କ ଭଳି ଷ୍ଟାର ଖେଳାଳି କର୍ଣ୍ଣାଟକା ପଟେ ଥିଲେ । ତଥାପି ପାରସ ଡୋଗ୍ରାଙ୍କ ଜମ୍ମୁ-କଶ୍ମୀର ମ୍ୟାଚ୍କୁ ଡ୍ର ରଖିବା ସହ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଟ୍ରଫି କରାୟତ କରିଛି । ପ୍ରଥମ ଇନିଂସରେ ଜମ୍ମୁ-କଶ୍ମୀର ୧୭୩ ଓଭର ବ୍ୟାଟିଂ କରିବା ସହ ବିଶାଳ ୫୮୪ ରନ କରିଥିଲା । ଦଳ ପାଇଁ ୱାଇ ହାସନ ୮୮, ଶୁଭମ ପୁଣ୍ଡିର ୧୨୧, ଅଧିନାୟକ ଡୋଗ୍ରା ୭୦, ଅବଦୁଲ ସମଦ ୬୧, କନ୍ହେୟା ୱାଧୱନ ୭୦, ସାହିଲ ଲୋଟ୍ରା ୭୨ ଓ ଯୁଦ୍ଧବୀର ସିଂହ ଚରକ ୩୦ ରନ କରିଥିଲେ । ଏହାର ଜବାବରେ କର୍ଣ୍ଣାଟକା ପାଇଁ ମୟଙ୍କ ଅଗ୍ରୱାଲ ଏକା ଲଢ଼େଇ କରି ୧୬୦ ରନର ଇନିଂସ ଖେଳିଥିଲେ । କିନ୍ତୁ ଅକିବ ନବି ଦାରଙ୍କ ଘାତକ ବୋଲିଂ ଆଗରେ ଆଉ କୌଣସି କର୍ଣ୍ଣାଟକା ବ୍ୟାଟର ଛିଡ଼ା ହୋଇ ପାରି ନଥିଲେ । କର୍ଣ୍ଣାଟକା ପ୍ରଥମ ଇନିଂସରେ ମାତ୍ର ୨୯୩ ରନ କରିପାରିଥିଲା । ଅକିବ ଏକାକୀ ୫ ୱିକେଟ ନେଇଥିବା ବେଳେ ସୁନିଲ କୁମାର ଓ ଯୁଦ୍ଧବୀରଙ୍କୁ ୨ଟି ଲେଖାଏ ସଫଳତା ମିଳିଛି । ସେହିପରି ସାହିଲଙ୍କୁ ଗୋଟିଏ ୱିକେଟ ମିଳିଥିଲା ।

ଦ୍ୱିତୀୟ ଇନିଂସରେ ମଧ୍ୟ ଜମ୍ମୁ-କଶ୍ମୀର ବ୍ୟାଟରମାନେ ନିଜର ଜଲୱା ଦେଖାଇଥିଲେ । ପ୍ରଥମ ଇନିଂସରେ ଫେଲ ମାରିଥିବା କମରାନ ଇକବାଲ ଅପରାଜିତ ୧୬୦ ଓ ସାହିଲ ୧୦୧ କରିବା ଯୋଗୁ ଜମ୍ମୁ-କଶ୍ମୀର ୪ ୱିକେଟ ହରାଇ ୩୪୨ କରିବା ପରେ ପାଳି ଘୋଷଣା କରିଥିଲା । ତେବେ ମ୍ୟାଚର ଆଜି ଅନ୍ତିମ ଦିନ ଥିବାରୁ ଆଉ ମାତ୍ର କିଛି ଘଣ୍ଟାର ଖେଳ ବାକି ରହିଥିଲା । ତେଣୁ ଦୁଇ ଅମ୍ପାୟାର ଦୁଇ ଦଳର ଅଧିନାୟକଙ୍କ ସହ କଥା ହୋଇ ମ୍ୟାଚ୍କୁ ଡ୍ର ଘୋଷଣା କରିଥିଲେ । ମ୍ୟାଚ୍ ଡ୍ର ହେବା କ୍ଷଣି ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟ ମୁକୁଟ ପିନ୍ଧିଛି । ପୂରା ରଣଜୀ ଋତୁରେ ଜଲୱା ଦେଖାଇଥିବା ଅକିବଙ୍କୁ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର ମିଳିଛି । ସେ ୧୦ଟି ମ୍ୟାଚ୍ରେ ୬୦ ୱିକେଟ ନେଇଛନ୍ତି । ଏଥିରେ ୭ଟି ୫ ୱିକେଟ ସଫଳତା ରହିଛି । ସେହିପରି ବାମହାତୀ ଶୁଭମ ପୁଣ୍ଡିର ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି । ସେ ପ୍ରଥମ ଇନିଂସରେ ୧୨୧ ରନ କରିବାରୁ ଜମ୍ମୁ-କଶ୍ମୀର ବିଶାଳ ୫୮୪ ରନ କରିପାରିଥିଲା । ଜମ୍ମୁ-କଶ୍ମୀର ୩୩୪ଟି ମ୍ୟାଚ୍ ଇତି ମଧ୍ୟରେ ଖେଳିଥିଲେ ହେଁ କୌଚିତ ସଫଳତା ସାଉଁଟି ଥିଲା । କିନ୍ତୁ କ୍ୟାପ୍ଟେନ ପାରସ ଡୋଗ୍ରା ଓ କୋଚ ଅଜୟ ଶର୍ମାଙ୍କ ନେତୃତ୍ୱରେ ଦଳ ଏବେ ସବୁଠାରୁ ବଡ଼ ସଫଳତା ହାସଲ କରିଛି । ଡୋଗ୍ରା ମଧ୍ୟ ବ୍ୟକ୍ତିଗତ ଭାବେ ଗୋଟିଏ ବଡ଼ କୀର୍ତ୍ତିମାନ ହାସଲ କରିଛନ୍ତି । ସେ ଦ୍ୱିତୀୟ ବ୍ୟାଟର ଭାବେ ରଣଜୀ ଟ୍ରଫିରେ ୧୦ ହଜାର ରନ ପୂରଣ କରିଛନ୍ତି ।

# କୋଲକାତାରେ ଟିମ ସହ ଯୋଗ ଦେବେ ରିଙ୍କୁ



କୋଲାକାତା,୨୮ ।୨(ଏଜେନ୍ସି): ଚଳିତ ଟି୨୦ ବିଶ୍ୱକପରେ ଭାରତ ତାର ଶେଷ ସୁପର ଏଇଟ ମ୍ୟାଚ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ । ଏହା ଟିମ ଇଣ୍ଡିଆ ପାଇଁ କ୍ୱାର୍ଟର ଫାଇନାଲ ସଦୃଶ ମ୍ୟାଚ । ଦଳର ବିସ୍ଫୋରକ ବ୍ୟାଟ୍ସମ୍ୟାନ ରିଙ୍କୁ ସିଂଙ୍କ ବାପାଙ୍କ ଦେହାନ୍ତ ହୋଇଯିବାରୁ ସେ ଗ୍ରେଟର ନୋଏଡା ଯାଇଥିଲେ । ତାଙ୍କ ବାପାଙ୍କ ଅନ୍ତିମ ସଂସ୍କାର ହେବା ପରେ ସେ ପୁନର୍ବାର ଦଳ ସହିତ ଯୋଗ ଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ରିପୋର୍ଟ ମୁତାବକ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ ପୂର୍ବରୁ କୋଲକାତାରେ ପହଞ୍ଚିବେ । ଇତି ମଧ୍ୟରେ ଟିମ ଇଣ୍ଡିଆର ସଦସ୍ୟ କୋଲକାତାରେ ପହଞ୍ଚି ସାରିଛନ୍ତି । ରିଙ୍କୁ ଜିମ୍ବାୱେ ବିପକ୍ଷ ମ୍ୟାଚରେ ଖେଳିପାରି ନ ଥିଲେ । ଅବଶ୍ୟ ଚଳିତ ଟି୨୦ ବିଶ୍ୱକପରେ ରିଙ୍କୁଙ୍କ ପ୍ରଦର୍ଶନ ସେତେଟା ସନ୍ତୋଷଜନକ ରହି ନାହିଁ । ସେ ୫ ମ୍ୟାଚରେ ୨୪ ରନ ସଂଗ୍ରହ କରିଛନ୍ତି । ଚଳିତ ବର୍ଷ ସେ ଓଭରାଲ ୧୦ଟି ଟି୨୦ ମ୍ୟାଚ ଖେଳି ୧୧୫ ରନ କରିଛନ୍ତି । ତାଙ୍କର ସର୍ବଶ୍ରେଷ୍ଠ ସ୍କୋର ୪୪ ରହିଥିଲା । ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ଭାରତ ବିଜୟ ହାସଲ କଲେ ସେମିଫାଇନାଲରେ ପ୍ରବେଶ କରିବ । ଗତ ସଂସ୍କରଣରେ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଚାମ୍ପିଅନ ହୋଇଥିଲା ।

# ଆଇପିଏଲ୍ ଟିମ୍ କିଣା ଦୌଡରେ ଆମେରିକୀୟ ବ୍ଲିଟଜର

ନୂଆଦିଲ୍ଲୀ ୨୮ ।୨(ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ରାଜସ୍ଥାନ ରୟାଲସ୍ (ଆରଆର) ଆଇପିଏଲର ଦୁଇ ଫ୍ରାଞ୍ଚାଇଜ୍ ବୈଶ୍ୱିକ ନିବେଶକଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି । ଆମେରିକୀୟ ବିଲେନିୟର ଡେଭିଡ ବ୍ଲିଟଜର ଏହି ଦୁଇ ଫ୍ରାଞ୍ଚାଇଜୀଙ୍କ ମଧ୍ୟରୁ କୌଣସି ଗୋଟିକର ଅଧିକାଂଶ ଅଂଶ ଧନ ହାସଲ କରିବାକୁ ଚାହୁଁଛନ୍ତି । ଏଥି ପାଇଁ କଥାବାର୍ତ୍ତା ମଧ୍ୟ ଆରମ୍ଭ କରିଦେଇଛନ୍ତି । ବ୍ଲିଟଜଙ୍କ ଏହି ପଦକ୍ଷେପ ଅନ୍ତର୍ଜାତୀୟ କ୍ରିଡା ନିବେଶକଙ୍କ ମଧ୍ୟରେ ଆଇପିଏଲର ମାଲିକାନାକୁ ନେଇ ବଢୁଥିବା ଲୋକପ୍ରିୟତାର ସଂକେତ ଦେଉଛି ।




ହ୍ୟାରିସ୍ ବ୍ଲିଟଜର ସ୍ପୋର୍ଟସ ଆଣ୍ଡ ଏଣ୍ଟରଟେନମେଣ୍ଟର ସହ ସଂସ୍ଥାପକ ତଥା ବ୍ଲାକଷ୍ଟୋନର ବରିଷ୍ଠ କାର୍ଯ୍ୟକାରୀ ଏବେ ଉଭୟ ଫ୍ରାଞ୍ଚାଇଜୀରେ ନିବେଶର ମୂଲ୍ୟାୟନ କରୁଛନ୍ତି । ସୂତ୍ର ଅନୁସାରେ ସେ ତାଙ୍କର ପରବର୍ତ୍ତି ପଦକ୍ଷେପ ନିର୍ଦ୍ଧାରଣ କରିବା ପୂର୍ବରୁ ଆରସିବି ଓ ଆରଆର ର ବିସ୍ତୃତ ଅଧ୍ୟନ କରୁଛନ୍ତି । ଏହି ଘଟଣାକ୍ରମ ଆଇପିଏଲର ମାଲିକାନାକୁ ଏକ ନୂଆ ଗତି ପ୍ରଦାନ କରିଛି, ଯେଉଁଥିରେ ବୈଶ୍ୱିକ ଦିଗ୍ଗଜ ଓ ଭାରତୀୟ ବାଣିଜ୍ୟ ଜଗତର ଲୋକେ ସମାନ ରୂପେ ସାମିଲ ଅଛନ୍ତି । ଫ୍ରାଞ୍ଚାଇଜୀର ବଢୁଥିବା ମୂଲ୍ୟ ଓ ବଢୁଥିବା ବ୍ୟବସାୟୀକ ରାଜସ୍ୱ ମଧ୍ୟରେ ଆଇପିଏଲ ଟିମ ମାନଙ୍କ ପ୍ରତି ରୁଚି ବେଶ୍ ବଢିଛି ।

ଆରସିବି ଯିଏ ୨୦୨୫ ମସିହାରେ ତାର ପ୍ରଥମ ଆଇପିଏଲ ଟାଇଟଲ ଜିତିଥିଲା ଏହାର ଏବେ ଆନୁମାନିକ ମୂଲ୍ୟ ୧.୮ ବିଲିୟନ ଡଲାର । ଏହି ବିଜୟ ଟିମ୍ ର ବ୍ରାଣ୍ଡ ଅପିଲକୁ ବେଶ୍ ବଢାଇଥିବା ବେଳେ ଏଥିରେ ନିବେଶ ଲାଗି ଆକର୍ଷକ ବିକଳ୍ପ ଭାବେ ଉଭା ହୋଇଛି । ଏଥିରେ ଆଇପିଏଲ ଇକୋ ସିଷ୍ଟମରେ ବ୍ଲିଟଜରଙ୍କ ସମ୍ଭାବିତ ପ୍ରବେଶ ତାଙ୍କର ପ୍ରଥମରୁ ଥିବା ବୈଶ୍ୱିକ ସ୍ପୋର୍ଟସ ପୋର୍ଟଫୋଲିଓକୁ ଆହୁରି ବିସ୍ତାର ଦେବ ।

**କାହିଁକି ବିକ୍ରି ହେବ ଆରସିବି?**

ଆରସିବିର ବର୍ତ୍ତମାନ ମାଲିକ ଡିୟାଜିୟୋ ୟୁନାଇଟେଡ ସ୍ପିରିଟ ମାଧ୍ୟମରେ ଗତ ନଭେମ୍ବର ମାସରୁ ଫ୍ରାଞ୍ଚାଇଜୀରେ ପୁରା ଭାଗିଦାରୀର ରଣନୈତିକ ସମୀକ୍ଷା ଆରମ୍ଭ କରିଛି । ଖବର ଅନୁସାରେ ଡିୟାଜିୟୋକୁ ମଦ ବ୍ୟବସାୟ ସମ୍ପର୍କିତ ଏକ ଅଣମୁଖ୍ୟ ସମ୍ପତ୍ତି ରୂପେ ବର୍ଗିକୃତ କରାଯାଇଥିଲା । ଏଣୁ ସମ୍ଭାବିତ ବିକ୍ରିକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଫ୍ରାଞ୍ଚାଇଜୀର ରାଜସ୍ୱ ବୃଦ୍ଧି ଓ ଆଇପିଏଲର ସମଗ୍ର ମୂଲ୍ୟାୟନରେ ଲଗାତାର ବୃଦ୍ଧି ଯୋଗୁ ଲିଗର ସବୁଠୁ ପ୍ରସିଦ୍ଧ ଟିମ ମଧ୍ୟରୁ ଅନ୍ୟତମ ଆରସିବିର ମାଲିକାନା ହାସଲ ପାଇଁ ଦ୍ୱାର ଖୋଲିଦିଆଯାଇଛି ।

**ଆରସିବିର ସମ୍ଭାବିତ କ୍ରେତା କିଏ?**

ତେବେ ଆରସିବିକୁ ହାସଲ କରିବା ଦୌଡରେ ବ୍ଲିଟଜର ଏକାକୀ ନୁହନ୍ତି । ମଞ୍ଚେଷ୍ଟର ୟୁନାଇଟେଡର କୋ ଓନର ଅଭରାମ ଗ୍ଲେଜର ମଧ୍ୟ ତାଙ୍କ ନିବେଶ କମ୍ପାନୀ ଲାନ୍ସର କ୍ୟାପିଟାଲ ମାଧ୍ୟମରେ ପ୍ରାରମ୍ଭିକ ବୋଲି ଲଗାଇଛନ୍ତି । ତେବେ କେବଳ ବିଦେଶୀ ନୁହଁ ଅନେକ ଭାରତୀୟ ବ୍ୟବସାୟୀ ମଧ୍ୟ ଏହି ଦୌଡରେ ଏବେ ସାମିଲ ହୋଇଛନ୍ତି । ସିରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ସିଇଓ ଆଦର ପୁନାୱାଲା ସାର୍ବଜନିକ ରୂପେ ଆରସିବି ଲାଗି ନିଜର ପ୍ରତିଯୋଗୀ ବୋଲି ଲଗାଇବାକୁ ଇଚ୍ଛା ବ୍ୟକ୍ତ କରିଛନ୍ତି । ସେହିପରି ମଣିପାଲ ଗ୍ରୁପର ଚେୟାରମ୍ୟାନ ରଞ୍ଜନ ପାଇ ମଧ୍ୟ ଏହି ଫ୍ରାଞ୍ଚାଇଜିରେ ନିଜର ସ୍ଥାନ ଖୋଜୁଛନ୍ତି । ତେବେ କନସୋର୍ଟିୟମକୁ ନେଇ କଥାବାର୍ତ୍ତା ଜାରି ରହିଛି ଓ ଖୁବ୍ ଶୀଘ୍ର ଚୂଡ଼ାନ୍ତ ବୋଲି ଲାଗି ପାରେ ବୋଲି ଆଶା କରାଯାଉଛି ।

# ଭିଜି ଟ୍ରଫି ଖେଳିବେ କେନ୍ଦୁଝରର ସାର୍ଥକ



କେନ୍ଦୁଝର,୨୮ ।୨(ସବ୍ୟୁ): ବିସିସିଆଇ (ବୋର୍ଡ ଅଫ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ ଇଣ୍ଡିଆ) ଆନୁକୁଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଆନ୍ତବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭିଜି ଟ୍ରଫିରେ ଇଷ୍ଟ ଜୋନ ତରଫରୁ ଖେଳିବା ପାଇଁ କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳୀ ସାର୍ଥକ ସତ୍ୱଂପ୍ରକାଶ ଚୟନ ହୋଇଛନ୍ତି । ମାର୍ଚ୍ଚ ୧ ତାରିଖରୁ ଗୋଆରେ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଇଷ୍ଟ ଜୋନ ସହିତ ଓ୍ୱେଷ୍ଟ ଜୋନ, ନର୍ଥ ଜୋନ ଓ ସାଉଥ ଜୋନ ଅଂଶ ଗ୍ରହଣ କରିବେ । ସୂଚନା ଯୋଗ୍ୟ ଯେ, ୨୦୨୪ ଓ୨୦୨୫ବର୍ଷରେ ସାର୍ଥକ ଓଡ଼ିଶା ରାଜ୍ୟ ଅଣ୍ଡର -୧୯ କ୍ରିକେଟ ଟିମ ରେ ସାମିଲ ହୋଇ କୁଚ ବିହାର ଟ୍ରଫିରେ ଖେଳିଛନ୍ତି । ୨୦୨୧ ମସିହାରେ ଅଣ୍ଡର-୧୬ ଓଡ଼ିଶା ରାଜ୍ୟ କ୍ରିକେଟ ଟିମ ରେ ବିଜୟ ମରଚାଣ୍ଟ ଟ୍ରଫି ରେ ଖେଳିବା ପାଇଁ ସାମିଲ ହୋଇଥିଲେ । ସାର୍ଥକ ନିର୍ମଳା କନଭେନଫ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ ଏବଂ ବର୍ତ୍ତମାନ ରେଭେନସା ୟୁନିଭରସିଟି କଟକରେ ୩ ପ୍ରଥମବର୍ଷ କଳାରେ ଅଧ୍ୟୟନରତ ଏବଂ ଚଳିତ ବର୍ଷ ରେଭେନ୍ସା ବିଶବିଦ୍ୟାଳୟ କ୍ରିକେଟ ଟିମ ର ଅଧିନାୟକ ମଧ୍ୟ ହୋଇଛନ୍ତି । ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶ ଚନ୍ଦ୍ର ହୋତା ଏବଂ ବୋଦାପଳସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଇଷ୍ଟ ଜୋନ ଟିମ ରେ ସ୍ଥାନ ପାଇ ବେଶ ଖୁସି ଅଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

# କଳାଙ୍ଗ ପ୍ରିମିୟର ଲିଗ୍ . ଫାଇନାଲରେ ଏକତାଳ ଦଳ

ବୋଲଗଡ଼,୨୮ ।୨(ସବ୍ୟୁ): ବୋଲ ଗଡ଼ବ୍ଲକ ଅନ୍ତର୍ଗତ କଳାଙ୍ଗ ଗୋଛାବରୀ ପଡ଼ିଆରେ ଚାଲିଥିବା ୨୧ତମ କଳାଙ୍ଗ ପ୍ରିମିୟର ଲିଗ୍ ଶନିବାର ଦିନ ଥିଲା ୨ୟ ସେମିଫାଇନାଲ ମ୍ୟାଚ୍ | ଏଥିରେ ଏକ ତାଳ ଓଭାଲିଆଡିହ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଏକ ତାଳଦଳ ନିର୍ଦ୍ଧାରିତ ୧୬ ଓ ଭରରେ ୬ୱିକେଟ ହରାଇ ୧୪୪ ରନ୍ କରିଥିଲା । ଜବାବରେ ୨ୟ ପାଳିରେ ଭାଲିଆଡ଼ିହ ଦଳ ୭ ଓ ଭରରେ ସମସ୍ତ ୱିକେଟ ହରାଇ ମାତ୍ର ୪୩ ରନ୍ କରିବାରେ ସକ୍ଷମ ହୋଇଥିଲା | ଏଥିରେ ଏକ ତାଳଦଳ ୧୦୧ରନ୍ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଖେଳକୁ ପରିଚାଳନା କରିଥିଲେ ସର୍ବେଶ୍ୱର ସାହୁ, ଓ ଜାକିର ରୋସନ | ଆୟୋଜକ କଳାଙ୍ଗ ଗ୍ରାମ ର ସନ୍ସାଇନି କ୍ରିକେଟ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟରେ ଆଜି ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ | ଅନ୍ୟତମ ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଗଙ୍ଗାଧର ଦାଶ , ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ହୋତା । ପ୍ରସନ୍ନ କୁମାର ସାମନ୍ତରାୟ , ଭଗବାନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । କ୍ଲବର ସଭାପତି ଅତୁଲ୍ୟ ନିଶଙ୍କ , ଉପଦେଷ୍ଟା ସଂଗ୍ରାମ କୁମାର ସାହୁ, ସଂପାଦକ ଚିନ୍ମୟ ହୋତା ଆୟୋଜକ ଥିଲେ |



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି